ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-165 ◆THURSDAY ◆11 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୫ ◆ଗୁରୁବାର ◆୧୧ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଅନ୍‌ମୋଲ୍ ଏକ୍କାଙ୍କ ଦମ୍‌ଦାର୍ ଗୋଲ୍

▶ପୃଷ୍ଠା ୧୨ ଦେଖନ୍ତୁ...

# ମହାନଦୀ ପାଇଁ ଉଚ୍ଚସ୍ତରୀୟ କମିଟି

## ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ, ୩ ମନ୍ତ୍ରୀ ଓ ୪ ବିଧାୟକ ସଦସ୍ୟ

■ **ଭୁବନେଶ୍ୱର, ୧୦।୧୨ (ସମିସ):** ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି କମିଟିରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ଜୟନାରାୟଣ ମିଶ୍ର ଓ ସୋଫିଆ ଫିର୍ଦ୍ଦୋଶ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ



### ଛତିଶଗଡ଼ ସହ ଜଳବିବାଦ

ରାଜ୍ୟର ବୈଷୟିକ ଏବଂ ପ୍ରଶାସନିକସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ୨୦ ତାରିଖରେ ମହାନଦୀ ଜଳବିବାଦ ମାମଲାର ୪୭ତମ ଶୁଣାଣି ହେବ। ଆପୋସ ବୁଝାମଣା ମାଧ୍ୟମରେ ବିବାଦର ସମାଧାନ ପାଇଁ ରାଜ୍ୟ ସରକାର ଜୋର୍ ଦେଇ ଆସୁଛନ୍ତି। ଏଥିପାଇଁ ଉଭୟ ରାଜ୍ୟ ମଧ୍ୟ ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି। ତେବେ ଏହି ଆପୋସ ବୁଝାମଣାର ମୂଳ ସର୍ତ୍ତ କଣ ଏବଂ କେଉଁ ବିଷୟବସ୍ତୁ ଉପରେ ଆଧାରିତ, ତାହାକୁ ସାର୍ବଜନୀନ କରିବାକୁ ଦାବି କରି ଆସୁଛନ୍ତି ମହାନଦୀ ଆନ୍ଦୋଳନ ସହ ଜଡ଼ିତ ସାମାଜିକ ସଂଗଠନ। ଏପରିସ୍ଥଳେ ରାଜ୍ୟ ସରକାରଙ୍କ କମିଟି ଗଠନ ପଦକ୍ଷେପକୁ ନେଇ ସେମାନେ ମତାମତ ରଖିଛନ୍ତି। ଏପରି ଏକ ଉଚ୍ଚସ୍ତରୀୟ ସର୍ବଦଳୀୟ କମିଟି ବହୁଦିନ ▶ପୃଷ୍ଠା-୭

# ନକଲି ଘିଅ ପରେ ତିରୁମାଲାରେ ରେଶମ ଦୁପଟ୍ଟା ଦୁର୍ନୀତି



■ **ତିରୁପତି, ୧୦।୧୨ (ଏଜେନ୍ସି):** ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିରରେ ଏବେ ଏକ ନୂଆ ଦୁର୍ନୀତିର ପର୍ଦ୍ଦାଫାସ ହୋଇଛି। ପ୍ରସାଦ ଭାବେ ଦିଆଯାଉଥିବା ନକଲି ଘିଅର ଲଡୁ ପରେ ଅଙ୍ଗବସ୍ତ୍ର ଅର୍ଥାତ ଦୁପଟ୍ଟା ନେଇ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ ଜଣେ ଠିକାଦାର ନିରନ୍ତର ଭାବେ ଶୁଦ୍ଧ ସିଲ୍‌କ ଦୁପଟ୍ଟା ବଦଳରେ ଶତ ପ୍ରତିଶତ ପଲିଷ୍ଟର ଦୁପଟ୍ଟା ଯୋଗାଇଥିଲେ। ସିଲ୍‌କ ଦୁପଟ୍ଟା ନାମରେ ହିଁ ବିଲିଂ କରାଯାଇଛି।

**ପଲିଷ୍ଟରକୁ ସିଲ୍‌କ କହି ବିକ୍ରି କାରାଯାଉଥିଲା**

**୧୦ ବର୍ଷରେ ୫୪ କୋଟିର ଦୁର୍ନୀତି**

ଏହି ପିଲିଷ୍ଟର ଦୁପଟ୍ଟାର ପ୍ରକୃତ ମୂଲ୍ୟ ୩୫୦ ଟଙ୍କା ଥିଲା। କିନ୍ତୁ ଏହାକୁ ମନ୍ଦିର ପରିଚାଳନା କରୁଥିବା ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ୧,୩୦୦ ଟଙ୍କାରେ କିଣୁଥିଲା। ଦୁର୍ନୀତିର ଏହି ପ୍ରକ୍ରିୟା ୨୦୧୫ରୁ ଆରମ୍ଭ ହୋଇ ୨୦୨୫ ପର୍ଯ୍ୟନ୍ତ ଚାଲିଥିଲା ବୋଲି କୁହାଯାଇଛି। ଏହି ସମୟ ମଧ୍ୟରେ ଟିଟିଡି ସମ୍ପୃକ୍ତ ଠିକାଦାରଙ୍କୁ ୫୪ କୋଟି ଟଙ୍କା ପ୍ରଦାନ କରିଥିଲା। ଟିଟିଡି ବୋର୍ଡ ଅଧ୍ୟକ୍ଷ ବିଆର ନାଇଡୁ ତଦନ୍ତ ଆରମ୍ଭ କରିଥିଲେ ଓ ଏହାପରେ ସମ୍ପୂର୍ଣ୍ଣ ମାମଲା ସାମ୍ନାକୁ ଆସିଥିଲା।

ନାଇଡୁଙ୍କ କହିବା ଅନୁଯାୟୀ ମନ୍ଦିରରେ ଦାନ ଦେଉଥିବା ବଡ଼ ଦାନକର୍ତ୍ତା ପ୍ରସାଦ ଭାବେ ସିଲ୍‌କ ଦୁପଟ୍ଟା ଚଢ଼ାଇଥାନ୍ତି। ଏହା ବ୍ୟତୀତ ବେଦାଶୀର୍ବଚନମ ଭଳି ପୂଜା- ଅନୁଷ୍ଠାନରେ ସିଲ୍‌କ ଦୁପଟ୍ଟାର ବ୍ୟବହାର ହୋଇଥାଏ। ▶ପୃଷ୍ଠା-୭

# ଶୀତ ଲହରୀ ଆଉ ୨ ଦିନ



■ **ଭୁବନେଶ୍ୱର, ୧୦।୧୨ (ସମିସ):** ସାରା ରାଜ୍ୟରେ ଜାରି ରହିଛି ଥଣ୍ଡାର ପ୍ରଭାବ। ତାପମାତ୍ରା ତଳ ମୁହାଁ ହେତୁ ବିଭିନ୍ନ ଅଞ୍ଚଳରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୫ ଡିଗ୍ରୀକୁ ଖସିଛି। ସେହିପରି ସେମିଳିଗୁଡ଼ାରେ ମଧ୍ୟ ସମାନ ଅର୍ଥାତ ତାପମାତ୍ରା ୫ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୬.୫, ଝାରସୁଗୁଡାରେ ୭, ଭବାନୀପାଟଣାରେ ୮.୮, ଦାରିଙ୍ଗବାଡିରେ ୯, ଅନୁଗୁଳରେ ୯, ରାଉରକେଲାରେ ୯.୧, ସୁନ୍ଦରଗଡ଼ ୯.୨, ନବରଙ୍ଗପୁରରେ ୯.୮, ବଲାଙ୍ଗିରରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଅନୁସାରେ ଝାରସୁଗୁଡ଼ାର ▶ପୃଷ୍ଠା-୭

# ୟୁନେସ୍କୋ ବିଶ୍ୱ ଐତିହ୍ୟ ସୂଚୀରେ ଦୀପାବଳି

■ **ଜାକର୍ତ୍ତା, ୧୦।୧୨ (ଏଜେନ୍ସି):** ସନାତନ ପରମ୍ପରାର ସବୁଠାର ବଡ଼ ପର୍ବ ଦୀପାବଳିକୁ ୟୁନେସ୍କୋର ବିଶ୍ୱ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରାଯାଇଛି। ବୁଧବାର ୟୁନେସ୍କୋ ଜାତିସଂଘ ଶିକ୍ଷା, ବୈଜ୍ଞାନିକ ତଥା ସଂସ୍କୃତିକ ସଂଗଠନର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକା ଘୋଷଣା କରିଛି। ଏହି ତାଲିକାରେ ଦୀପାବଳି ସହିତ ଘାନା, ଜର୍ଜିଆ, କଙ୍ଗୋ, ଇଥିଓପିଆ ଓ ଇଜିପ୍ଟ ସହିତ ବହୁ ଦେଶର ସଂସ୍କୃତିକ ପ୍ରତୀକକୁ ସାମିଲ କରାଯାଇଛି। ଏହି ତାଲିକାରେ ଭାରତ ୧୫ଟି ଐତିହ୍ୟ ସାମିଲ ରହିଛି। ଏଥିରେ ଦୁର୍ଗାପୂଜା, କୁମ୍ଭମେଳା, ବୈଦିକ ମନ୍ତ୍ରୋଚାର, ରାମଲୀଳା, ଛଉନୃତ୍ୟ ମଧ୍ୟ ରହିଛି। ଦିଲ୍ଲୀରେ ୟୁନେସ୍କୋର ଅମୂଲ୍ୟ ଐତିହ୍ୟ ପାଇଁ ଆନ୍ତଃସରକାରୀ କମିଟିର ବିଂଶତମ ବୈଠକ ଚାଲୁଥିବା ବେଳେ ଏହି ନିଷ୍ପତ୍ତି ନିଆଯାଇଛି।




ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ଦୀପାବଳି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆତ୍ମା। ଏହି ପର୍ବକୁ ୟୁନେସ୍କୋ ଐତିହ୍ୟରେ ସାମିଲ ▶ପୃଷ୍ଠା-୭

# କଂଗ୍ରେସରେ ବିଦ୍ରୋହ: ବିଗୁଲ ଫୁଙ୍କିଲେ ମୋକିମ୍

**ସୋନିଆଙ୍କୁ ଲେଖିଲେ ପାଞ୍ଚ ପୃଷ୍ଠାର ଚିଠି**

**ଭକ୍ତଙ୍କ ନେତୃତ୍ୱକୁ ସିଧାସଳଖ ଚ୍ୟାଲେଞ୍ଜ**


**ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାର ପ୍ରସ୍ତାବ**

**ବାଦ ପଡ଼ିଲେ ନାହିଁ ପୂର୍ବ ସଭାପତି ଶରତ**



■ **ଭୁବନେଶ୍ୱର, ୧୦।୧୨ (ସମିସ):** ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ କଂଗ୍ରେସରେ କୁହୁଳୁଥିବା ନିଆଁ ଏବେ ହୁତହୁତ ଜଳିବା ଆରମ୍ଭ ହୋଇଛି। ଦଳର ନେତାମାନେ ଖୋଲାଖୋଲି ନିର୍ବାଚନ ପରିଚାଳନାକୁ ସମାଲୋଚନା କରୁଥିବା ବେଳେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍ ଫୁଙ୍କିଛନ୍ତି ବିଦ୍ରୋହର ବିଗୁଲ । ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଓ ବର୍ତ୍ତମାନର ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ସେ ଚାଲେଞ୍ଜ କରିଛନ୍ତି। ରାଜ୍ୟରୁ ଜାତୀୟସ୍ତରରେ ଦଳରେ ଚାଲିଥିବା ବ୍ୟବସ୍ଥା ସମ୍ପର୍କରେ ସେ ଦଳର ସର୍ବମାନ୍ୟ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ୫ ପୃଷ୍ଠା ଚିଠି ଲେଖି କଂଗ୍ରେସର ଆମୂଳଚୂଳ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି।

ମୋକିମ୍ ତାଙ୍କ ଚିଠିରେ ନିଜକୁ ଜଣେ ସଚ୍ଚା କଂଗ୍ରେସୀ ବୋଲି ଅଭିହିତ କରି ପିସିସି ସଭାପତି ରୂପେ ଶରତ ପଟ୍ଟନାୟକ ଓ ପରେ ଭକ୍ତ ଦାସଙ୍କ ନିଯୁକ୍ତି ଦ୍ୱାରା ଦଳ କିପରି ଓଡ଼ିଶାରେ ପ୍ରଭାବିତ ହୋଇଛି ତାହା ଉଲ୍ଲେଖ କରିଛନ୍ତି। ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ▶ପୃଷ୍ଠା-୭




# ସାମ୍ବାଦିକାଙ୍କୁ ଆଖିମାରିଲେ ପାକ୍ ସେନା ଅଧିକାରୀ



ଇସଲାମାବାଦ, ୧୦।୧୨ (ଏଜେନ୍ସି): ପାକିସ୍ତାନର ଜଣେ ସେନା ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ଜଣେ ମହିଳା ସାମ୍ବାଦିକାଙ୍କୁ ଆଖି ମାରିବା ଭଳି ଲଜ୍ଜାଜନକ କାର୍ଯ୍ୟ କରିଛନ୍ତି। ଫଳରେ ପାକ୍ ସେନା ଆଉଏକ ନୂଆ ବିବାଦରେ ଫସିଛି। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଅଧିକାରୀ ହେଉଛନ୍ତି ଇଣ୍ଟର-ସର୍ଭିସ ପବ୍ଲିକ ରିଲେସନ (ଆଇଏସ୍‌ପିଆର)ର ଡାଇରେକ୍ଟର ଜେନେରାଲ ତଥା ମୁଖପାତ୍ର ଅହମ୍ମଦ ସରିଫ ଚୌଧୁରୀ। ସାମ୍ବାଦିକା ଅବ୍‌ସା କୋମାନ ପୂର୍ବତନ ପ୍ରଧାମନନ୍ତ୍ରୀ ତଥା ପିଟିଆଇ ମୁଖ୍ୟ ଇମ୍ରାନ ଖାନଙ୍କୁ ନେଇ ପ୍ରଶ୍ନ ପଚାରିଥିଲେ। ଇମ୍ରାନଙ୍କ ବିରୋଧରେ ଜାତୀୟ ସୁରକ୍ଷା ବିପଦ, ରାଷ୍ଟ୍ର ବିରୋଧୀ ଧମକ ଓ ଦିଲ୍ଲୀ ନିର୍ଦ୍ଦେଶରେ କାର୍ଯ୍ୟକରିବା ଭଳି ଅଭିଯୋଗ ପୂର୍ବ ଅଭିଯୋଗଗୁଡିକଠାରୁ କିପରି ଭିନ୍ନ ଏବଂ ତାଙ୍କ ବିରୋଧରେ କୌଣସି ନୂତନ କର୍ଯ୍ୟାନୁଷ୍ଠାନ ଆଶା କରାଯାଉଛି କି ବୋଲି ପ୍ରଶ୍ନ କରିଥିଲେ। ଚୌଧୁରୀ କିନ୍ତୁ ଏହାର ଏକ ବ୍ୟଙ୍ଗାତ୍ମକ ଉତ୍ତର ଦେବାସହ ଇମ୍ରାନ ଜଣେ ମାନସିକ ରୋଗୀ ବୋଲି କହିଥିଲେ। ଏଥିସହ ସେ ଟିକେ ହସି ସାମ୍ବାଦିକାଙ୍କୁ ଆଖି ମାରିଥିଲେ। ଏହା ଦ୍ୱାରା ଦେଶ ଲଜ୍ଜିତ ହେଉଛି ଓ ପାକିସ୍ତାନ ପରିହାସର ପାତ୍ର ହୋଇଛି ବୋଲି କେତେଜଣ ୟୁଜର ଲେଖିଛନ୍ତି।



# ଲେଭିଟ୍‌ଙ୍କ ମୁଖ ସୁନ୍ଦର, ଓଠ ମେସିନଗନ୍ ଭଳି: ଟ୍ରମ୍ପ

ନ୍ୟୁୟର୍କ, ୧୦।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଟି ପୁଣି ଥରେ ଖସିଛି। ଡିସେମ୍ବର ୯ରେ ପେନସିଲଭାନିଆର ଏକ ରାଲିରେ ବକ୍ତବ୍ୟ ଦେଉଥିବା ବେଳେ ସେ ମୂଳ ପ୍ରସଙ୍ଗ ଛାଡି ୨୮ ବର୍ଷୀୟା ହ୍ୱାଇଟ୍ ହାଉସ ସଚିବ କାରୋଲିନ ଲେଭିଟ୍‌ଙ୍କ ସୌନ୍ଦର୍ଯ୍ୟର ପ୍ରଶଂସାରେ ଶତମୁଖ ହୋଇଥିଲେ। ୫ ପିଲାର ବାପା ୭୯ ବର୍ଷୀୟ ଟ୍ରମ୍ପଙ୍କ ପାଟିରୁ ଏହି କଥା ଶୁଣି ହାସ୍ୟରୋଳ ସୃଷ୍ଟି ହୋଇଥିଲା। ଟ୍ରମ୍ପ କହିଥିଲେ ଯେ ଲେଭିଟ୍‌ଙ୍କ ମୁଖ ବହୁତ ସୁନ୍ଦର ଓ ଓଠ ମେସିନଗନ ଭଳି ଚାଲୁଛି । ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ହଇଚଇ ସୃଷ୍ଟି କରିଛି। ଏହି ରାଲିରେ ଟ୍ରମ୍ପ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆର୍ଥିକ ସଫଳତା, ଦରଦାମ ଉପରେ ନିୟନ୍ତ୍ରଣ, ନିଯୁକ୍ତି ସୃଷ୍ଟି ନେଇ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେ କହିଥିଲେ ଯେ, ଆଜି ଆମେ ନିଜର ସୁପରଷ୍ଟାର ଲେଭିଟ୍‌ଙ୍କୁ ସାଙ୍ଗରେ ଆଣିଛୁ। ଏହାପରେ ସେ ତାଙ୍କର ପ୍ରଶଂସା କରିଥିଲେ। ଲେଭିଟ ଟ୍ରମ୍ପଙ୍କଠାରୁ ୫୧ ବର୍ଷ ଛୋଟ। ଲେଭିଟ ଟେଲିଭିଜନରେ କହୁଥିବା ବେଳେ ଚମତ୍କାର ଲାଗନ୍ତି। ଗତ ଅଗଷ୍ଟରେ ମଧ୍ୟ ସେ ଲେଭିଟ୍‌ଙ୍କୁ ନେଇ ନ୍ୟୁଜମ୍ୟାକ୍ସରେ ଏହି ଭଳି ମନ୍ତବ୍ୟ ଦେଇଥିଲେ। ଲେଭିଟଙ୍କୁ ଶ୍ରେଷ୍ଠ ପ୍ରେସ ସଚିବ ବୋଲି ସେ କହିଥିଲେ। ଉଲ୍ଲେଖଥାଉ କି, ଲେଭିଟି ଟ୍ରମ୍ପ ପ୍ରଶାସନରେ ପ୍ରଥମେ ୨୦୧୯ ରୁ ୨୦୨୧ ମଧ୍ୟରେ ଉପ ପ୍ରେସ ସଚିବ ଭାବେ କାର୍ଯ୍ୟ କରିଥିଲେ। ଲେଭିଟ୍‌ଙ୍କ ସ୍ୱାମୀ ୬୦ ବର୍ଷୀୟ ନିକୋଲାସ ରିକ୍କୋ ଜଣେ ରିୟଲ ଇଷ୍ଟେଟ୍ ଡେଭଲପର। ତାଙ୍କର ଜଣେ ପୁଅ ନିକୋ ଅଛନ୍ତି।

## କେନ୍ଦ୍ରକୁ ଦିଲ୍ଲୀ ହାଇକୋର୍ଟଙ୍କ ପ୍ରଶ୍ନ: ଇଣ୍ଡିଗୋ ଫେଲ୍, ସରକାର କ'ଣ କରୁଥିଲେ

# ୪ ହଜାର ଟିକଟ୍‌ର ଦାମ୍ ୪୦ ହଜାର ?

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଇଣ୍ଡିଗୋ ସଙ୍କଟକୁ ନେଇ ଦିଲ୍ଲୀ ହାଇକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଶତାଧିକ ବିମାନ ବାତିଲ ହେଉଥିବାବେଳେ ଭଡ଼ା ବୃଦ୍ଧି ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିଲେ ବୋଲି କହିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନବାଣ ମଧ୍ୟ ମାରିଛନ୍ତି। କୋର୍ଟ ପଚାରି ଥିଲେ ଯେ ଏୟାରଲାଇନ ବିଫଳ ହେବା ପରେ ସରକାର କ'ଣ କରିଥିଲେ? ଏଭଳି ସଙ୍କଟରେ ସ୍ଥିତିର ଲାଭ ଉଠାଇବାକୁ ଅନ୍ୟ ଏୟାରଲାଇନ ଗୁଡ଼ିକୁ କାହିଁକି ଦିଆଗଲା? ୪ ହଜାର ଟଙ୍କାର ଟିକଟ ମୂଲ୍ୟ ୩୫-୩୯ ହଜାର ଟଙ୍କା ପର୍ଯ୍ୟନ୍ତ କେମିତି ପହଞ୍ଚି ଗଲା? ଏୟାରଲାଇନ ଗୁଡ଼ିକ ଏତେ ଟଙ୍କା କେମିତି ନେଇପାରିବେ? ଏ ସବୁ କିପରି ହୋଇପାରିଲା? ଏ ନେଇ ସରକାର କି କାର୍ଯ୍ୟାନୁଷ୍ଠାନ ନେଲେ? ସରକାରଙ୍କ ହିଁ ଏଭଳି ସ୍ଥିତି ସୃଷ୍ଟି ହେବାକୁ ଦେଲେ ବୋଲି ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ ତୁଷାର ରାଓ ଗେଦେଲାଙ୍କ ଖଣ୍ଡପୀଠ କହିଛନ୍ତି। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି।

ଇଣ୍ଡିଗୋ ସଙ୍କଟର ନିରପେକ୍ଷ ନ୍ୟାୟିକ ଯାଞ୍ଚ ଦାବି ଏବଂ ବିମାନ ବାତିଲ ହେବା ଯୋଗୁଁ ବିମାନବନ୍ଦରରେ ଫସିଥିବା ଯାତ୍ରୀଙ୍କୁ ଆର୍ଥିକ କ୍ଷତିପୂରଣ ଦେବା ନିମନ୍ତେ ଏହି ଆବେଦନରେ ଦାବି କରାଯାଇଥିଲା। ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ଏହା କେବଳ ବ୍ୟକ୍ତିଗତ ଯାତ୍ରୀଙ୍କ ମାମଲା ନୁହେଁ, ବରଂ ଆର୍ଥିକ



**ଇଣ୍ଡିଗୋ ସିଇଓଙ୍କୁ ସମନ କଲା ଡିଜିସିଏ**

**ଇଣ୍ଡିଗୋ ଜାଣିଶୁଣି ଭୁଲ୍ କରିଛି: ମନ୍ତ୍ରୀ**

କ୍ଷତି ମଧ୍ୟ ହୋଇଛି। ଭବିଷ୍ୟତରେ ଯେଭଳି ଏପରି ସ୍ଥିତି ସୃଷ୍ଟି ନ ହେବ ତାହା ସରକାରଙ୍କୁ ସୁନିଶ୍ଚିତ କରିବାକୁ ହେବ। ମୁଖ୍ୟ ବିଚାରପତି କହିଥିଲେ ଯେ ଏୟାରଲାଇନର କର୍ମଚାରୀ ଯାତ୍ରୀଙ୍କ ସହ ସଠିକ ବ୍ୟବହାର କରିବା ପାଇଁ କି ପଦକ୍ଷେପ ନିଆଯାଇଛି? ପାଇଲଟଙ୍କ କାର୍ଯ୍ୟ ନିର୍ଘଣ୍ଟ ନିୟମାବଳୀକୁ ଠିକ୍ ସମୟରେ କାହିଁକି କାର୍ଯ୍ୟକାରୀ କରାଗଲାନି ବୋଲି ପଚାରି ଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) କୋର୍ଟଙ୍କୁ ସୂଚନା ଦେଇଥିଲେ। ତେବେ ହାଇକୋର୍ଟ କହିଥିଲେ ଯେ ସଙ୍କଟ ସୃଷ୍ଟି ହେବା ପରେ ସରକାର ଏହି ପଦକ୍ଷେପ ନେଇଥିଲେ। କିନ୍ତୁ ପ୍ରଶ୍ନ ଏହା ନୁହେଁ। ଏଭଳି ସ୍ଥିତି କାହିଁକି ସୃଷ୍ଟି ହେଲା? ଆଉ ସରକାର କ'ଣ କରୁଥିଲେ? ପାଇଲଟଙ୍କୁ କାହିଁକି ଅଧିକ କାମ କରିବାକୁ ଦିଆଗଲା? ଏହାକୁ ରୋକିବା ପାଇଁ କି କାର୍ଯ୍ୟାନୁଷ୍ଠାନ ନିଆଯିବ? ଜବାବରେ ଏଏସଜି କୋର୍ଟଙ୍କୁ ଜଣାଇ ଥିଲେ ଯେ ଇଣ୍ଡିଗୋକୁ ଡିଜିସିଏ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଇଣ୍ଡିଗୋ କ୍ଷମା ମାଗିବା ସହ ଏହାର ଜବାବ ଦେଇଛି। ଏହାକୁ ନେଇ କୋର୍ଟ ସ୍ଥିତି ସମ୍ଭାଳିବା ପ୍ରୟାସକୁ ପ୍ରଶଂସା କରିଥିଲେ, କିନ୍ତୁ ସ୍ଥିତି ଏଭଳି ହେବାକୁ କାହିଁକି ଦିଆଗଲା ବୋଲି ପଚାରି ଥିଲେ। ଏହା ହିଁ ଚିନ୍ତାର ବିଷୟ। ବିନା ସହାୟତାରେ ଲକ୍ଷାଧିକ ଯାତ୍ରୀ ବିମାନବନ୍ଦରରେ ଫସି ରହିଥିଲେ। ଏହା କେବଳ ଯାତ୍ରୀଙ୍କ ପାଇଁ ନୁହେଁ, ସମଗ୍ର ଅର୍ଥ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିଥିଲା। ସରକାରଙ୍କ ହସ୍ତକ୍ଷେପ ସତ୍ତ୍ୱେ ଇଣ୍ଡିଗୋ ସମସ୍ୟା କମ୍ ହେବାର ନା ଧରୁନି। ଇଣ୍ଡିଗୋ ସଙ୍କଟ ବୁଧବାର ନବମ ଦିନରେ ପହଞ୍ଚିଛି। ପରିଚାଳନା ଗତ ସମସ୍ୟାରୁ ଇଣ୍ଡିଗୋ ବାହାରି ପାରୁନି କି ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳୁନାହିଁ। ଆଜି ଏହି ଏୟାରଲାଇନ ୨୨୦ରୁ ଅଧିକ ବିମାନକୁ ବାତିଲ କରିଦେଇଛି।

ଏହା ମଧ୍ୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ (ଡିଜିସିଏ) ଇଣ୍ଡିଗୋ ସିଇଓ ପିଟର୍ସ ଏଲବର୍ସଙ୍କୁ ସମନ ଜାରି କରିଛି। ତାଙ୍କୁ ଗୁରୁବାର ହାଜର ହେବା ପାଇଁ କୁହାଯାଇଛି। ଏବେ ଇଣ୍ଡିଗୋ ସଙ୍କଟକୁ ନେଇ ଡିଜିସିଏ ବି କେନ୍ଦ୍ର ସରକାରଙ୍କ ଯାଞ୍ଚ ରାଡାରରେ ରହିଛି।

# ସଂସଦରେ ଏସ୍ଆଇଆର ଝଡ଼: ଶାହ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଲୋକସଭାରେ ନିର୍ବାଚନ ସଂସ୍କାର ତଥା ଏସ୍ଆଇଆର ଉପରେ ବିତର୍କ ସମୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ମୁହାଁମୁହିଁ ହୋଇଛନ୍ତି। ଭୋଟର ତାଲିକାରେ ଅନିୟମିତତାକୁ ନେଇ ରାହୁଲ ସାମ୍ବାଦିକ ସମ୍ମିଳନୀ କରି ଲଗାଇଥିବା ଅଭିଯୋଗ ଉପରେ ଶାହାଙ୍କୁ ଖୋଲା ବିତର୍କର ଆହ୍ୱାନ ଦେଇଛନ୍ତି। ଏହାର ଜବାବରେ ଶାହା କହିଥିଲେ ଯେ, ମୁଁ କ'ଣ କହିବି ଏବଂ କେଉଁ କ୍ରମରେ କହିବି ତାହା କେହି ନିର୍ଦ୍ଦେଶ ଦେଇପାରିବେ ନାହିଁ। ମାତ୍ର ରାହୁଲ ଏଇଠି ଅଟକି ଯାଇ ନ ଥିଲେ। କଥାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଭୟଭୀତ ହୋଇ ଯାଇଥିବା ଜଣାପଡୁଛି। ଭୟରେ ଏପରି ପ୍ରତିକ୍ରିୟା ଦେଉଛନ୍ତି ବୋଲି ରାହୁଲ କହିଥିଲେ। ଜବାବରେ ଶାହା କହିଥିଲେ ଯେ, ତାଙ୍କ ଉସୁକାଇବାରେ ମୁଁ ଆସିଯିବି ନାହିଁ। ଭାଷଣ କ'ଣ ଦେବି ତାହା ନିଜେ ସ୍ଥିର କରିବି। ବିରୋଧୀ ନେତା ମିଛ କହୁଛନ୍ତି ବୋଲି ଆମେ କହୁନୁ। ଭୋଟର ତାଲିକାରେ ଥିବା ଅନିୟମିତତା ଦୂର କରିବା ପାଇଁ ଏସଆଇଆର ଜାରି ରହିଛି। କେବଳ ଉପଯୁକ୍ତ ଭୋଟରଙ୍କୁ ମତଦାନ ଅଧିକାର ଦେବା ଏହାର ଉଦ୍ଦେଶ୍ୟ। ଯେତେବେଳେ ବିରୋଧୀ ଜିତୁଛନ୍ତି ସେତେବେଳେ ଭୋଟର ତାଲିକା ଠିକ୍ ଅଛି। ଆଉ ନୂଆ ପୋଷାକ ପିନ୍ଧି ଶପଥ ନେଇ ଯାଉଛନ୍ତି। କିନ୍ତୁ ବିହାର ଆଦିରେ ହାରିଗଲେ ଭୋଟର ତାଲିକାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ଏଭଳି ଦୋମୁହାଁ ନୀତି ଚଳିବ ନାହିଁ।

ଶାହା ନିର୍ବାଚନ ସଂସ୍କାର, ଇଭିଏମ, ମୁଖ୍ୟ ନିର୍ବାଚନ କମିସନର (ସିଇସି) ନିଯୁକ୍ତି, ନେହେରୁ, ଇନ୍ଦିରା, ପଶ୍ଚିମବଙ୍ଗ, ବାଂଲାଦେଶୀ ଅନୁପ୍ରବେଶକାରୀ ଏବଂ କଂଗ୍ରେସର ଭୋଟ ଚୋରି ଉପରେ ଟିପ୍ପଣୀ ଦେଇଥିଲେ। ରାହୁଲ ପଚାରି ଥିବା ତିନି ପ୍ରଶ୍ନର ମଧ୍ୟ ଉତ୍ତର ରଖିଥିଲେ। ଏହି ସମୟରେ ୭ ଥର

- **ଭୋଟ ଚୋରି ଉପରେ ମୋ ସହ ବିତର୍କ କର: ରାହୁଲ**
- **ଗୃହରେ କ'ଣ କହିବି ତାହା ମୋ ଉପରେ ନିର୍ଭର କରେ: ଶାହା**

ହଙ୍ଗାମା ହୋଇଥିଲା। ଶେଷରେ କଂଗ୍ରେସ ସଦସ୍ୟ ଗୃହତ୍ୟାଗ କରିଥିଲେ। ଏହାକୁ ନେଇ ଶାହା କହିଥିଲେ, ଆମେ ବାଂଲାଦେଶୀଙ୍କୁ ଦେଶରୁ ବାହାରି କରିବାକୁ ଚାହୁଁଛୁ। ୨୦୦ ଥର କକ୍ଷତ୍ୟାଗ କଲେ ମଧ୍ୟ ଅନୁପ୍ରବେଶକାରୀଙ୍କୁ ଭାରତରେ ପଶିବାକୁ ଦିଆଯିବନି। ସାମ୍ବିଧାନିକ ପ୍ରକ୍ରିୟାରେ ଅନୁପ୍ରବେଶକାରୀଙ୍କୁ ବାହାର କରାଯିବ।

ରାହୁଲଙ୍କ ହାଇଡ୍ରୋଜେନ ବୋମାକୁ ତାଚ୍ଛଲ୍ୟ କରି ଶାହା କହିଥିଲେ ଯେ ବିରୋଧୀ ନେତା ଭୋଟ ଚୋରି ପ୍ରସଙ୍ଗ ଉଠାଉଛନ୍ତି। କିନ୍ତୁ କିଛି ପରିବାର ପିଢ଼ି ପରେ ପିଢ଼ି ଭୋଟ ଚୋରି କରି ଆସିଛନ୍ତି। ସେ ନେହେରୁ-ଗାନ୍ଧୀ ପରିବାରକୁ ଆକ୍ଷେପ କରି ଏହି ଟିପ୍ପଣୀ ଦେଇଥିଲେ। ସ୍ୱାଧୀନତା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ହେବା ପାଇଁ ପ୍ରଥମେ ଭୋଟ ଚୋରି ହୋଇଥିଲା। ସେହିପରି ଇନ୍ଦିରା ଗାନ୍ଧୀ



ରାୟବରେଲିରେ ଭୋଟ ଚୋରି କରିଥିଲେ। ଏହାକୁ ଲୁଚାଇବା ପାଇଁ ସେ ଏକ ଆଇନ ଆଣିଥିଲେ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ ହେବାର ନିୟମ ଥିଲା। ସିଇସିଙ୍କୁ ଇମ୍ୟୁନିଟି ଦେବା ପ୍ରସଙ୍ଗ ରାହୁଲ ଉଠାଉଛନ୍ତି। ତେବେ ଏହା କ'ଣ ଥିଲା ବୋଲି ଶାହା ପ୍ରଶ୍ନ କରିଥିଲେ। ଆଜି କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ସେହି ଇଭିଏମ ଉପରେ ପ୍ରଶ୍ନ ଉଠାଉଛନ୍ତି ଯାହାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଣିଥିଲେ ବୋଲି ଶାହା କହିଥିଲେ।

# ଇସ୍ତଫା ଦେଇପାରନ୍ତି ଆମେରିକା ପ୍ରତିରକ୍ଷା ମନ୍ତ୍ରୀ

ୱାସିଂଟନ, ୧୦।୧୨(ଏଜେନ୍ସି): ଆମେରିକା ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହେଗ୍‌ସେଥ ଇସ୍ତଫା ଦେବାର ସମ୍ଭାବନା ସୃଷ୍ଟି ହୋଇଛି। କାରଣ ତାଙ୍କ ବିରୋଧରେ କାରିବିୟାନ ସାଗରରେ ଦୁଇଜଣ ନିରସ୍ତ୍ର ବ୍ୟକ୍ତିଙ୍କୁ ଡ୍ରୋନ ଆକ୍ରମଣରେ ହତ୍ୟା କରିଥିବା ଅଭିଯୋଗ ଲାଗିଛି। ଏହାକୁ ନେଇ ତାଙ୍କ ପଦ ଏବେ ବିପଦରେ। ଡ୍ରୋନ ଆକ୍ରମଣ ନେଇ ୪୦ ମିନିଟ୍‌ର ଭିଡିଓକୁ ଉପରେ ଚର୍ଚ୍ଚା ଆରମ୍ଭ ହୋଇଛି। ଏବେ ଡେମୋକ୍ରାଟିକ ପାର୍ଟି ହେଗସେଥଙ୍କ ଇସ୍ତଫା ଦାବି କରୁଛି। ଫଳରେ ତାଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଟ୍ରମ୍ପଙ୍କ ଉପରେ ଚାପ ବୃଦ୍ଧି ପାଉଛି। ଡ୍ରଗ୍ସ ଚୋରା ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା। ସେପ୍ଟେମ୍ବର ୨ରେ ଆମେରିକୀୟ ସେନା କାରବିୟାନ ସାଗରରେ ଏକ ନୌକା ଉପରେ ଆକ୍ରମଣ କରିଥିଲା। ହେଗ୍‌ସେଥ ସମସ୍ତଙ୍କୁ ମାରିବାକୁ ଆଦେଶ ଦେଇଥିଲେ। ଏହି ନୌକାରେ ୧୧ ଜଣ ଥିଲେ। ଡ୍ରୋନ ଆକ୍ରମଣରେ ୯ ଜଣ ମୃତ୍ୟୁବରଣ କରିଥିଲେ ଓ ୨ ଜଣ ଆହତ ହୋଇଥିଲେ। କିନ୍ତୁ ଏହାପରେ ଦ୍ୱିତୀୟଥର ପାଇଁ ଡ୍ରୋନ ଆକ୍ରମଣ ହୋଇଥିଲା। ଫଳରେ ଆହତ ହୋଇଥିବା ଦୁଇଜଣ ମୃତ୍ୟୁବରଣ କରିଥିଲେ। ଏହି ଦୁଇଜଣ ଲୋକ ନିରସ୍ତ୍ର ଥିଲେ ଓ ସାହାଯ୍ୟ ଚାହୁଁଥିବା ବେଳେ ମଧ୍ୟ ତାଙ୍କ ଉପରେ ଆକ୍ରମଣ କରାଯିବାକୁ ହେଗସେଥ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୃତ୍ୟୁବରଣ କରିଥିବା ଏହି ଲୋକମାନଙ୍କ ସହ ନିଶାଦ୍ରବ୍ୟ ଚୋରା ଚାଲାଣ ନେଇ କୌଣସି ସମ୍ପର୍କ ଥିବା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ମଧ୍ୟ ହେଗସେଥ କେତୋଟି ବିବାଦୀୟ ନିଷ୍ପତ୍ତି ନେଇ ଚର୍ଚ୍ଚିତ ହୋଇଥିଲେ।

# ସୁରତ ଟେକ୍ସଟାଇଲ୍ ମାର୍କେଟ୍‌ରେ ଅଗ୍ନିକାଣ୍ଡ

ସୁରତ, ୧୦।୧୨(ଏଜେନ୍ସି): ସୁରତର ପରଭାତ ପଟିୟା ଅଞ୍ଚଳରେ ଥିବା ରାଜ ଟେକ୍ସଟାଇଲ୍ ମାର୍କେଟ୍‌ରେ ବୁଧବାର ସକାଳ ୭ଟାରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ସୂଚନା ପାଇବା ମାତ୍ରେ ୧୫ଟି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁ ଲାଗିବା ପରେ ମାର୍କେଟକୁ ଖାଲି କରାଯାଇଥିଲା। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି ବୋଲି କୁହାଯାଇଛି। ନିଆଁକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟରେ ପଖାପାଖି ୧୦୦ରୁ ୧୨୫ ଜଣ ଅଗ୍ନିଶମ ଅଧିକାରୀ ଲାଗି ପଡ଼ିଛନ୍ତି। କପଡ଼ାର ମାର୍କେଟ ହୋଇଥିବାରୁ ନିଆଁ ଉପରେ ନିୟନ୍ତ୍ରଣ ପାଇବା ପାଇଁ ସମୟ ଲାଗିଥିଲା। ତେବେ ନିଆଁ ଲାଗିବା କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

# ପିଏମ୍‌ଓରେ ମୋଦୀ-ରାହୁଲ ୮୮ ମିନିଟ ଚର୍ଚ୍ଚା



ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ସଂସଦର ଶୀତ ଅଧିବେଶନ ଜାରି ରହିଥିବାବେଳେ ପିଏମଓରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ମଧ୍ୟରେ ୮୮ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା ହୋଇଛି। ଏହାକୁ ନେଇ ସଂସଦୀୟ କରିଡରରେ ନାନା କଳ୍ପନାଜଳ୍ପନା କରାଯାଉଛି। ତେବେ ମୁଖ୍ୟ ସୂଚନା କମିଶନର ପ୍ରାର୍ଥୀ ବାଛିବା ପାଇଁ ଏହି ବୈଠକ ହୋଇଥିଲା। ଏହି ବୈଠକ ପାଇଁ ରାହୁଲ ୧ଟାରେ ପିଏମଓରେ ପହଞ୍ଚି ଥିଲେ। ତେବେ ଏହା ୧ଟା୦୭ରେ ଆରମ୍ଭ ହୋଇଥିଲେ। ଏଥିରେ ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ରାହୁଲ ବିଭିନ୍ନ ନିଯୁକ୍ତି ନେଇ ଚର୍ଚ୍ଚା କରିଥିଲେ। ୮୮ ମିନିଟ ପରେ ରାହୁଲ ବାହାରି ସିଆଇସିଙ୍କ ସମେତ ୮ ଜଣ ସୂଚନା କମିଶନର ଏବଂ ଭିଜିଲାନ୍ସ କମିଶନରଙ୍କ ନିଯୁକ୍ତି ଉପରେ ଆଲୋଚନା ହୋଇଥିବା କହିଥିଲେ। ସେ ଏହି ନିଯୁକ୍ତିକୁ ନେଇ ଲିଖିତ ଆକାରରେ ଆପତ୍ତି ପ୍ରକାଶ କରିଥିଲେ। ତେବେ ୮୮ ମିନିଟ ପର୍ଯ୍ୟନ୍ତ ଏଭଳି କେଉଁ ଚର୍ଚ୍ଚା ହୋଇଥିଲା ବୋଲି ପ୍ରଶ୍ନ ଉଠୁଛି। ଏବେ ସିଆଇସିରେ ୮ଟି ଖାଲି ପଦବୀ ରହିଛି। ସେପ୍ଟେମ୍ବର ୧୩ରେ ହୀରାଲାଲ ସମରିଆ ଅବସର ଗ୍ରହଣ କରିବା ଦିନଠାରୁ ସିଆଇସି ପଦ ଖାଲି ରହିଛି। ଏହେ ସୂଚନା କମିଶନର ଆନନ୍ଦୀ ରାମଲିଙ୍ଗମ ଏବଂ ବିନୋଦ କୁମାର ତିୱାରୀ କାର୍ଯ୍ୟ ସମ୍ଭାଳୁଛନ୍ତି। ସିଆଇସି ୱେବସାଇଟ ଅନୁଯାୟୀ, ଏବେ ୩୦, ୮୩୮ ମାମଲା ପଡ଼ି ରହିଛି।

# ଦୁର୍ନୀତିଗ୍ରସ୍ତ ଦେଶ: ୯୬ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ବିଶ୍ୱ ଅନେକ ଦେଶରେ ଦୁର୍ନୀତି ଏକ ପ୍ରମୁଖ ସମସ୍ୟା ରହିଛି। ସାଧାରଣ ଲୋକେ ଗୁଜରାଣ ମେଣ୍ଟାଇବା ପାଇଁ ସଂଘର୍ଷ କରୁଥିବାବେଳେ ଅଧିକାଂଶ ନେତା, ଅଧିକାରୀ, ମନ୍ତ୍ରୀ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ଏହା ଜୀବନ, ଅର୍ଥନୀତି ଏବଂ ସାର୍ବଜନୀନ ବ୍ୟବସ୍ଥା ଉପରେ ପ୍ରଭାବ ପକାଉଛି। ଏପରି ସମୟରେ ଟ୍ରାନ୍ସପାରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ କରପସନ ପ୍ରିସିପସନ ଇଣ୍ଡେକ୍ସ (ସିପିଆଇ) ଜାରି ହୋଇଛି। ୨୦୨୪ର ଏହି ତାଲିକା ସାରା ବିଶ୍ୱରେ ଦୁର୍ନୀତି ବ୍ୟାପିଥିବା ଦର୍ଶାଯାଇଛି। ନିର୍ଭର ସୂତ୍ର, ସର୍ଭେ, ଅଧ୍ୟୟନ ଏବଂ ବ୍ୟାବସାୟିକ ନେତୃତ୍ୱଙ୍କ ମତ ଆଧାରରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ଏହି ଦୁର୍ନୀତି ଗ୍ରସ୍ତ ଦେଶ ତାଲିକାରେ ସାଉଥ ସୁଦାନ ଶୀର୍ଷରେ ରହିଛି। ଶହେ ମାର୍କ ମଧ୍ୟରୁ ଏହା ମାତ୍ର ୮ ମାର୍କ ପାଇଛି। ଏହା ଦୁର୍ନୀତିର ଭୟଙ୍କର ରୂପକୁ ଦର୍ଶାଉଛି। ସେହିପରି ଦ୍ୱିତୀୟ ସ୍ଥାନରେ ସୋମାଲିଆ, ତୃତୀୟରେ ଭେନଜୁଏଲା ଏବଂ ଚତୁର୍ଥରେ ସିରିଆ ରହିଛି। ଗତ ବର୍ଷ ବିଶ୍ୱରେ ଦୁର୍ନୀତି ସ୍ତର ସବୁଠାରୁ ଉଚ୍ଚରେ ଥିଲା ବୋଲି କୁହାଯାଇଛି। ତେବେ ୨୦୧୨ ତୁଳନାରେ ୩୨ ଦେଶରେ ସ୍ଥିତି ସୁଧୁରିଛି। କିନ୍ତୁ ୧୪୮ ଦେଶରେ ସ୍ଥିତି ସମାନ କିମ୍ବା ଅଧିକ ଖରାପ ରହିଛି।

ଭାରତ ଏହି ସିପିଆଇ ତାଲିକାରେ ୯୬ତମ ସ୍ଥାନରେ ରହିଛି। ଶହେରୁ ଭାରତ ୩୮ ମାର୍କ ପାଇଛି। ପୂର୍ବାପେକ୍ଷା ଭାରତର ସ୍ଥିତିରେ ସୁଧାର ଆସିଥିଲେ ବି ଦୁର୍ନୀତି ଜାରି ରହିଛି। ଅନେକ କ୍ଷେତ୍ରରେ ଏହା ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି। ଏଥିଯୋଗୁ ବିକାଶ ଗତି ମନ୍ଥର ରହିଛି। ସାର୍ବଜନୀନ ସେବାକୁ ଦୁର୍ବଳ ଏବଂ ପ୍ରତିଷ୍ଠାନ ପ୍ରତି ଲୋକଙ୍କ ଭରସାକୁ ହ୍ରାସ କରୁଛି। ଦୁର୍ନୀତିର ମୁକାବିଲା ପାଇଁ ଅଧିକ ପ୍ରୟାସ ଜରୁରୀ ବୋଲି କୁହାଯାଇଛି। ଏଥିପାଇଁ କଠୋର ନିୟମ ଏବଂ କଡ଼ା ପ୍ରବର୍ତ୍ତନ ବ୍ୟବସ୍ଥା ଜରୁରୀ। ସେହିପରି ଭାରତର ପଡ଼ୋଶୀ ପାକିସ୍ତାନ ୧୩୫ତମ, ଶ୍ରୀଲଙ୍କା ୧୨୧ତମ, ବାଂଲାଦେଶ ୧୪୯ତମ ଏବଂ ଚୀନ୍ ୭୬ତମ ସ୍ଥାନରେ ରହିଛି।

# ୧୨ଟି ରାଜ୍ୟରେ ବିଭକ୍ତ ହେବ ପାକିସ୍ତାନ

ଇସ୍‌ଲାମାବାଦ୍, ୧୦।୧୨(ଏଜେନ୍ସି): ପାକିସ୍ତାନକୁ ଏବେ ୧୨ଟି ରାଜ୍ୟରେ ବିଭକ୍ତ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଦେଶର ସୂଚନା ମନ୍ତ୍ରୀ ଅବଦୁଲ ଅଲିମ ଖାନ୍ କହିଛନ୍ତି ଯେ, ଦେଶକୁ ଏବେ ଛୋଟ ଛୋଟ ୧୨ଟି ରାଜ୍ୟର ବିଭକ୍ତ କରିବା ନିଶ୍ଚିତ ହୋଇଛି। ଏହା ଦ୍ୱାରା ଶାସନ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ସେ କହିଛନ୍ତି। ଏହି କ୍ରମରେ ସିନ୍ଧ ଓ ପଞ୍ଜାବକୁ ୩ଟି ଲେଖାଏ ରାଜ୍ୟରେ ବିଭକ୍ତ କରାଯାଇପାରେ। ଏହିଭଳି ବେଲୁଚିସ୍ତାନ ଓ ଖାଇବର ପଖତୁନଖ୍ୱାକୁ ମଧ୍ୟ ୩ଟି ଲେଖାଏ ରାଜ୍ୟରେ ବଣ୍ଟା ଯାଇପାରେ। ଆମ ପଡୋଶୀ ଦେଶଗୁଡିକରେ ଏକାଧିକ ଛୋଟ ଛୋଟ ରାଜ୍ୟ ରହିଛି। ତେଣୁ ପାକିସ୍ତାନରେ ମଧ୍ୟ ଏଭଳି ହେବାର ଆବଶ୍ୟକତା ରହିଛି



ବୋଲି ସେ କହିଛନ୍ତି। ତେବେ ବିଲାୱଲ ଭୁଟ୍ଟୋଙ୍କ ପିପିପି ଏହାକୁ ଦୃଢ଼ ବିରୋଧ କରିଛି। କେବଳ ଭଗବାନଙ୍କୁ ବାଦ୍ ଦେଲେ ସିନ୍ଧକୁ କେହି ଭାଗ କରିପାରିବେ ନାହିଁ ବୋଲି ସିନ୍ଧ ମୁଖ୍ୟମନ୍ତ୍ରୀ ମୁରାଦ ଅଲି ଶାହା କହିଛନ୍ତି। ତେବେ ଏ ନେଇ ପାକିସ୍ତାନ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ମାନଚିତ୍ର ଜାରି କରାଯାଇନାହିଁ। କିନ୍ତୁ ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପଞ୍ଜାବକୁ ଉତ୍ତର, ମଧ୍ୟ ଓ ଦକ୍ଷିଣ ପଞ୍ଜାବ, ସିନ୍ଧକୁ କରାଚୀ ସିନ୍ଧ, ମଧ୍ୟ ସିନ୍ଧ ଓ ଉପର ସିନ୍ଧ, ଖାଇବର ପଖତୁନଖ୍ୱା (କେପି)କୁ ଉତ୍ତର କେପି, ଦକ୍ଷିଣ କେପି ଓ ଆଦିବାସୀ କେପ୍/ଫାଟା ଅଞ୍ଚଳ ଏବଂ ବେଲୁଚିସ୍ତାନକୁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଭାଗରେ ବିଭକ୍ତ କରାଯିବ ବୋଲି ଚର୍ଚ୍ଚା ହେଉଛି।

# ଦିଲ୍ଲୀରେ ମୁତୟନ ହେବ ସ୍ୱଦେଶୀ ଡିଫେନ୍ସ ସିଷ୍ଟମ

- **ଡ୍ରୋନ୍, ମିସାଇଲ ଓ ଜେଟ୍ ଆକ୍ରମଣ ହେବ ନିଷ୍କ୍ରିୟ**
- **ଅଗଷ୍ଟରେ ହୋଇଛି ସଫଳ ପରୀକ୍ଷଣ**

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): ଏବେ ରାଜଧାନୀ ଦିଲ୍ଲୀ ଓ ଏନସିଆରକୁ ସୁରକ୍ଷିତ କରିବା ପାଇଁ ନୂଆ ଯୋଜନ ପ୍ରସ୍ତୁତ କରାଯାଉଛି। ମିସାଇଲ, ଡ୍ରୋନ ଓ ଲଢୁଆ ବିମାନ ଆକ୍ରମଣର ବିପଦକୁ ଏଡାଇବା ପାଇଁ ଏହି ଅଞ୍ଚଳରେ ବହୁସ୍ତରୀୟ ଏୟାର ଡିଫନ୍ସ ସିଷ୍ଟମକୁ ନିୟୋଜନ କରାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ ଦ୍ରୁତଗତିରେ ଆଗକୁ ବଢ଼ାଉଛି। ବରିଷ୍ଠ ପ୍ରତିରକ୍ଷା ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ, ନୂଆ ଇଣ୍ଟିଗ୍ରେଟେଡ ଏୟାର ଡିଫେନ୍ସ ୱିପନ ସିଷ୍ଟମ (ଆଇଏଡବ୍ଲ୍ୟୁଡିଏସ୍) ସମ୍ପୂର୍ଣ୍ଣ ଭାବେ ଦେଶରେ ତିଆରି ହୋଇଥିବା ଅସ୍ତ୍ର ଓ ବୈଷୟିକ ପ୍ରଣାଳୀ। ଅର୍ଥାତ ଏହି ଡିଫେନ୍ସ ସିଷ୍ଟମ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ରଣକୌଶଳରେ ତିଆରି ହେବ। ଏହି ପ୍ରଣାଳୀ ସବୁଠାରୁ ବଡ଼ ଅଂଶ ହେବ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆରଡିଓ) ଦ୍ୱାର ତିଆରି ହୋଇଥିବା କ୍ୱିକ ରିଆକସନ ସର୍ଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍ଏଏମ୍) ଓ ମ୍ୟାନ ପୋର୍ଟେବଲ ଏୟାର ଡିଫେନ୍ସ ସିଷ୍ଟମ (ଏମ୍ଏଏନପିଏଡିଏସ୍)। ଏଥିସହ ଏକାଧିକ ସେନସର, ରାଡାର ଓ ଏକ ଅତ୍ୟାଧୁନିକ କଣ୍ଟ୍ରୋଲ ସିଷ୍ଟମକୁ ଜଡିତ କରାଯିବ। ଏହା ଦ୍ୱାର ସବୁ ବିପଦ ଉପରେ ତୁରନ୍ତ ଦୃଷ୍ଟି ରଖାଯିବ। ଏହି ପୂରା ପ୍ରଣାଳୀକୁ ଭାରତୀୟ ବାୟୁସେନା ହିଁ ନିୟନ୍ତ୍ରଣ କରିବ। ଉଲ୍ଲେଖଥାଉ କି, ଗତ ଅଗଷ୍ଟ ୨୩ରେ ଆଇଏଡବ୍ଲ୍ୟୁଏସ୍‌ର ସଫଳ ପରୀକ୍ଷଣ ହୋଇଥିଲା। ଆଇଏଡବ୍ଲ୍ୟୁଏସ୍ ଏକ ମିଲିଟାରୀ ଏୟାର ଡିଫେନ୍ସ ସିଷ୍ଟମ। ଏହା ଶତ୍ରୁର ଆକ୍ରମଣକୁ ନିଷ୍କ୍ରିୟ କରିବାର କ୍ଷମତା ରଖୁଛି। ଏହାକୁ ସୁଦର୍ଶନ ଚକ୍ର ମିଶନର ଏକ ଅଂଶ ବୋଲି କୁହାଯାଉଛି।

# ସାବରକର ପୁରସ୍କାର ନେବାକୁ ମନା କଲେ ଥରୁର

ନୂଆଦିଲ୍ଲୀ, ୧୦।୧୨(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ସାଂସଦ ଶଶି ଥରୁର 'ବିଆର ସାବରକର ପୁରସ୍କାର' ନେବାକୁ ମନା କରିଦେଇଛନ୍ତି। ଫଳରେ ଏ ନେଇ ବିବାଦ ସୃଷ୍ଟି ହୋଇଛି। ଥରୁରୁ 'ଏକ୍ସ'ରେ ପୋଷ୍ଟ କରି ସ୍ପଷ୍ଟୀକରଣ ଦେଇଛନ୍ତି। ମୋତେ ସୂଚନା ଦିଆ ନ ଯାଇ ପୁରସ୍କାର ପାଇଁ ନାମ ଘୋଷଣା କରାଯାଇଥିଲା ବୋଲି ସେ କହିଛନ୍ତି। ତେଣୁ ଏଭଳି



ସ୍ଥିତିରେ ଦିଲ୍ଲୀରେ ଆୟୋଜନ ହେବାକୁ ଥିବା ସମାରୋହରେ ଯୋଗ ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କେରଳରେ ରହୁଥିଲେ ମଧ୍ୟ ଏହି ପୁରସ୍କାର ସଂକ୍ରାନ୍ତରେ ମୋତେ ଗଣମାଧ୍ୟମରୁ ହିଁ ସୂଚନା ମିଳିଥିବା ସେ କହିଛନ୍ତି। ସେପଟେ ପୁରସ୍କାର ପ୍ରଦାନ କରୁଥିବା ଏନଜିଓ ଥରୁରଙ୍କ ଏହି ଦାବିକୁ ଭୁଲ୍ ବୋଲି କହିଛି। ଏହି ପୁରସ୍କାର ନେବାକୁ ଥରୁରୁ ପୂର୍ବରୁ ସହମତି ପ୍ରକାଶ କରିଥିଲେ ବୋଲି ହିଙ୍ଗ୍ରେସ ଗ୍ରାମୀଣ ବିକାଶ ସମାଜ (ଏଚ୍ଆର୍‌ଡିଏସ୍) ଇଣ୍ଡିଆର ପ୍ରତିଷ୍ଠାତା ଅଜି କ୍ରଷ୍ଣନ ଦାବି କରିଛନ୍ତି। ସେ ମାସେ ତଳେ ଥରୁରଙ୍କୁ ତାଙ୍କ ଘରେ ଭେଟିଥିଲେ ବୋଲି କହିଛନ୍ତି। ବୁଧବାର ଦିଲ୍ଲୀରେ 'ବୀର ସାବରକର ଇଣ୍ଟରନ୍ୟାସନାଲ ଇମ୍ପାକ୍ଟ ପୁରସ୍କାର-୨୦୨୫' ସମାରୋହ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିଲା। ଜମ୍ମୁ-କଶ୍ମୀର ରାଜ୍ୟପାଳ ମନୋଜ ସିହ୍ନା ଏହି ଅବସରରେ ଉପସ୍ଥିତ ହୋଇଥାଆନ୍ତେ। ଥରୁରଙ୍କୁ ପୁରସ୍କାରର ପ୍ରଥମ ସଂସ୍କରଣରେ ସମ୍ମାନୀତ କରାଯାଇଥାନ୍ତା। ଏହି ସ୍ଥିତି ପାଇଁ ଥରୁର ଆୟୋଜକଙ୍କୁ ଦାୟୀ କରିଛନ୍ତି।

■ ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ସମନ୍ୱୟ ସମିତିର ଆନ୍ଦୋଳନ

## ସରକାରଙ୍କ ଆଭିମୁଖ୍ୟକୁ ନେଇ ଉଠିଲା ପ୍ରଶ୍ନ



ଭୁବନେଶ୍ୱର, ୧୦ ।୧୨(ସମିସ): ଶିକ୍ଷା ସମସ୍ୟା ଓ ଶିକ୍ଷକଙ୍କ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଜି ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରାଯାଇଛି । ଏକାଧିକ ଶିକ୍ଷକ ଓ ଅଧ୍ୟାପକ ସଂଘ ଏକତ୍ରିତ ହୋଇ ନିଜର ଦାବି ପୂରଣ କରିବା ପାଇଁ ଦାବି କରିଛନ୍ତି । ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି ଯେ, ସରକାର ଶିକ୍ଷକଙ୍କ ଦାବି ପୂରଣ ନ କରି କମିଟି ଗଠନର ମନୋନିବେଶ କରିବା ଦୁର୍ଭାଗ୍ୟଜନକ । ପୂର୍ବରୁ ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଶିକ୍ଷକଙ୍କ ସମସ୍ୟା ଆଲୋଚନା କରାଯାଇଛି । ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରିବା କେବଳ ବିଳମ୍ବ କରିବା ପାଇଁ ଉଦ୍ଦିଷ୍ଟ । ସରକାର ଏଥିରୁ ନିବୃତ୍ତ ରହି ସେମାନଙ୍କ ଦାବି ପୂରଣ କରିବା ପାଇଁ ଗୁରୁତ୍ୱ ଦିଅନ୍ତୁ । ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି କହି ପରବର୍ତ୍ତୀ ସମୟରେ ତାହାକୁ ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ମଧ୍ୟ ଶିକ୍ଷକ ନେତାମାନେ ଅଭିଯୋଗ କରିଛନ୍ତି । ଏହି ଆନ୍ଦୋଳନରେ ବହୁ ଶିକ୍ଷକ ସଂଗଠନ ସାମିଲ ହୋଇଥିବାବେଳେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବିଧାନସଭା ଆଗରେ ଗର୍ଜିଲେ କନିଷ୍ଠ ଶିକ୍ଷକ

## ‘ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଘୋଷଣାକୁ କାର୍ଯ୍ୟକାରୀ କରାଯାଉ’



ଭୁବନେଶ୍ୱର,୧୦ ।୧୨(ସମିସ): ବିଧାନସଭା ଅଧିବେଶନ ଶେଷ ହୋଇଥିଲେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଥମିବାର ନା ନେଉନି । ଦୀର୍ଘ ୫ଦିନ ଅହୋରାତ୍ର ଧାରଣା ପରେ ପ୍ରାଥମିକ ଶିକ୍ଷକ ମହାସଂଘ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ବେଳେ ବୁଧବାର ପୁଣି ବିଧାନସଭା ସମ୍ମୁଖରେ ଏକାଧିକ ସଂଗଠନ ସରକାରଙ୍କ ବିରୋଧରେ ବର୍ଷିଛନ୍ତି । ତନ୍ମଧ୍ୟରୁ କନିଷ୍ଠ ଶିକ୍ଷକ ସଂଘ ଏକ ବିଶାଳ ଆନ୍ଦୋଳନ କରିଛି । ଚାକିରି

■ ଘୋଷଣାର ୩ ମାସ ପରେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନ ଥିବାରୁ କ୍ଷୋଭ
■ ଆନ୍ଦୋଳନ ନକରି ଧୈର୍ଯ୍ୟ ରଖନ୍ତୁ, ଦାବି ପୂରଣ ହେବ: ଗଣଶିକ୍ଷା ମନ୍ତ୍ରୀ

ସ୍ଥାୟୀ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି ।

ରାଜ୍ୟରୁ ସ୍କିମାଟିକ୍ ଶିକ୍ଷକ ଉଚ୍ଛେଦ କରି ସେମାନଙ୍କୁ ନିୟମିତ କରାଯାଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଅଗଷ୍ଟ ୨୨ ତାରିଖରେ ଘୋଷଣା କରିଥିଲେ । ଚୁକ୍ତିଭିତ୍ତିକ ପ୍ରଥାର ମୂଳୋତ୍ପାଟନ କରାଯାଉଛି ବୋଲି ବ୍ୟାପକ ପ୍ରଚାରପ୍ରସାର କରିଥିଲେ । ହେଲେ, ଘୋଷଣାକୁ ୩ ମାସରୁ ଅଧିକ ସମୟ ବିତିଥିଲେ ମଧ୍ୟ ତାକୁ କାର୍ଯ୍ୟକାରୀ କରାଯାଉନଥିବାରୁ କନିଷ୍ଠ ଶିକ୍ଷକମାନେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ସାମାଜିକ ଗଣମାଧ୍ୟରେ କରିଥିବା ପୋଷ୍ଟକୁ ପ୍ରଦର୍ଶନ କରି ସେମାନଙ୍କୁ ତ୍ୱରିତ ନିୟମିତ କରିବା ପାଇଁ ଦାବି କରିଛନ୍ତି । ରାଜ୍ୟ ଶାସନର ମୁଖ୍ୟଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେଉନାହିଁ, ତାହେଲେ ସରକାର କିପରି ଚାଲୁଛି ବୋଲି ପ୍ରଶ୍ନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ତ୍ୱରିତ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ କରିବାକୁ ସଂଘ ଦାବି କରିଛି ।

ଅପରପକ୍ଷରେ କନିଷ୍ଠ ଶିକ୍ଷକଙ୍କ ଆନ୍ଦୋଳନକୁ ନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି କରାଯିବା ସହ ନିୟମିତ କରିବାକୁ ଘୋଷଣା କରାଯାଇଛି । ଦାବି ସମ୍ପର୍କରେ ସରକାର ସଚେତନ ଅଛନ୍ତି ଓ କାର୍ଯ୍ୟ ଆରମ୍ଭ କରିଛନ୍ତି । ସମସ୍ତ ପ୍ରକ୍ରିୟା ପୂରଣ କରିବା ପାଇଁ ସମୟ ଆବଶ୍ୟକ । ଏଣୁ ଅଯଥାରେ ଆନ୍ଦୋଳନ ନ କରି ଶିକ୍ଷାଦାନରେ ମନୋନିବେଶ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି । ମନ୍ତ୍ରୀଙ୍କ ମନ୍ତବ୍ୟ ସମ୍ପର୍କରେ ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ କହିଛନ୍ତି ଯେ ପ୍ରକ୍ରିୟା କେବେ ସୁଦ୍ଧା ପୂରଣ କରିବେ ମନ୍ତ୍ରୀ ସ୍ପଷ୍ଟୋକ୍ତି ରଖନ୍ତୁ । ଫଳରେ ଶିକ୍ଷାଦାନ ସ୍ୱାଭାବିକ ହୋଇପାରିବ । ଏହି ଆନ୍ଦୋଳନରେ ସଂଘର ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ସମେତ ବିଶ୍ୱଜିତ ବସ୍ତିଆ, ମନୋଜ କୁମାର ସେଠୀଙ୍କ ସମେତ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଦ୍ୱିତୀୟ ସହ ମିଶି ପ୍ରଥମ ପ୍ରେମିକକୁ ମାରିଦେଲା

### ପ୍ରେମିକା ସହ ଦୁଇଜଣ ୨୦ଥର ଛୁରି ଭୁସିଥିଲେ

ସମ୍ବଲପୁର, ୧୦।୧୨(ସମିସ): ତୋତେ ମୋର୍ କିରିଆ। ଯଦି ସତେ ମୋତେ ଭଲ ପାଉଥିବୁ, ତାହାଲେ ଇତାକେ ଆଜି ଯେନ୍ତା ହେଲା ମାରିବୁ। ମୋର ଆଉ ଟେନ୍‌ସନ୍ ନେବାର ନାଇନ, ଇତାକେ ମାର୍ ମୋର କଥା ଚିନ୍ତା କର। ଏ ହେଉଛି ପ୍ରଥମ ପ୍ରେମିକକୁ ହତ୍ୟା କରିବା ପାଇଁ ଜଣେ ନାବାଳିକା ପ୍ରେମିକାର ଦ୍ୱିତୀୟ ପ୍ରେମିକକୁ



ଆହ୍ୱାନ । ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼ରେ ଗତକାଲି ଘଟିଥିବା ଅଭୟ କୁମାର ଦାସ (୨୦) ହତ୍ୟା ଘଟଣାରେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଏହି ଘଟଣାରେ କ୍ଷେତରାଜପୁର ପୁଲିସ ନାବାଳିକା ପ୍ରେମିକାକୁ ଅଟକ ରଖିବା ସହ ସୋନପୁରର ଆଶୁତୋଷ ମିଶ୍ରକୁ ଗିରଫ କରିଛି । ଅନ୍ୟ ଜଣେ ଅଭିଯୁକ୍ତ ହୀରାକୁଦ ଷ୍ଟେସନ୍‌ପଡ଼ାର ସନି ବିଭାର ଓରଫ୍ ରୋହିତ ଫେରାର୍ ରହିଛି । ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ତ୍ରିକୋଣୀୟ ପ୍ରେମରୁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ସେ କହିଛନ୍ତି ।

ସୂଚନାନୁସାରେ, ହୀରାକୁଦ ଗୁଜାତଳ ବାସିନ୍ଦା ଅଭୟଙ୍କ ସହ ବୁର୍ଲା ଅଞ୍ଚଳର ଜଣେ ନାବାଳିକାଙ୍କ ପ୍ରେମ ସମ୍ପର୍କ ଥିଲା । ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନାବାଳିକା ଆଶୁତୋଷ ମିଶ୍ରଙ୍କୁ ଭଲ ପାଇଥିଲେ । ଏହି ସମ୍ପର୍କରେ ଅଭୟ କଣ୍ଟା ସାଜିଥିଲେ । ତେଣୁ ଅଭୟଙ୍କୁ ରାସ୍ତାରୁ ହଟାଇବା ପାଇଁ ନାବାଳିକା ଓ ଆଶୁତୋଷ ଷଡ଼ଯନ୍ତ୍ର କରିଥିଲେ । ଗତ ୮ ତାରିଖରେ ଆଶୁତୋଷ ଓ ନାବାଳିକା ଅଭୟଙ୍କୁ ବୁର୍ଲା ଡାକିଥିଲେ । ବୁର୍ଲା ପହଞ୍ଚିବା ପରେ ନାବାଳିକାଜଣଙ୍କ ଏକ ମୃଦୁ ପାନୀୟ ଅଭୟଙ୍କୁ ପିଇବାକୁ ଦେଇଥିଲେ । ସେଥିରେ ଆଶୁତୋଷ ନିଶ୍ଚେତକ ଔଷଧ ମିଶାଇ ଦେଇଥିଲେ । ଆଶୁତୋଷ ସମ୍ବଲପୁର ଏକ ବେସରକାରୀ ମେଡିକାଲରେ ନର୍ସିଂରେ ଇଣ୍ଟର୍ଣ୍ଣସିପ୍ କରୁଥିଲେ । ତେଣୁ ଔଷଧପତ୍ର ଉପରେ ତାଙ୍କର କିଛି କିଛି ଜ୍ଞାନ ଅଛି । ଅଭୟଙ୍କୁ ନିଶା ହେବା ପରେ ସେମାନେ ତାଙ୍କୁ ଲକ୍ଷ୍ମୀଡୁଙ୍ଗୁରୀ ପାହାଡ଼କୁ ଆଣିଥିଲେ । ସେଠାକୁ ଆଶୁତୋଷର ସାଙ୍ଗ ସନି ବି ଆସିଥିଲା । ୩ଜଣ ଯାକ ମିଶି ଏକ ସର୍ଜିକାଲ ଛୁରିରେ ଅଭୟଙ୍କୁ ଛୁରି ଭୁସିଥିଲେ । ପ୍ରାୟ ୨୦ରୁ ଅଧିକଥର ସେମାନେ ତାଙ୍କୁ ଛୁରି ଭୁସି ହତ୍ୟା କରିଥିବା ପୁଲିସ କହିଛି । ଏହି ସମୟରେ ଅଭୟ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିବା ବେଳେ ଆଶୁତୋଷ ଓ ନାବାଳିକା ମଧ୍ୟ ଆହତ ହୋଇଥିଲେ ।

## ଗୋରୁ ବ୍ୟବସାୟରୁ ଯୁବକଙ୍କ ହତ୍ୟା

ମନମୁଣ୍ଡା/ଶଗଡ଼ା,୧୦ ।୧୨(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଖଲିଆପାଲି(ପୁରୁମୁଣ୍ଡା) ପଞ୍ଚାୟତ ଗୁଡୁଗୁଡା ସାପ୍ତାହିକ ବଜାରରେ ବୁଧବାର ଏକ ଆପରାଧିକ ଘଟଣା ଘଟିଛି । ଗୋରୁ ବ୍ୟବସାୟକୁ ନେଇ ହୋଇଥିବା ବଚସାରୁ ଜଣେ ଯୁବକଙ୍କ ମୁଣ୍ଡ



ଗଡ଼ିଛି । ମୃତକ ହେଲେ, ବାଉଁଶୁଣୀ ଥାନା ତାଲୁପାଲି ଗ୍ରାମର ରମଣୀ ମହାକୁଡ଼(୪୦) । ଏହି ଘଟଣାରେ ଗାଁର ରତ୍ନାକର ମହାକୁଡ଼(୪୮) ଗୁରୁତର ଆହତ ହୋଇଛନ୍ତି । ଘଟଣା ପରେ ହତ୍ୟାକାରୀ ଫେରାର୍ ହୋଇଯାଇଛନ୍ତି । ସେମାନଙ୍କୁ ଧରିବାକୁ ପୁଲିସ ତନାଘନା ଚଳାଇଛି । ଲୋକଙ୍କୁ ପଚରାଉଚରା କରିବା ସହ ଉଦ୍ୟମ ଚଳାଇଛି । ଏ ନେଇ ମନମୁଣ୍ଡା ପୁଲିସ ତଦନ୍ତ ଚଳାଇଛି । ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ୍ କହିଛି । ଗୁଡୁଗୁଡା ସାପ୍ତାହିକ ବଜାରର ଗୋରୁ ବଜାରରେ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଗୋରୁ ବ୍ୟବସାୟକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଗୋଟିଏ ଗୋଷ୍ଠୀର ପ୍ରାୟ ୩/୪ଜଣ ବ୍ୟକ୍ତି ଶାବଳ ଓ ଅନ୍ୟ ମାରଣାସ୍ତ୍ରରେ ଅପରଗୋଷ୍ଠୀର ୨ଜଣଙ୍କୁ ଆକ୍ରମଣ କରିଥିଲେ । ଏଥିରେ ରମଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ରତ୍ନାକର ଗୁରୁତର ହୋଇଥିଲେ । ରମଣୀଙ୍କୁ ପୁଲିସ ମନମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେହିପରି ଗୁରୁତର ରତ୍ନାକରଙ୍କୁ ପ୍ରଥମେ ବାଉଁଶୁଣୀ ଓ ପରେ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

■ ଜମି ଅଧିଗ୍ରହଣ କ୍ଷତିପୂରଣ ଟଙ୍କା ନ ଦେବାରୁ

## ତହସିଲଦାରଙ୍କ ଗାଡ଼ି, ଅଫିସ୍ ଆସବାବପତ୍ର ଜବତ

ଢେଙ୍କାନାଳ, ୧୦ ।୧୨(ସମିସ): ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଟଙ୍କା ନଦେବାରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାରଙ୍କ ଗାଡ଼ି ଓ ଅଫିସ୍ ଆସବାବପତ୍ର ଜବତ । ଆଜି ଢେଙ୍କାନାଳ ତହସିଲଦାରଙ୍କ ଅଫିସ୍‌ରେ ଏପରି ଦୃଶ୍ୟ ଦେଖିବାକୁ ମିଳିଛି ।

ସ୍ଥାନୀୟ ବାଜିଚୌକଠାରେ ରେଳ ବିଭାଗ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ୨୦୧୩ରେ ଜମି ଅଧିଗ୍ରହଣ କରିଥିଲା । ଏଥିରେ ଜୟଗୋପାଳ ସାହିର ସତ୍ୟବାଦୀ ବେହେରାଙ୍କର ୦.୧୨ଡିସିମିଲ ଜମି ଅଧିଗ୍ରହଣ ହୋଇଥିଲା । ଜମି ଯିବା ପରେ କ୍ଷତିପୂରଣ ବାବଦ ୬ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା । ମାତ୍ର କ୍ଷତିଗ୍ରସ୍ତ ପରିବାର ବାରମ୍ବାର ତହସିଲଦାରଙ୍କୁ ଜଣାଇବା ସତ୍ତ୍ୱେ ସେ ଏଥିପ୍ରତି ଗୁରୁତ୍ୱ ଦେଇନଥିଲେ । ଫଳରେ କ୍ଷତିଗ୍ରସ୍ତ



ପରିବାର ଢେଙ୍କାନାଳ ସିଭିଲ ଜଜ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ । କୋର୍ଟ ୨୦୨୩ ଅକ୍ଟୋବର ୩୧ରେ ମାମଲାର ଶୁଣାଣି କରି କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ସହ ସୁଧ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ତହସିଲଦାର କ୍ଷତିପୂରଣ ଟଙ୍କା ପ୍ରଦାନ ନକରିବାରୁ ପୁଣିଥରେ ମାମଲାର ବିଚାର ପାଇଁ କୋର୍ଟରେ ଆବେଦନ କରାଯାଇଥିଲା । ଏହି ମାମଲାର ବିଚାର କରି କୋର୍ଟ ସତ୍ୟବାଦୀଙ୍କ ବଂଶଧରଙ୍କୁ ସୁଧ ସହ ୧୩ ଲକ୍ଷ ୧୬ ହଜାର ୫୯୩ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଅଦ୍ୟାବଧି ଟଙ୍କା ଦିଆଯାଇ ନଥିବାରୁ କୋର୍ଟ ଭୂ-ଅର୍ଜନ ଅଧିକାରୀ ତଥା ତହସିଲଦାରଙ୍କ ଦ୍ୱାରା ବ୍ୟବହୃତ

**କୋର୍ଟରେ ୧୨ଲକ୍ଷ ଟଙ୍କା ପ୍ରଦାନ ପରେ ଜବତ ସମ୍ପତ୍ତି ମୁକ୍ତ**

ବୋଲେରୋ ଗାଡ଼ି, ଅଫିସ୍ ଆଲମିରା, କମ୍ପ୍ୟୁଟର, ଟେବୁଲ, ଚେୟାର ଓ ଅନ୍ୟାନ୍ୟ ଆସବାବପତ୍ର ଜବତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏ ସଂପର୍କରେ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ଅନ୍ୟପଟେ ତହସିଲଦାର କୋର୍ଟ ମାଧ୍ୟମରେ ୧୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବା ପରେ ଗାଡ଼ି ଓ ଅନ୍ୟାନ୍ୟ ଆସବାବପତ୍ର ମୁକ୍ତ କରାଯାଇଥିବା ସୂଚନା ମିଳିଛି ।

**ମାଓ ଆକ୍ରମଣ ଯୋଜନା ପଣ୍ଡ**

## ୧୮ ଜିଲୋଟିନ୍, ୮ ଡିଟୋନେଟର ଜବତ

ବାଲିଗୁଡ଼ା,୧୦।୧୨(ସମିସ): ମାଓବାଦୀଙ୍କ ବଡ଼ଧରଣର ଏକ ଆକ୍ରମଣ ଯୋଜନା ପଣ୍ଡ କରିଛନ୍ତି ବିଏସ୍ଏଫ୍ ଯବାନ । ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ସୋଲାଗୁଡ଼ା ପଞ୍ଚାୟତ ସିଲକିସୁଗାର ଘଞ୍ଚ ଜଙ୍ଗଲରେ ବିସ୍ଫୋରକ ବିଛାଇଥିଲେ । ବିଏସଏଫ୍ ଗୁଇନ୍ଦା ରିପୋର୍ଟ ଆଧାରରେ ବିଏସଏଫ୍-୧୩୬ ବାଟାଲିଅନ୍‌ର ଯବାନମାନେ ସିଲକିସୁଗା ଜଙ୍ଗଲରେ ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରିଥିଲେ । ଯବାନଙ୍କ ଗତିବିଧିକୁ ଦେଖି ମାଓବାଦୀମାନେ ଜଙ୍ଗଲରୁ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରୁ ୧୮ ଜିଲୋଟିନ, ୮ ଡିଟୋନିଟର୍, ୧୭ବ୍ୟାଟେରୀ ସହ ସୋଲାର୍ ପ୍ଲେଟ୍ ଜବତ ହୋଇଛି ।



## ପାରୋଲରେ ଯାଇ ଜେଲ୍ ଫେରୁନାହାନ୍ତି କଏଦୀ

କଟକ,୧୦।୧୨(ସମିସ): ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ(କାରାଗାର)ରୁ ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ହାଇକୋର୍ଟ ଜେଲ୍ ଡିଜିଙ୍କୁ ରିପୋର୍ଟ ତଲବ କରିଛନ୍ତି । ଏହି ଅଭିଯୁକ୍ତଙ୍କ ସମ୍ପର୍କିତ ସମସ୍ତ ବିବରଣୀ ସହ ଦୋଷୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କି' କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସଂକ୍ରାନ୍ତରେ ଜେଲ ବିଭାଗର ଡିଜି ସତ୍ୟପାଠ ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି । ମୁନସି ଭୁଇଙ୍କ ତରଫରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରରୁ ୧୭ଜଣ ଅଭିଯୁକ୍ତ

**ଜେଲ୍ ଡିଜିଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ଫେରାର୍ ଥିବା ଓ ୧୫ଜଣ ପାରୋଲ ଅବଧି ଶେଷ ପରେ ଆଉ ଫେରି ନଥିବା ନେଇ ଉପସ୍ଥାପନ ହୋଇଥିବା ଏକ ରିପୋର୍ଟକୁ ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିବା ସହ ସବିଶେଷ ସତ୍ୟପାଠ ଦାଖଲ ପାଇଁ ଜେଲ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ରକାଶଥାଉକି, ଆବେଦନକାରୀ ଅଭିଯୁକ୍ତ ପକ୍ଷରୁ ନିମ୍ନ ଅଦାଲତଙ୍କ ଦ୍ୱାରା ଆଜୀବନ ଜେଲଦଣ୍ଡାଦେଶ ବିରୋଧରେ ହାଇକୋର୍ଟରେ ଗତ ୨୦୦୭ ମସିହାରୁ ଏକ ଅପିଲ ବିଚାରାଧୀନ ରହିଛି । ଏହି ଆବେଦନର ଶୁଣାଣି ବେଳେ ସମ୍ପୃକ୍ତ ଅଭିଯୁକ୍ତର ସ୍ଥିତି ସମ୍ପର୍କରେ ହାଇକୋର୍ଟ ଜାଣିବାକୁ ଚାହିଁଥିଲେ । ଜେଲ ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ ଆବେଦନକାରୀ ଅଭିଯୁକ୍ତ ଗତ ୨୦୧୮ ଜୁନ୍ ୧୯ ରୁ ଫେରାର୍ ଥିବା ଜଣାପଡ଼ିଥିଲା । ପରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଆବେଦନକାରୀଙ୍କ ବିରୋଧରେ ଚନ୍ଦକା ଥାନାରେ ଏନେଇ ଏକ ଏତଲା ଦିଆଯାଇଥିବା କୁହାଯାଇଥିଲା । ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଅଭିଯୁକ୍ତକୁ ଠାବ କରାଯାଇପାରିନଥିବା ନେଇ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ଉକ୍ତ କାରାଗାରରୁ ପାରୋଲରେ ଯାଇ ଫେରିନଥିବା ତଥା ଫେରାର୍ ଅଭିଯୁକ୍ତଙ୍କ ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବାକୁ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୨୨କୁ ଧାର୍ଯ୍ୟ କରିଛନ୍ତି ଅଦାଲତ ।




# ଧରାକୋଟ ଥାନା ଗୃହରକ୍ଷୀ ସମ୍ମାନିତ



ଧରାକୋଟ,୧୦।୧୨(ସମିସ): ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଗଞ୍ଜାମ ପୁଲିସ ଜିଲ୍ଲାର ଧରାକୋଟ ଥାନାରେ କାର୍ଯ୍ୟରତ ସନ୍ତୋଷ କୁମାର ଚଣ୍ଡ ଶ୍ରେଷ୍ଠ ଗୃହରକ୍ଷୀ ସମ୍ମାନ ପାଇଛନ୍ତି। ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ଦାସ ଛତ୍ରପୁର ପୁଲିସ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷଙ୍କୁ ଶ୍ରେଷ୍ଠ ଗୃହରକ୍ଷୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଧରାକୋଟ ଥାନା ଅଧୀନରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଅପରାଧ ତଦନ୍ତରେ ସକ୍ରିୟ ସହଯୋଗ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କୁ ସରପଞ୍ଚ ପୁନିଆ ଦାସ, ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁ, ଧରାକୋଟ ବଣିକ ସଂଘ ସଭାପତି ଗଣେଶ ପାତ୍ର, ପ୍ରେସକ୍ଲବ ତରଫରୁ ସାମ୍ବାଦିକ ହୃଦାନନ୍ଦ ଜେନା, ବିଷ୍ଣୁ କେଶରୀ ଆଚାର୍ଯ୍ୟ, ପୂର୍ଣ୍ଣ ଚନ୍ଦ୍ର ନାୟକ, ରୁଦ୍ର ନାରାୟଣ ପଣ୍ଡା, ଶିଶିର ମହାନ୍ତିଙ୍କ ସମେତ ଅଞ୍ଚଳବାସି ଶୁଭେଚ୍ଛା ଜଣାଇଛନ୍ତି।

# ଗାଈକୁ ବଞ୍ଚାଇବାକୁ ଯାଇ ପିକଅପ୍ ଭ୍ୟାନ ଓଲଟିଲା

**ଖଲ୍ଲିକୋଟ,୧୦।୧୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭେଜିପୁଟ ଫାଣ୍ଡି ସମ୍ମୁଖରେ ଗୋଟିଏ ଗାଈକୁ ବଞ୍ଚାଇବାକୁ ଯାଇ ଏକ ପିକଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଅଗ୍ନିଶମ ଗାଡ଼ି ଯୋଗେ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ବୁଧବାର ସନ୍ଧ୍ୟା ୫ଟା ସମୟରେ ଭୁବନେଶ୍ୱର ପଟୁ ଏକ ପିକଅପ୍ ଭ୍ୟାନ ବ୍ରହ୍ମପୁର ଅଭିମୁଖେ ଆସୁଥିବା ସମୟରେ ହଠାତ ଭେଜିପୁଟ ଫାଣ୍ଡି ସମ୍ମୁଖରେ ଗୋଟିଏ ଗାଈ ଗାଡ଼ି ଆଗକୁ ଚାଲି ଆସିଥିଲା। ଫଳରେ ଗାଈକୁ ବଞ୍ଚାଇବାକୁ ଯାଇ ପିକଅପ୍ ଭ୍ୟାନଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ଡାଲାରେ ବସିଥିବା ଜଣେ ଶ୍ରମିକ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ଆଞ୍ଚଳିକ ବିଜ୍ଞାନ କଲେଜର ବାର୍ଷିକ କ୍ରୀଡ଼ା



**ବେଲଗୁଣ୍ଠା,୧୦।୧୨(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮ ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷା ରୁନିବାଳା ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ପ୍ରଶାସନିକ ଅଧିକ୍ଷକ ତ୍ରିନାଥ ବେହେରା, କ୍ରୀଡା ଅଧିକାରୀ ସୁଶାନ୍ତ କୁମାର ଲେଙ୍କା, ସହ କ୍ରୀଡା ଅଧିକାରୀ ପି.ଦିପକ ରାଓ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ଥାନୀୟ ବୀର ହନୁମାନଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଖେଳ ପଡିଆରେ ପହଞ୍ଚିବା ପରେ କ୍ରୀଡାବିତ୍‌ଙ୍କ ସମୂହ ଶପଥ ପାଠ, କ୍ରୀଡା ପତାକା ଉତ୍ତୋଳନ ଏବଂ ଜାତୀୟ ସଂଗୀତ ଗାନ ହୋଇଥିଲା। ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା ବିଭାଗର ଛାତ୍ରୀ ଉଷାରାଣୀ ପଣ୍ଡା ଖେଳ ଚାମ୍ପିଅନ୍ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ। ଅପରାହ୍ନରେ ଆୟୋଜିତ ଉଦଯାପନୀ ଉତ୍ସବରେ ସ୍ଥାନୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ମୁଖ୍ୟ ପରିଚାଳକ ଦୟାଲ ସେଠୀ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ନିକଟସ୍ଥ ଖାଇରପଟି ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦୁର୍ଗା ମାଧବ ଶତପଥୀ, ଗାଙ୍ଗପୁର ବିଦ୍ୟାଳୟର କ୍ରୀଡା ଶିକ୍ଷକ ଆଶୁତୋଷ ସ୍ୱାଇଁଙ୍କ ସମେତ ପୂର୍ବତନ ଛାତ୍ର କାହ୍ନୁଚରଣ ବିଷୋୟୀ ପ୍ରମୁଖ କ୍ରୀଡାକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ,ଅଧ୍ୟାପିକା, ପ୍ରତିପାଦକ, ପ୍ରତିପାଦିକା ଏବଂ ଅଣ ଶୈକ୍ଷିକ କର୍ମଚାରୀ ସହଯୋଗ କରିଥିଲେ। ସୁଶାନ୍ତ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଆକ୍ରମଣ ମାମଲାରେ ଯୁବକ ଗିରଫ

**ରଙ୍ଗେଇଲୁଣ୍ଡା,୧୦।୧୨(ସମିସ):** ଗୋଳନ୍ଥରା ଥାନା ହଳଦିଆପଦର ଗ୍ରାମରେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ବୁଧବାର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଅଧିନସ୍ଥ ବେଦାଳିଆ ଗ୍ରାମର ଚିକୁ ସେଠି(୨୧)। ହଳଦିଆ ପଦର ଗ୍ରାମ ସୁବାସ ଦାସଙ୍କ ଗାଡି ଚାଳକଙ୍କୁ ଗତ ସେପ୍ଟେମ୍ବର ମାସ ୪ ତାରିଖ ରାତିରେରେ ଚାରି ଜଣ ଯୁବକ ଗାଳି ଗୁଲଜ କରିଥିଲେ। ଏନେଇ ଚାଳକ ଜଣକ ସୁବାସଙ୍କୁ କହିଥିଲେ। ସୁବାସ ସେହିଦିନ ରାତିରେ ଗ୍ରାମରେ ଥିବା ଚନ୍ଦ୍ରକଣ୍ଟେଶ୍ୱର ମନ୍ଦିର ହୁଡ଼ା ନିକଟରେ ଯାଇଥିଲେ। ଏହି ସମୟ ରେ ଚାରି ଜଣ ଯୁବକ ଖଣ୍ଡା, କାତି ଓ ବନ୍ଧୁକ ଧରି ଗାଳି ଗୁଲଜ କରିବା ସହ ଆକ୍ରମଣ କରି ଗୁଳି ଫୁଟାଇ ଥିଲେ। ଫଳରେ ସୁବାସ ଆହତ ହୋଇଥିଲେ। ମେଡିକାଲରେ ଚିକିତ୍ସା ହୋଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତ ମାନେ ଘଟଣା ପର ଠାରୁ ଫେରାର ହୋଇଯାଇଥିଲେ। ପୁଲିସ ଥାନା କେସନଂ ୩୯୫/୨୫ ପ୍ରକାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ବେଦାଳିଆ ଗ୍ରାମରେ ଅଭିଯୁକ୍ତ ଚିକୁ ଥିବାର ସୂଚନା ପାଇ ପୁଲିସ ସେଠାରେ ଚଢ଼ଉ ଗିରଫ କରିଥିଲା।

# ଗରିବଙ୍କ ମୁହଁରେ ହସ ଫୁଟାଉଛି ଆର୍‌ବିଏସ୍‌କେ

ବ୍ରହ୍ମପୁର,୧୦।୧୨(ସମିସ):



ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆର୍‌ବିଏସ୍‌କେ) ଜରିଆରେ ଛୋଟ ପିଲାଙ୍କ ବିଭିନ୍ନ ପ୍ରକାର ଜଟିଳ ଚିକିତ୍ସା କରାଯାଉଛି। ଏହାଦ୍ୱାରା ବହୁ ଗରିବଗୁରୁବା ପିଲାମାନେ ଉପକୃତ ହେଉଛନ୍ତି। ଗଞ୍ଜାମ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଜରିଆରେ ଗତ ୭ ବର୍ଷରେ ୫୬୧ ପିଲାଙ୍କ ଗ୍ରହଣଖଣ୍ଡିଆ ଅସ୍ତ୍ରୋପଚାର କରାଯାଇଛି। ଯେଉଁ ପିଲାମାନେ କି ଏବେ ନୂଆ ଚେହେରା ପାଇ ପାରିଛନ୍ତି। ଆର୍‌ବିଏସ୍‌କେ ଜରିଆରେ ଏହି ପିଲାମାନଙ୍କ ମୁହଁରେ ହସ ଫୁଟିଛି। ଅସ୍ତ୍ରୋପଚାର ପରେ ସେହି ପିଲାମାନେ ସମ୍ପୂର୍ଣ୍ଣ ସୁସ୍ଥ ହେବା ସହିତ ଭଲ ଭାବେ କଥା ମଧ୍ୟ କହି ପାରୁଛନ୍ତି। ପିତା-ମାତାଙ୍କ ପାଇଁ ସବୁଠାରୁ ଅମୂଲ୍ୟ ସମ୍ପତ୍ତି ସନ୍ତାନ ରହିଥିବା ବେଳେ ସେମାନଙ୍କ ଉଜ୍ୱଳ ଭବିଷ୍ୟତ ପାଇଁ ସବୁ ବେଳେ ଅଭିଭାବକ ଚିନ୍ତା କରିଥାନ୍ତି। କିନ୍ତୁ ବିଭିନ୍ନ କାରଣ ଯୋଗୁଁ କିଛି ଶିଶୁ ନାନା ରୋଗବ୍ୟାଧିର ଶିକାର ହୋଇ ଜନ୍ମ ନେଇଥାନ୍ତି। ପିଲାଟି ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ଥିଲେ ମଧ୍ୟ ଚେହେରା ଗଠନରେ ତ୍ରୁଟି ଯୋଗୁଁ ସେ ଅସୁନ୍ଦର ଦେଖା ଯାଇଥାଏ। ତାହା ହେଉଛି ଗ୍ରହଣଖଣ୍ଡିଆ। ପୂର୍ବରୁ ଗ୍ରହଣଖଣ୍ଡିଆର ଅସ୍ତ୍ରୋପଚାର ଖୁବ ଜଟିଳ ଥିଲା। ହେଲେ ବର୍ତ୍ତମାନର ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିରେ ତାହା ଖୁବ ସହଜରେ ହୋଇ ପାରୁଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଏହା ସମ୍ଭବ ହୋଇପାରିଛି। ଗଞ୍ଜାମ ଜିଲ୍ଲାରେ ୨୦୧୮-୧୯ରୁ ଚଳିତ ଆର୍ଥିକବର୍ଷ ୨୦୨୫-୨୬ରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୫୬୧ଛୋଟ ପିଲା ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହୋଇଛନ୍ତି। ୨୦୨୦-୨୧ରେ କରୋନା ପାଇଁ ଅସ୍ତ୍ରୋପଚାର ବନ୍ଦ ରହିଥିଲା। କିନ୍ତୁ ଅନ୍ୟବର୍ଷରେ ଯେଉଁ ଶିଶୁମାନେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ଆବେଦନ କରିଥିଲେ, ସେମାନଙ୍କ ଅସ୍ତ୍ରୋପଚାର କରାଯାଇଛି। ୨୦୧୮-୧୯ମସିହାରେ ୯୦ ଶିଶୁଙ୍କ ଅସ୍ତ୍ରୋପଚାର ହୋଇଥିବା ବେଳେ ୨୦୧୯-୨୦ରେ ୬୨ଜଣ, ୨୦୨୧-୨୨ରେ ୭୩ଜଣ, ୨୦୨୨-୨୩ରେ ୫୩, ୨୦୨୩-୨୪ରେ ୭୩ ଓ ୨୦୨୪-୨୫ମସିହାରେ ସର୍ବାଧିକ ୧୮୫ ଶିଶୁଙ୍କ ଅସ୍ତ୍ରୋପଚାର କରାଯାଇଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୫ଜଣ ଶିଶୁଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିବା ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗ୍ରହଣଖଣ୍ଡିଆ ରୋଗ ପିଲାଙ୍କ ଚେହେରାଙ୍କୁ ବିକୃତ କରିଦିଏ। ଜନ୍ମ ପରେ ଏହି ରୋଗର ଲକ୍ଷଣ ଜଣାପଡ଼ିଥାଏ। ସାଧାରଣତଃ ଓଠ, ତାଲୁ ଓ ନାକକୁ ଏହି ରୋଗ ଆକ୍ରାନ୍ତ କରିଥାଏ। ଯେଉଁ ପିଲାଙ୍କ ଗ୍ରହଣଖଣ୍ଡିଆ ଥାଏ ତାଙ୍କର ଉପର ଓଠ ଅଧିକ ବଡ଼ ହେବା ସହିତ କିଛି ଅଂଶ ପାଟି ଭିତରକୁ ପଶି ରହିଥାଏ ଓ ଆଉ କିଛି ଅଂଶ ଉପରକୁ ଉଠି ନାକ ପର୍ଯ୍ୟନ୍ତ ଲାଗି ଥାଏ। ଫଳରେ ପିଲାଙ୍କ ଚେହେରା ବିକୃତ ଦେଖା ଯାଇଥାଏ। ଏପରିକି ପିଲାମାନେ ସ୍ପଷ୍ଟ ଭାବେ କଥା ମଧ୍ୟ କହିପାରନ୍ତି ନାହିଁ। କିନ୍ତୁ ଠିକ୍ ସମୟରେ ଅସ୍ତ୍ରୋପଚାର କରାଯାଇଥିବା ବେଳେ ଏପରି ଗ୍ରହଣଖଣ୍ଡିଆରୁ ଶିଶୁ ମାନେ ମୁକ୍ତି ହୋଇପାରିଛନ୍ତି। ଆର୍‌ବିଏସ୍‌କେର ଏଭଳି ମହାନ କାର୍ଯ୍ୟ ନିମନ୍ତେ ବହୁ ଗ୍ରହଣଖଣ୍ଡିଆ ଗରିବ ଶିଶୁଙ୍କ ପରିବାର ମୁହଁରେ ହସ ଫୁଟିଛି। ଯାହାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

**● ୭ ବର୍ଷରେ ୫୬୧ ଗ୍ରହଣଖଣ୍ଡିଆ ଶିଶୁଙ୍କ ଅସ୍ତ୍ରୋପଚାର**

# ଘରବାଡ଼ିରୁ ନାବାଳକର ମୃତଦେହ ଉଦ୍ଧାର

**କବିସୂର୍ଯ୍ୟନଗର,୧୦।୫(ସମିସ):** କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଗୋଟିଏ ଘରର ବାଡ଼ି ପଟୁ ଜଣେ ନାବାଳକାର ମୃତଦେହ ଉଦ୍ଧାର ହୋଇଛି। ମୃତ ନାବାଳକ ଶେରଗଡ଼ ଖମାର ଗ୍ରାମର ଆଦିତ୍ୟ ଜେନା। ସେ ଚାରିଦିନ ପୂର୍ବେ ଆଦିତ୍ୟ ଅଜାଘର ସାମନ୍ତରାପୁର ଗ୍ରାମକୁ ବୁଲିବାକୁ ଆସିଥିଲେ। ବୁଧବାର ସକାଳୁ ଆଦିତ୍ୟଙ୍କ ଆଇ ଖାଇବାକୁ ଦେଇ ଚାଷ ଜମିକୁ ଯାଇଥିବା ବେଳେ ଆଦିତ୍ୟ ନିଖୋଜ ଥିବା ଖବର ପାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ବହୁ ଆଡେ ଖୋଜାଖୋଜି ପରେ ଘର ବାଡ଼ିପଟେ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖି କବିସୂର୍ଯ୍ୟନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ ନାବାଳକକୁ ଉଦ୍ଧାର କରି କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ନାବାଳକର ତଣ୍ଟିଚିପି ହତ୍ୟା ପରେ ବାଡ଼ିରେ ପକାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ କେସନଂ ୮୩୦ ପ୍ରକାରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଛି। ଘଟଣାସ୍ଥଳକୁ ଏସଡିପିଓ ସୁଜିତ ନାୟକ, କବିସୂର୍ଯ୍ୟନଗର ଆଇଆଇସି ନିରଞ୍ଜନ ଦାସ ଓ ଟିମ ପହଞ୍ଚି ଛାନଭିନ କରୁଛନ୍ତି।

# କେନ୍ଦ୍ରୀୟ ଶିକ୍ଷା ଟିମ୍ ସଦସ୍ୟଙ୍କ ମଡେଲ ସ୍କୁଲ ପରିଦର୍ଶନ



**ଦିଗପହଣ୍ଡି,୧୦।୧୨(ସମିସ):** ଦିଗପହଣ୍ଡି ସ୍ଥିତ ଫାଉଣ୍ଡେସନାଲ ଲିଟ୍ରେସି ଏବଂ ନୁମ୍ରେସି (ଏଫ୍‌ଏନଏଲ୍) ମଡେଲ ସ୍କୁଲର ମାନ୍ୟତା ପାଇଥିବା ମଧୁ ବିଦ୍ୟାପୀଠ ପ୍ରାଥମିକ ବିଦ୍ୟାଳୟକୁ ବୁଧବାର କେନ୍ଦ୍ରୀୟ ଶିକ୍ଷା ଫାଉଣ୍ଡେସନର ବରିଷ୍ଠ ପ୍ରକଳ୍ପ ଲିଡର ନୀତିନ ଶର୍ମା ଏବଂ ରାଜ୍ୟ ଓସେପା ନିପୁଣ ସେଲ୍‌ର ସଦସ୍ୟ ଶୁଭ୍ରାଂଶୁ ଦାସ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ବିଦ୍ୟାଳୟର ଭିତ୍ତିଭୂମି, ଶିକ୍ଷାଦାନ କୌଶଳ, ଛାତ୍ରଛାତ୍ରୀଙ୍କ ମୌଳିକ ପଠନ, ଲିଖନ ଓ ଗଣିତ ଜ୍ଞାନ ପରଖିବା ସହ ବିଦ୍ୟାଳୟର ସମସ୍ତ ପଠନ କାର୍ଯ୍ୟକ୍ରମ ବ୍ୟତୀତ ରାଜ୍ୟ ସରକାରଙ୍କ ପଢ଼ିବା ଓ ଗଢ଼ିବା ଓଡ଼ିଶା, କେନ୍ଦ୍ର ସରକାରଙ୍କ ନିପୁଣ ଭାରତ ଓ ରାଜ୍ୟ ସରକାରଙ୍କ ନିପୁଣ ଓଡ଼ିଶା ସ୍ତରୀୟ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଶିକ୍ଷାଟିମ୍ ପରିଦର୍ଶନ ସମୟରେ ଦିଗପହଣ୍ଡି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝି, ସିଆରସିସି ଅନିଲ କୁମାର ଦାସ, ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ପାଣିଗ୍ରାହୀ, ଶିକ୍ଷକ ଉପେନ୍ଦ୍ର କୁମାର ପଣ୍ଡା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମାନବ ଅଧିକାର ଦିବସ ପାଳିତ







**ପୁରୁଷୋତ୍ତମପୁର,୧୦।୧୨(ସମିସ):** ପୁରୁଷୋତ୍ତମପୁର ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ତାରାତାରିଣୀ କଲେଜ ପରିସରରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଆଇନସେବା କମିଟିର ଅଧ୍ୟକ୍ଷ ସିନିୟର ସିଭିଲ ଜଜ୍ ତଥା ଆସିଷ୍ଟାଣ୍ଟ ସେସନ ଜଜ୍ ଶରତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେଏମଏଫସିର ବିଚାରପତି ଅନନ୍ୟା ଅପର୍ମିତା, କଲେଜର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ସାହୁ, ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ଼, ଅଧ୍ୟାପକ ସୁଶାନ୍ତ କୁମାର ସାହୁ ଯୋଗଦେଇ ଥିଲେ। ଏହି ଅବସରରେ ବିଚାରପତି ଶରତ କୁମାର ସାହୁ ସମାଜରେ ଯେପରି କୌଣସି ବ୍ୟକ୍ତିଙ୍କ ସମ୍ମାନ କ୍ଷୁର୍ଣ୍ଣ ହେବନାହିଁ ସେନେଇ ବୁଝାଇଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ମୁଖ୍ୟ ଅଧ୍ୟାପକ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷର ଛାତ୍ରୀ ଶ୍ରୀୟା ଗନ୍ତାୟତ ମାନବାଧିକାରକୁ ନେଇ ଶୀର୍ଷକ ନିବନ୍ଧକଟିକୁ ଉପସ୍ଥାପନ କରିଥିବାବେଳେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏଥିରେ ପ୍ରଭାତ କୁମାର ପଟ୍ଟନାୟକ, ଅଶୋକ କୁମାର ମାହାଙ୍କୁଡ ସମେତ ବହୁ ଓକିଲ ଓ କଲେଜର ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ। ଏହାକୁ କୋର୍ଟର କର୍ମଚାରୀମାନେ ପରିଚାଳନା କରିଥିଲେ।


**ଦିଗପହଣ୍ଡି:** ଦିଗପହଣ୍ଡି ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ଆଇନ ସହାୟତା କମିଟି ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନି ବିଚାରପତି ମହାଶ୍ୱେତା ପରିଜା ଅଧ୍ୟକ୍ଷତା କରି ମାନବର ସ୍ୱାଧୀନତାର ଅଧିକାର, ସମାନତାର ଅଧିକାର ସମେତ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଅଧିକାର ଗୁଡ଼ିକ ଉପରେ ସଚେତନ କରାଇବା ସହ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରହିଥିବା ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେହିପରି ଖେମୁଣ୍ଡି ଓକିଲ ସଂଘର ପୂର୍ବତନ ସଭାପତି ହରପ୍ରସାଦ ରଥ, ଉପସଭାପତି ସନ୍ତୋଷ କୁମାର ସାହୁ, ରିମାଣ୍ଡ ଏଡଭୋକେଟ ସଞ୍ଜୟ କୁମାର ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର, ଜେଏମଏଫସି କୋର୍ଟର ଉପ ପ୍ରଶାସକ ସଂଗ୍ରାମ କେଶରୀ ପଣ୍ଡା ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ବାବୁଲା ପଣ୍ଡା ସ୍ୱାଗତ ଭାଷଣ ଏବଂ ପ୍ରଧାନ ଶିକ୍ଷକ ଷଷ୍ଠୀ ପ୍ରସାଦ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଟିଏଲଏସସି ସମ୍ପାଦକ ପ୍ରଦୀପ କୁମାର ପୁରୋହିତ ସଂଯୋଜନା କରିଥିବା ବେଳେ ବିଚାର ବିଭାଗୀୟ କର୍ମଚାରୀ ରୁଦ୍ର ପ୍ରସାଦ ତାଣ୍ଡିଆ, କେ.ନୋକେୟା, ନିରଞ୍ଜନ ଶବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଖେମୁଣ୍ଡି ଓକିଲ ସଂଘର ବୈଠକ

**ଦିଗପହଣ୍ଡି,୧୦।୧୨(ସମିସ):** ଦିଗପହଣ୍ଡି ଖେମୁଣ୍ଡି ଓକିଲ ସଂଘର ସାଧାରଣ ପରିଷଦ ବୈଠକ ସଂଘର ଉପସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଦେୱାନି ବିଚାରପତି ମାନଙ୍କ ଠାରେ ପୂର୍ବରୁ ରହିଥିବା ଫୌଜଦାରୀ ମାମଲା ପରିଚାଳନା କ୍ଷମତାକୁ ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଅପସାରଣ କରି ଦିଆଯାଇଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦିଗପହଣ୍ଡିରେ ନୂଆରେ ଖୋଲିଥିବା ସବଜଜ୍ କୋର୍ଟଙ୍କ ଠାରେ ଏଏସଜେ କ୍ଷମତା ନଥିବା ଯୋଗୁଁ



ଜନ ସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ସ୍ଥାପନ କରିବା ପାଇଁ ସର୍ବସମ୍ମତ ଭାବେ ନିଷ୍ପତ୍ତି ଗୃହୀତ ହୋଇଥିଲା। ଏ ସମ୍ପର୍କରେ ଏକ ପ୍ରତିନିଧି ଦଳ ଖୁବଶୀଘ୍ର ଜିଲ୍ଲା ଜଜ୍, ଆଇନ ମନ୍ତ୍ରୀ ଏବଂ ହାଇକୋର୍ଟ ବିଚାରପତିଙ୍କ ସହ ସାକ୍ଷାତ ଆଲୋଚନା କରିବ ବୋଲି ଜଣାଯାଇଥିବା ବେଳେ ଦିଗପହଣ୍ଡିକୁ ସବଡିଭିଜନର ମାନ୍ୟତା ଦିଆଯିବାକୁ ମଧ୍ୟ ସଂଘ ପକ୍ଷରୁ ସରକାରଙ୍କ ଠାରେ ଦାବୀ କରାଯାଇଛି। ବୈଠକରେ ସମ୍ପାଦକ ପ୍ରଦୀପ କୁମାର ନାୟକ, ସହସମ୍ପାଦକ ରବିଚନ୍ଦ୍ର ଗୌଡ଼, କୋଷାଧ୍ୟକ୍ଷ ସୀମାଞ୍ଚଳ ପ୍ରଧାନଙ୍କ ସମେତ ପ୍ରାକ୍ତନ ସଭାପତି ହରପ୍ରସାଦ ରଥ, ରସାନନ୍ଦ ରାଉତ, ପରେଶ ଚନ୍ଦ୍ର ରଥ, ସତ୍ୟ ନାରାୟଣ ରଥ, ଚନ୍ଦ୍ରଧ୍ୱଜ ସିଂହ, ହେମନ୍ତ କୁମାର ପାଣିଗ୍ରାହୀ, ରତ୍ନାକର ମେକାପ, ଗିରିଜା ନନ୍ଦନ ମେକାପ ପ୍ରମୁଖ ଉପସ୍ଥିତ ଥିଲେ।




# ରୋଷେଇ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

**ଖଲ୍ଲିକୋଟ,୧୦।୧୨(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବାକୁଟ ଗାଁ ପଞ୍ଚାୟତ ସିଙ୍ଗିପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଗଲା ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି। ନଗଦ ଏକ ଲକ୍ଷ ଟଙ୍କା ସହିତ ସ୍ୱର୍ଣ୍ଣ ଅଳଙ୍କାର, ଲୁଗାପଟା ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳି ପୋଡି ପାଉଁଶ ହୋଇଯାଇଛି। ସିଙ୍ଗିପୁର ଗ୍ରାମର କ୍ଷେତ୍ର ପ୍ରଧାନଙ୍କ ଘରକୁ ଆଜି ଏକ ନୂଆଁ ଗ୍ୟାସ ସିଲିଣ୍ଡର ଆସିଥିବା ବେଳେ ରୋଷେଇ ପାଇଁ ଲଗାଇବା ବେଳେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା ଘର ଜଳିଯାଇଛି। କ୍ଷେତ୍ର ପ୍ରଧାନଙ୍କ ପରିବାର ସେହି ଗୋଟିଏ ବଖରା ଘରେ ରହୁଥିଲେ। ସେହି ଘର ଭିତରେ ରୋଷେଇ କରୁଥିବା ବେଳେ ସେଠାରେ ଟଙ୍କା, ସୁନା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଲୁଗାପଟା ଓ ସମସ୍ତ ଆସବାବ ପତ୍ର ରହିଥିବାରୁ ଅଗ୍ନିକାଣ୍ଡ ଯୋଗୁଁ ସବୁ ନିଆଁରେ ପୋଡିଯାଇଛି। ଖଲ୍ଲିକୋଟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ପ୍ରକଳ୍ପସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ବେଲଗୁଣ୍ଠା,୧୦।୧୨(ସମିସ):

ବେଲଗୁଣ୍ଠା ବ୍ଲକ୍ ସମ୍ମିଳନୀ ଗୃହରେ ପ୍ରକଳ୍ପସ୍ତରୀୟ କିଶୋର କିଶୋରୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବେଲଗୁଣ୍ଠା ସିଡ଼ିପିଓ ନଳିନୀ କୁମାରୀ ମହାରଣା ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ କଳାକୃଷ୍ଣ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଭା କୁମାରୀ ରଥ, ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରିଣୀ ଡ଼ାକ୍ତର ସବିତା,ସୁପରଭାଇଜର ବିଜୟ ଲକ୍ଷ୍ମୀ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବେଲଗୁଣ୍ଠା ବ୍ଲକ୍‌ର ବିଭିନ୍ନ କ୍ଲଷ୍ଟର୍‌ରୁ ଆସିଥିବା କିଶୋରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଳା ଓ ସଂସ୍କୃତି ସଂଘ ତରଫରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହୋଇଯାଇଥିବା ଅଦ୍ୱିକା କାର୍ଯ୍ୟକ୍ରମର ବିଜେତା ମାନଙ୍କୁ ମଧ୍ୟ ଆଜି ସିଡିପିଓ ଅଫିସରେ ଥାନା ଅଧିକାରୀ ଶ୍ରୀମତୀ ଶବର ଓ ତହସିଲଦାର ଶ୍ରୀ ପ୍ରଧାନ ପୁରସ୍କୃତ କରିଛନ୍ତି।



## ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ପ୍ରତିବାଦ




ବ୍ରହ୍ମପୁର,୧୦।୧୨(ସମିସ): ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ସିପିଏମ ପକ୍ଷରୁ କମାପଲ୍ଲୀ ଛକରେ ପ୍ରତିବାଦ କରାଯାଇଛି। ବିଧାୟକ ମାନଙ୍କ ଦରମା ୧ ଲକ୍ଷ ୧୧ ହଜାରରୁ ୩ଲକ୍ଷ ୪୫ହଜାରକୁ ବୃଦ୍ଧି କରାଯାଇଛି। ଯାହାକି ସାରା ଦେଶରେ ସର୍ବାଧିକ। ରାଜ୍ୟର ଋଣଭାର ୯୬ହଜାର ୩୧୦କୋଟି ଟଙ୍କା ଥିଲା। ମାର୍ଚ୍ଚ ମାସ ସୁଦ୍ଧା ଋଣ ୧ଲକ୍ଷ ୩୪ହଜାର ୯୧୪ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଅନ୍ୟ ଦିଗରେ ରାଜ୍ୟରେ ଖାଇବାକୁ ନପାଇ ଲୋକେ ଆମ୍ବ ଟାକୁଆ ଖାଇ ମରୁଛନ୍ତି। ଆମ୍ବୁଲାନ୍ସ ବଦଳରେ ରୋଗୀ ଦୋଳାରେ ବୁହା ହେଉଛନ୍ତି। ହଜାର ହଜାର ଶିକ୍ଷକ ଓ ଡାକ୍ତର ପଦବୀ ଖାଲି ପଡ଼ିଛି, ନୂଆ ନିଯୁକ୍ତି ନାହିଁ। ହଜାର ହଜାର ବୃଦ୍ଧ ଅସହାୟ ଭତ୍ତା ଅପେକ୍ଷାରେ ରହିଛନ୍ତି।

ଏଭଳି ପରିସ୍ଥିତିରେ ବିଧାୟକମାନେ ନିଜ ଦରମା ୩ଗୁଣ ବୃଦ୍ଧି କରିବା ଏକ ନିନ୍ଦନୀୟ କାର୍ଯ୍ୟ ବୋଲି ସିପିଏମ୍ ପକ୍ଷରୁ ଏଠାରେ କୁହାଯାଇଛି। ତେଣୁ ଅତିଶୀଘ୍ର ଏହି ଦରମା ବୃଦ୍ଧି ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ପ୍ରତିବାଦ ସଭାରେ ସିପିଏମ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ବାବୁଲା ନାୟକ, ଗୋକୁଳ ତ୍ରିପାଠୀ, ରାଜରାଓ, ଚିଟିବାବୁ, କେଶବ ଗୌଡ଼, ଲୋକନାଥ ଖୁଣ୍ଟିଆ, ମୋହନ ରାଓ, ବାପିନ ନାୟକ ଓ ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଅସଦାଚରଣ ଘଟଣାରେ ଯୁବକ କୋର୍ଟ ଚାଲାଣ

ରଙ୍ଗେଇଲୁଣ୍ଡା,୧୦।୧୨(ସମିସ): ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗାଳିଗୁଲଜ ସହ ଟଣାଓଟରା କରି ଅସଦାଚରଣ ଘଟଣାରେ ଆଜି ଗୋଳନ୍ଥରା ପୁଲିସ ଜନୈକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଘାଟିକାଲୁ ଅଞ୍ଚଳର ଏମ୍. ରଘୁନାଥ(୩୧)। ଏହି ଥାନା ଅଧିନସ୍ଥ ଏରେଣ୍ଡା ଗ୍ରାମରେ ଅକ୍ଟୋବର ୩୧ ତାରିଖରେ ମହିଳା ଘରେ ଏକୁଟିଆ ଥିବାବେଳେ ରଘୁନାଥ ଘରେ ପଶି କୋ÷ଣସି କାରଣରୁ ଗାଳିଗୁଲଜ ସହ ଅସଦାଚରଣ କରିଥିଲେ। ଏ ନେଇ ମହିଳା ଜଣକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଘାଟିକାଲୁ ଅଞ୍ଚଳରେ ରଘୁନାଥ ଥିବା ଖବର ପାଇ ପୁଲିସ ଗିରଫ କରିଥିଲା। ପଚରାଉଚରା କରିବା ପରେ ଅପରାହ୍ନରେ କୋର୍ଟ ଚାଲାଣ କରିଛି।

### ଓଡ଼ିଶା-ଆନ୍ଧ୍ର ପ୍ରାନ୍ତ ଇତିହାସର ମୂକସାକ୍ଷୀ ଶ୍ରୀକାକୁଲମର ଲକ୍ଷେଶ୍ୱର ଦେଉଳ

# ଦୁର୍ଲଭ ଓଡ଼ିଆ-ତେଲୁଗୁ ଦ୍ୱିଭାଷୀ ଶିଳାଲେଖର ଆବିଷ୍କାର

ବ୍ରହ୍ମପୁର, ୯।୧୨(ସମିସ)

ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଦୁର୍ଲଭ ଓଡ଼ିଆ-ତେଲୁଗୁ ଦ୍ୱିଭାଷୀ ଶିଳାଲେଖର ଆବିଷ୍କାର କରାଯାଇଛି। ଯାହା ଗବେଷକମାନଙ୍କୁ ନୂଆ ଐତିହାସିକ ଆଲୋକ ଦେଇଛି। ଠାବ ହୋଇଥିବା ଦୁଇ ଭାଷାର ଶିଳାଲେଖ ପୁରାତନ ଓ ସାମ୍ପ୍ରତିକ ଯୋଗାଯୋଗକୁ ପ୍ରମାଣିତ କରୁଥିବା ଗବେଷକ ମତ ଦେଇଛନ୍ତି। ଶିଳାଲେଖର ଶବ୍ଦ ଓ ଲିପିର ପରିଚୟ ଗବେଷକମାନଙ୍କୁ ଦୁଇ ଅଞ୍ଚଳର ସାହିତ୍ୟ ଓ ସଂସ୍କୃତି, ଆଧ୍ୟାତ୍ମିକତାର ଚିତ୍ର ଦର୍ଶାଇଛି। ଭାଷା ବିଶ୍ଳେଷଣ ପ୍ରାଚୀନ ବାଣିଜ୍ୟ ଓ ସମ୍ପର୍କର ନୂତନ ତଥ୍ୟକୁ ଉନ୍ମୋଚିତ କରିଛି।

ଏହି ଶିଳାଲେଖର ଓଡ଼ିଶା-ଆନ୍ଧ୍ର ସୀମାଞ୍ଚଳର ପ୍ରାଚୀନ ଐତିହ୍ୟକୁ ଅଧିକ ସୁସ୍ପଷ୍ଟ କରିଛି। ଲେଖାର ପ୍ରତ୍ୟେକ ଅକ୍ଷର ପୁରାତନ ଶାସନ, ଧାର୍ମିକ ରିତିନିତି ଓ ଲୋକଜୀବନର ଚିତ୍ର ଏକାଠି କରୁଥିବା ଜଣାପଡ଼ିଛି। ଏହା ଭାଷା ବିଜ୍ଞାନୀ ଓ ପୁରାତତ୍ତ୍ୱବିଦଙ୍କ ପାଇଁ ଗବେଷଣାର ନୂଆ ଦିଗ ଖୋଲିଛି। ଶିଳାଲେଖ ଅଞ୍ଚଳବାସୀଙ୍କ ସାଂସ୍କୃତିକ ଆଦାନ-ପ୍ରଦାନର ଜୀବନ୍ତ ସାକ୍ଷ୍ୟ ବୋଲି ମଧ୍ୟ



କୁହାଯାଉଛି। ଏହି ଦୁର୍ଲଭ ଲେଖାର ସଂରକ୍ଷଣ ଭବିଷ୍ୟତ ପିଢ଼ିଙ୍କୁ ଐତିହ୍ୟ ସହ ଯୋଡ଼ି ରଖିବାରେ ସହାୟକ ହେବ।

ସୂଚନାପ୍ରକାରେ, ପ୍ରାଚୀନ ଗଞ୍ଜାମ ତଥା ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାରେ ଏକ ଗୁରତ୍ୱପୂର୍ଣ୍ଣ ଶିଳାଲେଖ ଉମା ଲକ୍ଷେଶ୍ୱର ସ୍ୱାମୀ ମନ୍ଦିରରେ ସମ୍ପ୍ରତି ସନ୍ଧାନ ହୋଇଛି। ଲିପିତତ୍ୱ ଗବେଷକ ବିଷ୍ଣୁ ମୋହନ ଅଧିକାରୀ ଏହି ଦ୍ୱିଭାଷୀ (ଓଡ଼ିଆ-ତ୍ରେଲୁଗୁ) ଶିଳାଲେଖ ସନ୍ଧାନ କରି ପ୍ରଥମ ବାର ପାଠ ଉଦ୍ଧାର କରିଛନ୍ତି। ଅଧିକାରୀଙ୍କ ପାଠ ଅନୁସାରେ, ଏହି ଶିଳାଲେଖଟି ମନ୍ମଥ ନାମ ସଂବତ୍ସର, ଚୈତ୍ର ଶୁକ୍ଳ ପ୍ରତିପଦା, ଶୁକ୍ରବାରରେ ବିଶ୍ୱନାଥ ପଣ୍ଡିତଙ୍କ ଦ୍ୱାରା ଦାନ ହୋଇଥିବାର ଉଲ୍ଲେଖ ମିଳିଛି। ଶିଳାଲେଖରେ "ପାଳକୁଳା" ଗ୍ରାମର ଉଲ୍ଲେଖ ଅଛି। ଏହି ଶବ୍ଦ ଆଧୁନିକ ପାଲ୍‌କୁଣ୍ଡା ଗ୍ରାମ ହୋଇଥିବା ସେ ଅନୁମାନ କରିଛନ୍ତି। ଲିପିତତ୍ତ୍ୱ ଭିତ୍ତିରେ ଏହି ଶିଳାଲେଖ ଅନୁମାନିକ ଚତୁର୍ଦ୍ଦଶ (୧୪) ଶତାବ୍ଦୀର ପ୍ରଥମାର୍ଦ୍ଧର ଅଟେ। ଯେଉଁଠି ଓଡ଼ିଆ ଓ ତେଲୁଗୁ ଲିପିର ସମାନାନ୍ତର ଶୈଳୀ ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି। ବଶ୍ୱନାଥ ପଣ୍ଡିତଙ୍କ ନାମ ଓଡ଼ିଆ ଓ ତେଲୁଗୁ ଉଭୟ ଲିପିରେ ଉଲ୍ଲେଖିତ। ଯାହା ଏହି ଶିଳାଲେଖକୁ ଅତ୍ୟଧିକ ଦୁର୍ଲଭ ଓ ଶାସ୍ତ୍ରୀୟ ଗୁରୁତ୍ୱପୂର୍ଣ୍ଣ କରିଛି। ଏହି ଶିଳାଲେଖ ପୂର୍ବ ଗଙ୍ଗବଂଶ ବେଳର ହୋଇପାରେ ବୋଲି ମଧ୍ୟ ଗବେଷକ ମତ ଦେଇଛନ୍ତି। ସେହି ସମୟରେ କଳିଙ୍ଗର ସାମ୍ରାଜ୍ୟ ସୀମା ଗୋଦାବରୀ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତାରିତ ଥିବା ଐତିହାସିକ ପ୍ରମାଣ ମିଳିଥାଏ। ନିକଟସ୍ଥ ଶ୍ରୀକୂର୍ମ ମନ୍ଦିରରେ ସେଇ ଶତାବ୍ଦୀର ଅନେକ ଦ୍ୱିଭାଷି ଶିଳାଲେଖ ପୂର୍ବରୁ ପାଠ ଉଦ୍ଧାର ହୋଇଥିବା କଥା ଶ୍ରୀ ଅଧିକାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଏହି ମନ୍ଦିରରୁ କିଛି ମାସ ପୂର୍ବରୁ ଜୟପୁର ରାଜ୍ୟର ନନ୍ଦପୁର ରାଜାଙ୍କ ଏକ ଦୀର୍ଘ ଓଡ଼ିଆ ଶିଳାଲେଖ ପ୍ରଥମବାର ପୂର୍ଣ୍ଣ ପାଠ କରିଥିଲେ ଶ୍ରୀ ଅଧିକାରୀ। ଯେଉଁଠି ଶ୍ରୀକାକୁଲମର ପ୍ରାଚୀନ ନାମ ଓଡ଼ିଆ ଭାଷାରେ "ସିକାକୋଲି ଗଡ"ବୋଲି ପ୍ରମାଣ ମିଳିଥିଲା। ଏହି ନୂଆ ଆବିଷ୍କାର ଐତିହାସିକ ପୁରାତତ୍ତ୍ୱବିଦ୍ ଓ ସଂସ୍କୃତି ଗବେଷକମାନଙ୍କୁ ଆନନ୍ଦ ଦେଇଛି। କାରଣ ଏହା ଓଡ଼ିଶା-ଆନ୍ଧ୍ର ପ୍ରାନ୍ତ ଇତିହାସ ସମ୍ପର୍କରେ ଏକ ନୂଆ ତଥ୍ୟ ଯୋଗ କରୁଛି ଓ ଅଞ୍ଚଳୀୟ ଶିଳାଲେଖ ପରମ୍ପରାକୁ ସ୍ପଷ୍ଟ କରୁଛି।

### ଅଣ୍ଡର ୧୪ ଜାତୀୟ ବିଦ୍ୟାଳୟସ୍ତରୀୟ ହକି

## ଓଡ଼ିଶା ଦଳରେ ଛତ୍ରପୁରର ପି. ବିଷ୍ଣୁ

ଛତ୍ରପୁର,୧୦।୧୨(ସମିସ): ଛତ୍ରପୁର ଅନ୍‌ସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ୯ମ ଶ୍ରେଣୀର ଛାତ୍ର ପି.ବିଷ୍ଣୁ ଅଣ୍ଡର ୧୪ (ବାଳକ ) ଓଡ଼ିଶା ହକି ଦଳରେ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଟିକମଗଡ଼ଠାରେ ହେବାକୁ ଥିବା ୬୯ତମ ଅଣ୍ଡର- ୧୪ ଜାତୀୟ ବିଦ୍ୟାଳୟସ୍ତରୀୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଏହି ପ୍ରତିଯୋଗିତାରେ ଓଡିଶା ଦଳରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ପି. ବିଷ୍ଣୁ ସ୍ଥାନ ପାଇଥିବା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ୧୮ ଜଣ ଖେଳାଳୀଙ୍କ ମଧ୍ୟରେ ତାଙ୍କୁ ଚୟନ କରାଯାଇଛି। ଦୀର୍ଘ ୩ ବର୍ଷ ହେଲା ବିଷ୍ଣୁ ଭଲ ହକି ଖେଳାଳି ଭାବେ ବିଭିନ୍ନ ସ୍ଥାନ ଓ ରାଜ୍ୟସ୍ତରକୁ ଯାଇ ନିଜ ପ୍ରତିଭା ଦେଖାଇଛନ୍ତି। ସ୍କୁଲର ପ୍ରଧାନଶିକ୍ଷୟତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେଠାରେ କିପରି ଓଡିଶା ପାଇଁ ଭଲ ପ୍ରଦର୍ଶନ କରି ଗଞ୍ଜାମ ଜିଲ୍ଲା ପାଇଁ ସୁନାମ ଆଣିବେ ସେନେଇ ତାଙ୍କୁ ସବୁମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆସନ୍ତା ୧୩ ତାରିଖରେ ସୁନ୍ଦରଗଡ ସରକାରୀ ହାଇସ୍କୁଲ କୋଚିଂ କ୍ୟାମ୍ପରେ ସେ ଯୋଗଦେବାକୁ ସ୍କୁଲକୁ ଚିଠି ଆସିଛି। ୧୩ ରୁ ୧୮ କ୍ୟାମ୍ପ ପରେ ୧୯ ରେ ମଧ୍ୟପ୍ରଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।



## ମହିଳାଙ୍କୁ ଦୁଷ୍କର୍ମ ମାମଲା; ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୦।୧୨(ସମିସ): ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ଜଜ ରୋହିତଲାଲ ପଣ୍ଡା ବୁଧବାର ଏକ ଦୁଷ୍କର୍ମ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ମିଳିନଥିବାରୁ ଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ହେଲେ ସୁକୁଣ୍ଡାର ଟୁକୁନା ଦାସ(୩୨)। ଘଟଣାରୁ ପ୍ରକାଶ ଯେ, ସଦର ଥାନା ଅଞ୍ଚଳର ଜନୈକା ମହିଳା ଶ୍ରମିକ ଭାବେ କାମ କରୁଥିଲେ। ଉକ୍ତ ମହିଳାଙ୍କ ସହ ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକ ଜଣଙ୍କ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ତଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ୨୦୨୨ନଭେମ୍ବର ମାସରେ ଉକ୍ତ ଯୁବକ ଜଣଙ୍କ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲା। ହେଲେ ସେ ମନା କରି ଦେଇଥିଲେ। ପରେ ଯୁବକ ଜଣଙ୍କ ମହିଳାଙ୍କୁ ଏକ ଛୁରୀ ଦେଖାଇ ଜୀବନରେ ମାରିଦେବକୁ ଧମକ ଦେଇଥିଲେ। ମହିଳା ଜଣଙ୍କ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୫୨୬/୨୨ରେ ଏଜେ ମାମଲା ରୁଜୁ କରି ତଦନ୍ତ ପରେ ଟୁକୁନା ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦ୍ଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ବେହେରା ଓ ପୱନ କୁମାର ମକଦ୍ଦମା ପରିଚାଳନା କରିଥିଲେ।

## ବାଇକ୍ ମୁହାଁମୁହିଁ ଧକ୍କାରେ ଶିକ୍ଷକ ମୃତ

ପୁରୁଷୋତ୍ତମପୁର,୧୦।୧୨(ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପୁର ଛକ ନିକଟରେ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତ ଶିକ୍ଷକ ହେଲେ ପୁରୁଷୋତ୍ତମପୁର ରାଧାକାନ୍ତ ସାହିର ସୂର୍ଯ୍ୟନାରାୟଣ ପଣ୍ଡା (୫୮)। ଆହାତମାନେ ହେଲେ ବଡ଼ଚକଟା ଗ୍ରାମର ପିଣ୍ଟୁ ମହାରଣା(୨୭), ଗଣେଶ ମହାରଣା (୨୫)। ଖବରରୁ ଜଣାପଡିଛି ଯେ, ସୂର୍ଯ୍ୟନାରାୟଣ ଗଞ୍ଜାମ ବ୍ଲକ ଖଣ୍ଡଦେଉଳି



ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ଘରକୁ ନିଜ ବାଇକ୍‌ରେ ଫେରୁଥିଲେ। ଅନ୍ୟପଟେ ପୁରୁଷୋତ୍ତମପୁରରୁ କାମ ସାରି ପିଣ୍ଟୁ ଓ ଗଣେଶ ନିଜ ଗ୍ରାମକୁ ବାଇକ୍‌ରେ ଫେରୁଥିଲେ। ପ୍ରତାପୁର ଛକ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟେ ରାସ୍ତାକୁ ଛିଟିକି ପଡ଼ି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ପୁରୁଷୋତ୍ତମପୁର ମେଡିକାଲ ଓ ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଶିକ୍ଷକ ସୂର୍ଯ୍ୟନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ଏମ୍‌କେସିଜି କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ରକ୍ତଦାନ

ବ୍ରହ୍ମପୁର,୧୦।୧୨(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର କନିଷ୍ଠ ଡାକ୍ତର ସଂଘ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ଡିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ, ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା, ସଂଘ ପରାମର୍ଶଦାତା ଡା. ଶିବ ପ୍ରସାଦ ପଟ୍ଟନାୟକ, ହଷ୍ଟେଲ କାଉନସିଲ ଅଧକ୍ଷ ଡା. ଜାମି ସାଗର ପୃଷ୍ଟି, କମ୍ୟୁନିଟି ମେଡ଼ିସିନର ଡ଼ା. ଅମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନେକ ସମୟରେ ରକ୍ତ ଅଭାବ କାରଣରୁ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ସେହିପରି ବିଭିନ୍ନ ସମୟରେ ସାଧାରଣ ଲୋକ ରକ୍ତଦାନ କରିବାକୁ ଭୟ କରିଥାନ୍ତି। ଏଭଳି ଭୟ ଦୂର କରିବା ସହ ନିୟମିତ ରକ୍ତଦାନ କରିବାକୁ ମେଡିକାଲ ବହୁ ବରିଷ୍ଠ ଓ କନିଷ୍ଠ ଡାକ୍ତର ନିଜେ ରକ୍ତଦାନ କରି



ସଚେତନ କରିଥିଲେ। ରୋଗୀ ଚିକିତ୍ସା ସହିତ ରକ୍ତ ସଂଗ୍ରହ ମାଧ୍ୟମରେ ରୋଗୀମାନଙ୍କ ଜୀବନରକ୍ଷାରେ ସାହାଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶିବିରରେ ମୋଟ ୧୦୩ ୟୁନିଟ ରକ୍ତ ସଂଗ୍ରହ ହୋଇଥ‌ିଲା। ଏଥିରେ ଏମକେସିଜି ମେଡିକାଲ ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ। ସଂଘ ସଭାପତି ଡ଼ା କାମାକ୍ଷା ପ୍ରସାଦ ପଣ୍ଡା, ସମ୍ପାଦକ ହରି ପ୍ରସାଦ ପାଣିଗ୍ରାହୀଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସରଙ୍କ ଚୟନ

ବ୍ରହ୍ମପୁର,୧୦।୧୨(ସମିସ): ଚଳିତମାସ ୧୮ ଓ ୧୯ତାରିଖରେ ହେବାକୁ ଥିବା ନବମ ଏଲିଟ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗଞ୍ଜାମ ଜିଲ୍ଲା ବକ୍ସିଂ ପୁରୁଷ ଓ ମହିଳା ବକ୍ସିଂ ଦଳ ଗଠନ ହେବ। ଏଥିଲାଗି ୧ ଜାନୁଆରୀ ୧୯୮୫ଠାରୁ ୩୧ ଡିସେମ୍ବର ୨୦୦୬ମଧ୍ୟରେ ଯେଉଁ ବକ୍ସର ଜନ୍ମଗ୍ରହଣ କରିଥିବେ ସେମାନେ ଯୋଗ ଦେଇ ପାରିବେ। ଚଳିତମାସ ୧୨ତାରିଖ ସକାଳ ୭ରୁ ୯ଘଣ୍ଟ ମଧ୍ୟରେ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଚୟନ ହେବ। ଏହି ଚୟନ ଶିବିରରେ ଯୋଗ ଦେବାକୁ ସମସ୍ତ ଗଞ୍ଜାମ ଜିଲ୍ଲାର ଶିକ୍ଷାନୁଷ୍ଠାନ, କ୍ଲବ୍, ବ୍ଲକ୍ ଓ ଆସୋସିଏସନର ବକ୍ସର ମାନେ ନିଜର ଜନ୍ମଗତ ପ୍ରମାଣ ପତ୍ର ଓ ଆଧାର କାର୍ଡ, ପାସ୍‌ପୋର୍ଟ ଫଟୋ ୩ଟି ସହ ଗଞ୍ଜାମ ଜିଲ୍ଲା ଆଥଲେଟିକ ଆସୋସିଏସନ୍ ବକ୍ସିଂ ସମ୍ପାଦକ କ. ପ୍ରଭାକର ରାଓ ଓ ଅନ୍ତର୍ଜାତୀୟ ରେଫେରି ତଥା ସ୍ଥାନୀୟ କୋଚ୍ ଶିଶିର କୁମାର ପାଣିଗ୍ରାହୀଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଡ଼ିଏଏଡର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

### ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ଶିକ୍ଷାସହିତ ଆଧ୍ୟାତ୍ମିକତାର ସଂଯୋଗ ଜରୁରୀ: କମିସନର




ବ୍ରହ୍ମପୁର,୧୦।୧୨(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ ଭିଭିଗିରି ସରକାରୀ ମାଧ୍ୟମିକ ମହିଳା ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷା ସହିତ ଆଧ୍ୟାତ୍ମିକତାର ସଂଯୋଗ ରହିବା ଆବଶ୍ୟକ। ଛାତ୍ରଛାତ୍ରୀ ମାନଙ୍କର ବିଦ୍ୟାଳୟସ୍ତରରୁ ବୈଷୟିକ ସମ୍ପର୍କିତ ପ୍ରକଳ୍ପ ପ୍ରଦର୍ଶନ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଦୁର୍ଗା ମାଧବ ଶତପଥି ମୁଖ୍ୟବକ୍ତା ରୂପେ ଯୋଗଦେଇ ଶିକ୍ଷା ସହିତ ସ୍ୱାସ୍ଥ୍ୟ ରକ୍ଷା ଏକାନ୍ତ ଜରୁରୀ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ଼ ପ୍ରଭାତୀ କୁମାରୀ ମହାପାତ୍ର, ବସନ୍ତ କୁମାର ପଣ୍ଡା, ଏସ୍ ଧନଞ୍ଜୟ, ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏଡ଼ିଏମ ସୁନୀଲ କୁମାର କେର୍କେଟା ଉପସ୍ଥିତ ରହି ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ବିଷୟରେ ମତ ଦେଇଥିଲେ। ମୁଖ୍ୟବକ୍ତା ରୂପେ ପ୍ରବେଶନାରୀ ଆଇଏସ୍ ମୃଣାଳିକା ରାଠୋର ଯୋଗଦେଇ ମାଇକେଲ ଫାରେଡେଙ୍କ ଜିବନୀ ବିଷୟରେ ଆଲୋକପାତ କରି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୯୨ଟି ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ୧୩୨ଟି ବିଜ୍ଞାନ ଅର୍ଥାତ ସମୁଦାୟ ୨୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ୨୨ଟି ବ୍ଲକର ୪୪ଟି ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଉପବିଷୟ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଜ୍ଞାନରେ କେଆରଏନ୍ ବିଦ୍ୟାଳୟ ଲାଲ ସିଂର ମୃଣାଳିନୀ ମାନସୀ, ଇମରଜିଙ୍ଗ୍ ଟେକ୍ନୋଲୋଜିରେ ଏମଏମ ଉଚ୍ଚ ବିଦ୍ୟାଳୟର ଏଲ୍ ପୂର୍ଣ୍ଣଚନ୍ଦ୍ର ପାତ୍ର, ଜଳ ସଂରକ୍ଷଣ ଓ ପରିଚାଳନାରେ ପୁରୁଣାପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନରେନ୍ଦ୍ର ନାୟକ, ସବୁଜ ଶକ୍ତିରେ ଆଦର୍ଶ ବିଦ୍ୟାଳୟ ବାଦପୁରର ଶ୍ରୁତି କୁମାରୀ ବେହେରା, ରେକଗନାଇଜ୍‌ନାଲ ମେଥ ମୋଡ଼େଲିଂରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସୁରମଣୀର ଆଦ୍ୟାଶା ସାହୁ, ବର୍ଯ୍ୟବସ୍ତୁ ପରିଚାଳନାରେ କୁଇନ

### ସ୍କୁଲସ୍ତରର ବୈଷୟିକ ପ୍ରକଳ୍ପ ବିକଶିତ ଓଡ଼ିଶା ଓ ଭାରତ ଗଠନରେ ସହାୟକ ହେବ

ମିଶନ ଉଚ୍ଚ ବିଦ୍ୟାଳୟର କେ. ପ୍ରଣୀତ କୁମାର, ଧାରଣୀୟ କୃଷିରେ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟର ମନୋରଞ୍ଜନ ସାହୁ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀକୁ ମନୋନୀତ ହୋଇଛନ୍ତି। ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପ୍ରକଳ୍ପରେ ଏଲିମେଣ୍ଟାରି ବର୍ଗରେ ବାଲିଶିରାର ଜେ ଉଷାରାଣୀ ପାତ୍ର, ୟୁପିଏସ ନନ୍ଦିଘୋରର ଲିପି ମହାରଣା, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗୋବିନ୍ଦ ନଗରର ଅର୍ଚ୍ଚିତା ସାହ ଓ ସେକେଣ୍ଡରୀ ବର୍ଗରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବରଗାଁର ଦୁଷ୍ମନ୍ତ ବେହେରା, ବାଲାଜୀ ବିଦ୍ୟାପୀଠ କନିସିର ଆଶୁତୋଷ ସାହୁ, ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ଶ୍ରୀଧର ବେହେରା ଯଥାକ୍ରମେ ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିଲେ। କୁଇଜ୍ ପ୍ରତିଯୋଗୀତାରେ ସେକେଣ୍ଡାରୀ ବର୍ଗରେ ଆଦର୍ଶ ବିଦ୍ୟାଳୟ ସୋରଡ଼ାର ଅଙ୍କିତ କୁମାର ସାହୁ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଆଶିଷ କୁମାର ସାହୁ, ଠାକୁରାଣୀ ଉଚ୍ଚ ବିଦ୍ୟାଳୟର ଯଶରାଜ ଦଳେଇ ଏବଂ ଏଲିମେଣ୍ଟାରି ବର୍ଗରେ କୁକୁଡାଖଣ୍ଡି ଉଚ୍ଚ ବିଦ୍ୟାଳୟର ଶିବ ଶଙ୍କର ଶାସମଲ, ୟୁପିଏସ୍ କରପଡାର ଶୁଭଶ୍ରୀ ନାୟକ, ଆଦର୍ଶ ବିଦ୍ୟାଳୟ ବେଗୁନିଆପଡାର ଦେବୁ କଲ୍ୟାଣ ସାହୁ ଯଥାକ୍ରମେ ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ସମ୍ପାଦନରେ ଚିକିଟି ଗୋଷ୍ଠୀ ଶିକ୍ଷାଧିକାରୀ ପନ୍ନଗ ଭୂଷଣ ମାଝି, ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର ନାରାୟଣ ବେଜ, ଗୋକୁଳ କୃଷ୍ଣ ପଣ୍ଡାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ପରମଗୁରୁ ମହାପାତ୍ର, ଗିରିଜା ଶଙ୍କର ମହାପାତ୍ର, ଉଷାରଣୀ ବ୍ରହ୍ମା, ଦିଲୀପ କୁମାର ପାତ୍ର, ସୁଦାମ ଚରଣ ସାହୁ, ବସନ୍ତ କୁମାର ସାହୁ, ସାହିକ ପଟ୍ଟନାୟକ, ଅଖିଳ ମହାପାତ୍ର ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇଥିଲେ। ଚିନ୍ମୟ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।



## ୧୩ରେ ଟିପିଏସ୍‌ଓଡିଏଲ୍ ଉପଭୋକ୍ତାଙ୍କ ନିମନ୍ତେ ଲୋକ ଅଦାଲତ

ବ୍ରହ୍ମପୁର,୧୦।୧୨(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଆସନ୍ତା ୧୩ତାରିଖରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ପ୍ରବର୍ତ୍ତନ ସମାଧାନ ଶିବିର ଅନୁଷ୍ଠିତ ହେବ। ଉପଭୋକ୍ତାଙ୍କ ଦ୍ୱାରା ଅନଧିକୃତ ବିଦ୍ୟୁତ ବ୍ୟବହାର ତଥା ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାର ସମାଧାନ ନିମନ୍ତେ ଏହି ଶିବିରର ଆୟୋଜନ କରାଯାଉଛି। ଏଠାରେ ଦୀର୍ଘଦିନ ଧରି ବିଚାରଧୀନ ଥିବା ମାମଲା ଗୁଡ଼ିକର ଏକକାଳୀନ ସମାଧାନ କରାଯିବ। ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କୋରାପୁଟ, ରାୟଗଡା, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସମସ୍ତ ଟିପିଏସ୍‌ଓଡିଏଲ୍ ଡିଭିଜନ୍, ସବ୍-ଡିଭିଜନ୍, ସେକ୍ସନ ଅଫିସ ଓ ନିର୍ଦ୍ଦିଷ୍ଟ କୋର୍ଟ ପରିସରରେ ଏକକାଳୀନ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଶିବିରଗୁଡ଼ିକ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଉପଭୋକ୍ତାମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ପହଞ୍ଚି ମାର୍ଗଦର୍ଶନ ଓ ସହାୟତା ପାଇପାରିବେ। ଟିପିଏସ୍‌ଓଡିଏଲର ଏଭଳି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ବିଜୁଳି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହ କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ମାମଲା ଗୁଡ଼ିକର ସମାଧାନକୁ ଶୃଙ୍ଖଳିତ କରିବାରେ ସହାୟକ ହେବ। ବିଜୁଳି ବ୍ୟବହାରରେ ସ୍ୱଚ୍ଛତା ଓ ନିୟମିତତା ରକ୍ଷା ହେବା ସହ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା ସ୍ଥାପିତ ହୋଇପାରିବ। ପ୍ରବର୍ତ୍ତନ ଅଧିକାରୀ, ଆଇନ ବିଶେଷଜ୍ଞ ଓ ଉପଭୋକ୍ତା ସହାୟତା କର୍ମଚାରୀମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ଲୋକ ଅଦାଲତରେ ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ଆନୁଷଙ୍ଗିକ ସହାୟତା ପ୍ରଦାନ କରିବେ। ଲୋକ ଅଦାଲତ ସମ୍ପର୍କିତ ସବିଶେଷ ସୂଚନା, ଯେପରି, ଜିଲାୱାରୀ ବ୍ୟବସ୍ଥା, ଯୋଗ୍ୟ ମାମଲାର ବର୍ଗୀକରଣ, ପର୍ଯ୍ୟାୟ କ୍ରମେ ମାର୍ଗଦର୍ଶନ ଇତ୍ୟାଦି, ଟିପିଏସ୍‌ଓଡିଏଲର କାର୍ଯ୍ୟାଳୟରେ ମିଳିବ। ଗ୍ରାହକମାନେ ଅତିରିକ୍ତ ସୁବିଧା ନିମନ୍ତେ କମ୍ପାନୀର ଗ୍ରାହକ ସେବା କେନ୍ଦ୍ର ଓ ସହ ଯୋଗାଯୋଗ କରିପାରିବେ। ଏହା ଚଳିତ ବର୍ଷର ଶେଷ ଲୋକ ଅଦାଲତ ହୋଇଥିବା ହେତୁ ଟିପିଏସ୍‌ଓଡିଏଲ୍ ନିଜର ସମସ୍ତ ଗ୍ରାହକମାନଙ୍କୁ ଏହି ସୁଯୋଗର ଲାଭ ଉଠାଇବାକୁ ନିବେଦନ କରୁଛି। ଲୋକ ଅଦାଲତରେ ମାମଲାର ସମାଧାନ କରି ଉପଭୋକ୍ତାମାନେ ଗୁଣାତ୍ମକ ବିଜୁଳି ସେବା ପାଇପାରିବେ। ଏହାଦ୍ୱାରା ସମଗ୍ର ଦକ୍ଷିଣ ଓଡ଼ିଶାରେ ଉପଭୋକ୍ତା ଅନୁକୂଳ ତଥା ସୁରକ୍ଷିତ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ ହୋଇପାରିବ। କମ୍ପାନୀ ଏହି ଲୋକ ଅଦାଲତ ଶିବିର ମାଧ୍ୟମରେ ଉପଭୋକ୍ତା କୈନ୍ଦ୍ରିକ ସେବା ସାଙ୍ଗକୁ ଆଇନଗତ ବିଦ୍ୟୁତ ବ୍ୟବହାରର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ରହିଛି।

# ସମ୍ପାଦକୀୟ



ଆଖିଆଗରେ ସମ୍ପୂର୍ଣ୍ଣ ଅନ୍ଧାର ଛାଇଯିବା ପରେ ହିଁ ତାରକାମାନେ ଦେଖାଯାଆନ୍ତି ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ
THE SAKALA

## ମାଲକାନଗିରି ହିଂସାର ଦୁଇଧାର

ମାଲକାନଗିରି ଜିଲ୍ଲାରେ ଉପୁଜିଥିବା ଅମାନୁଷିକ ହିଂସାକାଣ୍ଡକୁ କେନ୍ଦ୍ରକରି ଯେଉଁଭଳି ପୋଡ଼ାଜଳା ଓ ଲୁଟତରାଜ ଚାଲିଲା ତାହାକୁ ଅନୁଧ୍ୟାନ କଲେ ମନେ ହୁଏ ଯେ ପ୍ରଶାସନିକ ପଦକ୍ଷେପରେ ଶିଥିଳତା ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ଯେମିତି ମନେ ହେଉଛି ସବୁ ଅଘଟଣ ପରେ ପ୍ରଶାସନର ନିଦ ଭାଙ୍ଗିଛି । ତେଣିକି ସଶସ୍ତ୍ର ବାହିନୀ ମୁତୟନ, ସାନ୍ଧ୍ୟ ଆଇନ ଜାରି, ଇଣ୍ଟରନେଟ୍ ସେବା ବନ୍ଦ ଓ ସତର୍କତା ମୂଳକ ପଇଁତରା ଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଡିସେମ୍ବର ୪ ତାରିଖରେ ମୁଣ୍ଡବିହୀନ ଆଦିବାସୀ ମହିଳାଙ୍କ ଶବ ମିଳିବା ପରେ ୫ ଓ ୬ ତାରିଖରେ ପୁଲିସ ଓ ପ୍ରଶାସନ କରୁଥିଲା କ'ଣ? ଅନ୍ତତଃ ୩ ରୁ ୪ ଜଣ ସନ୍ଦିଗ୍ଧଙ୍କୁ ଥାନାକୁ ଆଣି ଜେରା କରିଥିଲେ ଆଦିବାସୀଙ୍କ ପ୍ରଶାସନ ଉପରୁ ଭରସା ତୁଟିନଥା'ନ୍ତା । ଯେତେଦୂର ମନେହୁଏ ଆଦିବାସୀଙ୍କୁ ସଂଗଠିତ ହୋଇ ହିଂସାକାଣ୍ଡ ଭିଆଇବାର ପରୋକ୍ଷ ସୁଯୋଗ ଦିଆଯାଇଛି । କାରଣ ଆଦିବାସୀ ସଂଗଠନ ବୈଠକ ଓ ମେଳି ପାଇଁ ଚାଲିଥିବା ପ୍ରସ୍ତୁତି ସଂପର୍କରେ ପୁଲିସ ଯଥେଷ୍ଟ ପୂର୍ବରୁ ଅବଗତ ଥିଲା । ଏପରିକି ୭ ଓ ୮ ତାରିଖର ପୋଡ଼ାଜଳା ଓ ଲୁଟରାଜ ସମୟରେ ଘଟଣାସ୍ଥଳରେ ପୁଲିସ ଉପସ୍ଥିତ ଥିଲା । ଅବଶ୍ୟ ଆଦିବାସୀଙ୍କ ବିଶାଳ ମେଳି ନିକଟରେ ପୁଲିସର ଉପସ୍ଥିତି ନଗଣ୍ୟ । କିନ୍ତୁ ପରିସ୍ଥିତିର ଗୁରୁତ୍ୱକୁ ବିଚାର କରି ତୁରନ୍ତ ସଶସ୍ତ୍ର ବାହିନୀ ମୁତୟନ କରିବାରେ କିଛି ଅସୁବିଧା ନଥିଲା । ଏ ସମସ୍ତ ଘଟଣାକ୍ରମରୁ ଅଭିସନ୍ଧିର ଗନ୍ଧ ବାରି ହେଉଛି ।

କୋରୁକୁଣ୍ଡା ବ୍ଲକ ଅଧୀନରେ ରଖେଲ୍‌ଗୁଡ଼ା ଓ ଏମ୍‌ଭି-୨୬ ଗାଁରେ ଯଥାକ୍ରମେ ଆଦିବାସୀ ଓ ବଙ୍ଗଳା ଭାଷାଭାଷୀ ଅବସ୍ଥାନ କରୁଛନ୍ତି । ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଠାବ ହେବା ପରେ ହିଂସାକାଣ୍ଡ ଉପୁଜିଥିଲା । ୧୯୭୧ ରେ ଭାରତ-ପାକିସ୍ତାନ ଯୁଦ୍ଧ ଓ ନୂତନ ବାଂଲାଦେଶ ପ୍ରତିଷ୍ଠା ପ୍ରେକ୍ଷାପଟ୍ଟରେ କେନ୍ଦ୍ରସରକାର କିଛି ବାଂଲାଦେଶୀ ଶରଣାର୍ଥୀଙ୍କୁ ଦେଶରେ ସ୍ଥାୟୀ ଭାବେ ଥାଇଥାନ କରିବାକୁ ବାଧ୍ୟ ହୋଇଥିଲେ । ସେତେବେଳେ ଅବିଭାଜିତ କୋରାପୁଟ ଜିଲ୍ଲାରେ ସେମାନଙ୍କ ମଧ୍ୟରୁ କିଛି ପରିବାରଙ୍କୁ ଥଇଥାନ କରାଯିବା ସହ ଦଣ୍ଡକାରଣ୍ୟ ପ୍ରକଳ୍ପ ଆରମ୍ଭ ହୋଇଥିଲା । ସେମାନେ ତିନି ପିଢ଼ି ଧରି ସେଠାରେ ଅବସ୍ଥାନ କରୁଛନ୍ତି । ଏବର ସରକାର ଦେଶରୁ ବାଂଲାଦେଶୀଙ୍କୁ ତଡ଼ିବା ସକାଶେ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ତାହାର ପ୍ରତିଫଳନ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହେଲାଣି । ତେବେ ମାଲାକାନଗିରିରେ ଅବସ୍ଥାନ କରୁଥିବା ବଙ୍ଗଭାଷାଭାଷୀଙ୍କ ଇତିହାସକୁ ଅନୁଶୀଳନ କଲେ ସେମାନଙ୍କୁ ଏହି କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇପାରିବନି । ତେବେ ଏକଥା ସତ୍ୟ ଯେ ସେମାନଙ୍କ ପ୍ରାଧାନ୍ୟ ଓ ପତିଆରା ଯାହା ସେଥିରେ ମୂଳ ଆଦିମ ଅଧିବାସୀ କ୍ଷତିଗ୍ରସ୍ତ ହୋଇଛନ୍ତି । ସମୟ ବଦଳିବା ସହ କ୍ରମେ ସଚେତନ ହେଉଥିବା ଆଦିବାସୀ ସଂପ୍ରଦାୟ ବଙ୍ଗାଳୀଙ୍କ ଜୁଲମକୁ ବରଦାସ୍ତ କରିବା ଅବସ୍ଥାରେ ନାହାନ୍ତି । ତେଣୁ କ୍ରମେ ପ୍ରତିବାଦ ଓ ପ୍ରତିଶୋଧ ମୁଣ୍ଡ ଟେକୁଛି । ମାଲକାନାଗିରି ଜିଲ୍ଲାରେ ଉପୁଜିଥିବା ହିଂସାକାଣ୍ଡ ଓ ପୋଡ଼ାଜଳା କ'ଣ ତାହାର ପ୍ରତିଫଳନ? ବାଂଲାଦେଶୀଙ୍କୁ ଦେଶାନ୍ତର କରିବା ଆଳରେ ଉପରୋକ୍ତ ହିଂସାକାଣ୍ଡର ରଚନା କରାଯାଇନି ତ? ଏହି ପୃଷ୍ଠଭୂମିରେ ଏଭଳି କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ମାଲାକାନଗିରି ପ୍ରସଙ୍ଗରେ ଆମେ ଉଭୟ ସରକାର ଓ ପ୍ରଶାସନକୁ ସତର୍କ କରାଇଦେବାକୁ ଚାହୁଁ ଯେ ନକ୍ସଲଙ୍କ ପ୍ରାଦୁର୍ଭାବ ଓ କାର୍ଯ୍ୟକଳାପ ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ଜିଲ୍ଲା । ଆଦିବାସୀ ଓ ବଙ୍ଗଳା ଭାଷାଭାଷୀଙ୍କ ମଧ୍ୟରେ ବିଭେଦର ମଞ୍ଜି ବୁଣିଲେ ତାହା ଆଗାମୀ ଦିନରେ ମଣିପୁର ଭଳି ସ୍ଥିତି ଯେ ସୃଷ୍ଟି ନ କରିବ କିଏ କହିବ? ଏବେଠାରୁ ସତର୍କ ଓ ସଜାଗ ରହିବ ଆବଶ୍ୟକ ।

## ସମ୍ଭାବନାର ସୂର୍ଯ୍ୟୋଦୟ

ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନଙ୍କ ଭାରତ ଗସ୍ତ ବିଶ୍ୱର ଭୂ-ରାନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି । ଭାରତକୁ କୂଟନୈତିକ ସ୍ତରରେ ଏକପ୍ରକାର ଏକଘରିଆ କରିବାର ଯେଉଁ ପ୍ରୟାସ ହୋଇଥିଲା ତାହା ନୂଆଦିଲ୍ଲୀ-ମସ୍କୋ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଏବଂ ଦ୍ୱିପାକ୍ଷିକ ସହଯୋଗ ଫଳରେ ଦିଗ ହରାଇଛି । ବିଶେଷକରି ଆମେରିକାର ଭାରତ ପ୍ରତି ବାଣିଜ୍ୟ କୂଟନୀତି କ୍ରମେ ପ୍ରଶମିତ ହୋଇଆସୁଥିବା ଦେଖାଯାଉଛି । କେବଳ ଆମେରିକା ନୁହେଁ ୟୁରୋପୀୟ ମିତ୍ର ରାଷ୍ଟ୍ରଙ୍କୁ ଭାରତ ସହ ସୁସଂପର୍କ ପ୍ରତିଷ୍ଠା ସକାଶେ ଏକପ୍ରକାର ବାଧ୍ୟବାଧ୍ୟକତା ସୃଷ୍ଟି କରିଛି । ପରିବର୍ତ୍ତିତ ପରିସ୍ଥିତି ଓ ସେମାନଙ୍କ କଠୋର ଆଭିମୁଖ୍ୟରେ ପରିଲକ୍ଷିତ ଶିଥିଳତା ଦୃଷ୍ଟିରୁ ଆମକୁ ସେଥିରୁ ଫାଇଦା ଉଠାଇବାକୁ ହେବ । ଉଭୟ କୂଟନୀତି ଓ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠାରେ ସାଲିସ ନୁହେଁ, ବରଂ ନରମ-ଗରମ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ । ଦକ୍ଷିଣ ଏସିଆରେ ଭାରତ ଯେ ଆମେରିକାର ଆଦର୍ଶ ଓ ବିଚାରଗତ ଦୃଷ୍ଟିରୁ ସ୍ୱାଭାବିକ ଭାଗୀଦାର, ଏହା ପୁଣିଥରେ ଟ୍ରମ୍ପଙ୍କୁ ମନେ ପକାଇ ଦେବାକୁ ହେବ ।

ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ନଭେମ୍ବର ଶେଷ ସୁଦ୍ଧା ଭାରତ- ଆମେରିକା ବାଣିଜ୍ୟ ସଂପର୍କରେ ସ୍ୱାଭାବିକତା ଫେରିବ ବୋଲି ପ୍ରତିଶ୍ରୁତି ଦେଇ ଆସିଥିଲେ । ଆମ ବାଣିଜ୍ୟମନ୍ତ୍ରୀ ଆମେରିକାରେ ମାସ ମାସ ଧରି ଅବସ୍ଥାନ କରି ମଧ୍ୟସ୍ଥିଙ୍କ ଜରିଆରେ ଟାରିଫ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରଖିଥିଲେ । ଅସଲରେ ଏକ୍ଷେତ୍ରରେ ସେଭଳି ଆଖିଦୃଶିଆ ଅଗ୍ରଗତି ହୋଇପାରୁ ନ ଥିଲା । ପୁଟିନଙ୍କ ଭାରତଗସ୍ତ ପରେ ସ୍ଥିତି ସୁଧୁରିବା ଆରମ୍ଭ କରିଛି । ଟ୍ରମ୍ପ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ୩୩ ପୃଷ୍ଠା ବିଶିଷ୍ଟ ଜାତୀୟ ସୁରକ୍ଷା ରଣନୀତିରେ ଭାରତ ସହ ସୁସଂପର୍କକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି । ଆଭ୍ୟନ୍ତରୀଣ ଚାପ ଓ ବାଧ୍ୟବାଧ୍ୟକତା ଦୃଷ୍ଟିରୁ ଟାରିଫ ପ୍ରସଙ୍ଗରେ ଚୀନ ସହ ଆମେରିକା ସାଲିସ କରିଥିଲେ ମଧ୍ୟ ବିଶ୍ୱ ଅର୍ଥନୀତିରେ ବେଜିଂ ଯେ ତାହାର ପ୍ରତିଦ୍ୱନ୍ଦ୍ୱୀ ଏକଥା ଟ୍ରମ୍ପଙ୍କୁ ଅବୁଝା ନାହିଁ । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତର ସହଯୋଗ ବିନା ଚୀନକୁ ରୋକିବା ଏତେ ସହଜ ନୁହେଁ । ତେଣୁ ଟ୍ରମ୍ପ ଏବେ ସାଲିସ୍ ମୁଦ୍ରାରେ ଅବତୀର୍ଣ୍ଣ ହୋଇଛନ୍ତି । ପୁଟିନଙ୍କ ଭାରତଗସ୍ତକୁ କେନ୍ଦ୍ର କରି ଯେଉଁ ପରିବର୍ତ୍ତନର ପବନ ବୋହିବା ଆରମ୍ଭ କରିଛି ସେଥିରେ ଭାରତ ଉପରୁ ଟାରିଫ କଟକଣା ହଟିଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି । ତେଣୁ ଆମେରିକାର ଦାବି ନିକଟରେ ମୁଣ୍ଡ ନ ନୁଆଁଇ ମୂଳଚାଲ କରିବାର ସମୟ ଏବେ ଉପସ୍ଥିତ ।

ଆମେରିକାର ବାଣିଜ୍ୟ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଭାରତୀୟ ପ୍ରତିପକ୍ଷଙ୍କ ସହ ଦୁଇଦିନିଆ ଆଲୋଚନା ଆରମ୍ଭ କରିଛନ୍ତି । ଅନ୍ୟପକ୍ଷରେ ୟୁରୋପୀୟ ରାଷ୍ଟ୍ରସଂଘ ସହ ମୁକ୍ତ ବାଣିଜ୍ୟ ରାଜିନାମା ନେଇ ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ଉପସ୍ଥିତ । ତେଣୁ ଖୁବ୍‌ଶୀଘ୍ର ସମ୍ଭାବନାର ଏକ ନୂତନ ସୂର୍ଯ୍ୟୋଦୟକୁ ଆମେ ଅପେକ୍ଷା କରିବା ।

## ମହିଳାକୈନ୍ଦ୍ରିକ ଆଇନ୍ ବ୍ୟବସ୍ଥା: ନ୍ୟାୟର ମହତ୍ତ୍ୱ ଓ ଦୁରୁପଯୋଗ

**ସୌମ୍ୟ ରଞ୍ଜନ ଦାଶ**

ବିଂଶ ଶତାବ୍ଦୀର ଶେଷ ଭାଗରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଆଧୁନିକତା ମଧ୍ୟରେ ଭାରତୀୟ ସମାଜରେ ମହିଳା ଅଧିକାର, ଲିଙ୍ଗ ସମାନତା ଓ ସାମାଜିକ ନ୍ୟାୟର ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇ ଉଭା ହୋଇଛି । ଦୀର୍ଘ ଦଶନ୍ଧି ଧରି ମହିଳାମାନଙ୍କ ଉପରେ ହୋଇଆସୁଥିବା ଅନ୍ୟାୟ, ଅତ୍ୟାଚାର ଓ ପିତୃସତ୍ତାମୂଳକ ବ୍ୟବସ୍ଥାର ଚାପରୁ ମୁକ୍ତି ଦେବା ପାଇଁ ଭାରତୀୟ ସଂସଦ ଓ ନ୍ୟାୟ ବ୍ୟବସ୍ଥା ଅନେକ ମହିଳାକୈନ୍ଦ୍ରିକ ବିଶେଷ ଆଇନ ପ୍ରଣୟନ କରିଛନ୍ତି । ଯୌତୁକ ନିରୋଧ ଆଇନ, ଘରୋଇ ହିଂସା ଅଧିନିୟମ ଏବଂ ଭାରତୀୟ ନ୍ୟାୟ ସଂହିତାର ଧାରା ୮୫ (ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହିଂସା) ଭଳି ଆଇନଗୁଡ଼ିକ ନିର୍ଯାତିତା ମହିଳାମାନଙ୍କୁ ଆଶ୍ରୟ, ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାରେ ବହୁବିଧ ସଫଳତା ଅର୍ଜନ କରିଛନ୍ତି । ଏହି ଆଇନ୍ ବ୍ୟବସ୍ଥା ଅନେକ ମହିଳାଙ୍କ ଜୀବନ ରକ୍ଷା କରିଛି, ସେମାନଙ୍କୁ ସମାଜରେ ସମ୍ମାନର ସହ ମୁଣ୍ଡ ଉଠାଇ ବଞ୍ଚିବାର ପ୍ରେରଣା ଦେଇଛି ଏବଂ ମହିଳା ସଶକ୍ତୀକରଣର ମୂଳଦୁଆ ପକାଇଛି ।

ଏହି ଆଇନଗୁଡ଼ିକ ମହିଳା ସଶକ୍ତୀକରଣର ଏକ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେଲେ ହେଁ ସମାଜର ପ୍ରତିଟି ଦିଗ ଭଳି ନ୍ୟାୟିକ ବ୍ୟବସ୍ଥାରେ ମଧ୍ୟ ଏକ ବିଷମତା ଦୃଶ୍ୟମାନ ହେଉଛି । ଯେଉଁ ଆଇନ ନ୍ୟାୟ ଓ ସୁରକ୍ଷା ପାଇଁ ପ୍ରଣୀତ, ତାହାର ଦୁରୁପଯୋଗ ଏବେ ଏକ ଜାତୀୟ ଚିନ୍ତାର ବିଷୟ ହୋଇ ଉଭା ହୋଇଛି । ଦୁଇପଟିଆ ତରବାରୀ ଭଳି ଏହି ଆଇନଗୁଡ଼ିକ କେତେକ ସ୍ଥାନରେ ଶୋଷଣର ଅସ୍ତ୍ର ଭାବରେ ପରିଣତ ହୋଇଛି । ଅନେକ ମହିଳା ବୈବାହିକ ବିବାଦ, ସମ୍ପତ୍ତିଗତ କଳହ କିମ୍ବା ବ୍ୟକ୍ତିଗତ ଶତ୍ରୁତାର ପ୍ରତିଶୋଧ ନେବା ପାଇଁ ଏହି କଠୋର ଆଇନଗୁଡ଼ିକୁ ମିଥ୍ୟା ଅଭିଯୋଗର ମାଧ୍ୟମ କରି ପୁରୁଷ ଏବଂ ତାଙ୍କର ସମଗ୍ର ପରିବାରକୁ ନ୍ୟାୟିକ ଚାପ ମଧ୍ୟକୁ ଟାଣି ଆଣୁଛନ୍ତି । ପରିଣାମସ୍ୱରୂପ ନିର୍ଦ୍ଦୋଷ ବୃଦ୍ଧ ଶଶୁର, ଶାଶୂ, ଏପରିକି ପରିବାରର ଅନ୍ୟ ଅଣ-ସମ୍ପୃକ୍ତ ସଦସ୍ୟମାନେ ମଧ୍ୟ ଅପରାଧୀର ମୁଖା ପିନ୍ଧିବାକୁ ବାଧ୍ୟ ହେଉଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଅନେକ ସମୟରେ ପୂର୍ବରୁ ଥିବା ଧାରା ୪୯୮-କ କୁ 'ଆଇନଗତ ଆତଙ୍କବାଦ' ଭାବରେ ଅଭିହିତ କରିଛନ୍ତି, ଯାହା ଏହି ସମସ୍ୟାର ଭୟାବହତାକୁ ସୂଚାଉଛି ।

ଏହି ଆଇନଗୁଡ଼ିକର ଦୁରୁପଯୋଗ ଫଳରେ ଯେଉଁ ପରିବାରଗୁଡ଼ିକ ଭାଙ୍ଗିଯାଉଛି, ସେଠାରେ ଅର୍ଥ, ସମ୍ମାନ, ପେଶା ଓ ସାମାଜିକ ପରିଚୟ ସବୁକିଛି ନଷ୍ଟ ହୋଇଯାଉଛି । ବିଶେଷକରି ପୁଲିସ୍ ପ୍ରଶାସନ ଏହି ଆଇନଗୁଡ଼ିକର 'ଜାଣିହେବା ଯୋଗ୍ୟ'(କୋଗନିଜେବଲ୍) ଓ 'ଜାମିନବିହୀନ'(ନନ୍‌ବେଲେବଲ୍) ଆଦିର ଅପବ୍ୟବହାର କରି ସାମାନ୍ୟ ସନ୍ଦେହରେ ସମଗ୍ର ପରିବାରକୁ ଗିରଫ କରି ନେଉଛି । ଯେତେବେଳେ ନ୍ୟାୟ ପାଇଁ ତିଆରି ହୋଇଥିବା ଆଇନ ମିଥ୍ୟା ଅଭିଯୋଗର ଅସ୍ତ୍ର ହୋଇଯାଏ, ସେତେବେଳେ ସମାଜରେ ନ୍ୟାୟବୋଧ ଓ ବିଶ୍ୱାସର ମୂଳଦୁଆ ଦୋହଲିଯାଏ । ସମାନତାର ମୂଳ ଅର୍ଥ ହେଉଛି ନ୍ୟାୟ ଦୁଇ ପକ୍ଷକୁ ସମାନ ଭାବରେ ପ୍ରଦାନ କରିବା । ଆଇନ କେବଳ ମହିଳାଙ୍କୁ ଦୁର୍ବଳ ଓ ପୁରୁଷଙ୍କୁ ସବଳ ଭାବି ଲେଖାଯିବା ଉଚିତ୍ ନୁହେଁ ।

ଆଧୁନିକ ଭାରତୀୟ ନ୍ୟାୟ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଭଳି ନୂତନ ଆଇନରେ ମଧ୍ୟ ମହିଳା ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ସଂଶୋଧିତ ଆଇନ ବଳରେ ଫାଷ୍ଟ ଟ୍ରାକ୍ କୋର୍ଟରେ ମାମଲା ଶୁଣାଣି, ଅଭିଯୋଗର ତୁରନ୍ତ ପଞ୍ଜୀକରଣ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦନ୍ତ ସମାପନ କରିବା ଭଳି ସୁବିଧା ମହିଳାମାନଙ୍କ ପାଇଁ ଏକ ବଳିଷ୍ଠ ପଦକ୍ଷେପ । କିନ୍ତୁ ଏହି ବିଶେଷ ସୁବିଧା ଓ ସୁରକ୍ଷା କେତେକଙ୍କ ଦ୍ୱାରା ଦୁରୁପଯୋଗ ହେଉଥିବାରୁ ଆଜି ସମାଜ ଏକ ଗୁରୁତର ଦ୍ୱନ୍ଦ୍ୱରେ ପଡ଼ିଛି: ମହିଳାଙ୍କୁ ସୁରକ୍ଷା ଦେବାକୁ ଯାଇ କ'ଣ ଆମେ ପୁରୁଷଙ୍କ ନ୍ୟାୟିକ ଅଧିକାରକୁ ଉଲ୍ଲଂଘନ କରୁଛୁ?

ଅତଏବ, ଆଜି ସମୟର ଆହ୍ୱାନ ହେଉଛି ମହିଳାମାନଙ୍କ ପାଇଁ ବିଶେଷ ଆଇନଗୁଡ଼ିକର ଆବଶ୍ୟକତା ସହିତ ତାହାକୁ ଲିଙ୍ଗ-ନିରପେକ୍ଷ କରିବାର ଆବଶ୍ୟକତାକୁ ସମାନ ଗୁରୁତ୍ୱରେ ବିଚାର କରିବା । ନ୍ୟାୟ କେବଳ ଲିଙ୍ଗଭିତ୍ତିରେ ନୁହେଁ, ବରଂ ପ୍ରମାଣ ଭିତ୍ତିରେ ପ୍ରଦାନ କରାଯିବା ଉଚିତ । ଆଇନର ପବିତ୍ରତା ବଞ୍ଚାଇବା ପାଇଁ କିଛି କଠୋର ପଦକ୍ଷେପ ନେବାକୁ ହେବ । ପ୍ରଥମତଃ, ଭାରତୀୟ ନ୍ୟାୟ ସଂହିତା ଧାରା ୮୫ ଭଳି ଆଇନକୁ 'ସମାଧାନ ଯୋଗ୍ୟ'(କମ୍ପାଉଣ୍ଡେବଲ୍) କରିବା ଏବଂ ମାମଲାର ପ୍ରାଥମିକ ତଦନ୍ତ ପରେ ହିଁ ଗିରଫ କରିବା ଉଚିତ୍ । ଦ୍ୱିତୀୟତଃ, ଯେଉଁମାନେ ଜାଣିଶୁଣି ମିଥ୍ୟା ଅଭିଯୋଗ କରୁଛନ୍ତି, ସେମାନଙ୍କୁ କଠୋର ଦଣ୍ଡବିଧାନ ଦେବାର ବ୍ୟବସ୍ଥା ନିହାତି ଜରୁରୀ । ଏହିପରି ପଦକ୍ଷେପ ଦ୍ୱାରା ନ୍ୟାୟିକ ବ୍ୟବସ୍ଥାରେ ସମନ୍ୱୟ ରକ୍ଷା କରାଯାଇପାରିବ ।

ମହିଳାମାନଙ୍କର ସୁରକ୍ଷା ଏବଂ ସଶକ୍ତୀକରଣ ଆମ ସମାଜର ଅନ୍ତିମ ଲକ୍ଷ୍ୟ । କିନ୍ତୁ ଏହି ସଶକ୍ତୀକରଣର ଅର୍ଥ କେବଳ ବିଶେଷ ସୁବିଧା ପ୍ରଦାନ କରିବା ନୁହେଁ, ବରଂ ପ୍ରକୃତ ନ୍ୟାୟ, ସମ୍ମାନ ଓ ସମତାକୁ ନିଶ୍ଚିତ କରିବା । ଯଦି ଆଇନର ତରାଜୁ ଗୋଟିଏ ପକ୍ଷରେ ଅଧିକ ଝୁଙ୍କିଯାଏ, ତେବେ ସାମାଜିକ ସନ୍ତୁଳନ ଭାଙ୍ଗିଯାଏ । ମହିଳା ଅଧିକାରର ରକ୍ଷା ଯେତିକି ଆବଶ୍ୟକ, ଆଇନର ଦୁରୁପଯୋଗକୁ ରୋକିବା ମଧ୍ୟ ସେତିକି ଅପରିହାର୍ଯ୍ୟ । ସମାଜ ଓ ନୀତି ନିର୍ଦ୍ଧାରକମାନେ ଏହି ଦୁଇଟି ପ୍ରସଙ୍ଗକୁ ସମାନ ଭାବରେ ଗୁରୁତ୍ୱ ଦେଇ ବୁଝିବା ଆବଶ୍ୟକ । ଗଣମାଧ୍ୟମ ଓ ରାଜନୈତିକ ଚର୍ଚ୍ଚାରେ କେବଳ ମହିଳା ଅତ୍ୟାଚାରର କଥା ନ ରହି ଆଇନର ଅପବ୍ୟବହାର ଉପରେ ମଧ୍ୟ ସଂଗଠିତ ଆଲୋଚନା ହେବା ଉଚିତ୍ । ମହିଳାକୈନ୍ଦ୍ରିକ ବିଧି ବ୍ୟବସ୍ଥା ଏକ ଆଶୀର୍ବାଦର ମହତ୍ତ୍ୱ ବହନ କରୁଥିବା ବେଳେ ଏହାର ଦୁରୁପଯୋଗ ଏକ ଅଭିଶାପର ଆକାର ନେଉଛି - ଏହି ସତ୍ୟକୁ ଅବହେଳା କରିବା ସମାଜ ପାଇଁ କ୍ଷମାଯୋଗ୍ୟ ହେବନାହିଁ । ନ୍ୟାୟିକ ବ୍ୟବସ୍ଥାକୁ ସମତାର ପଥରେ ଆଣିବା ଆଜିର ମୌଳିକ ଆବଶ୍ୟକତା ।

ନ୍ୟାୟିକ ବ୍ୟବସ୍ଥାର ସଠିକ୍ ବ୍ୟବହାର ନିଜର ସମାଜରେ ନିର୍ବିକଳ୍ପ ଭରସା ଓ ଶାନ୍ତି ସୃଷ୍ଟି କରେ । ଯଦି ଆଇନର ଦୁରୁପଯୋଗ ହୁଏ, ତେବେ ଏହା ପ୍ରତ୍ୟେକ ପକ୍ଷର ନ୍ୟାୟିକ ଅଧିକାରକୁ ଅଲଘଂ୍ୟ କରି ଦେଇଥାଏ, ଯାହା ସମାଜରେ ନ୍ୟାୟବୋଧକୁ ଶିଥିଳ କରିଥାଏ । ଏହି ଅପବ୍ୟବହାରକୁ ରୋକିବା ପାଇଁ ଦରକାର ସଂବେଦନଶୀଳ ନୀତି ଓ ନ୍ୟାୟିକ ପୁନଃସଂରଚନା, ଯାହା ମିଥ୍ୟା ଅଭିଯୋଗକୁ ଶୀଘ୍ର ନିରାକରଣ କରି ପ୍ରକୃତ ଅଭିଯୁକ୍ତ ଓ ନିର୍ଦ୍ଦୋଷଙ୍କୁ ସମୟୋପଯୁକ୍ତ ନ୍ୟାୟ ପ୍ରଦାନ କରେ । ଏହି ପଦକ୍ଷେପ ମାଧ୍ୟମରେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ସହ ପୁରୁଷଙ୍କର ନ୍ୟାୟିକ ଅଧିକାରକୁ ମଧ୍ୟ ସମତୁଳିତ ରଖାଯାଏ । ସମନ୍ୱିତ ଓ ନୀତିଗତ ଆଇନ ବ୍ୟବସ୍ଥା ଦ୍ୱାରା ସମାଜରେ ନ୍ୟାୟ ଓ ଆସ୍ଥାକୁ ମଜବୁତ କରି, ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ମୂଲ୍ୟବାନ ପରିବେଶ ସୃଷ୍ଟି କରାଯାଏ ।

ଶେଷତଃ, ଏହି ମହିଳାକୈନ୍ଦ୍ରିକ ନ୍ୟାୟିକ ବ୍ୟବସ୍ଥା ଅଭିଶାପ ନା ଆଶୀର୍ବାଦ? ଉତ୍ତର ଏକାଧାରରେ ଦେବା କଠିନ । ଯେଉଁଠାରେ ଏହା ଅସଂଖ୍ୟ ମହିଳାଙ୍କୁ ରକ୍ଷା କରୁଛି, ସେଠାରେ ଏହାର ଦୁରୁପଯୋଗ ଅନ୍ୟାୟ ସୃଷ୍ଟି କରୁଛି । ତେଣୁ ଆଇନ ସମତୁଳିତ, ନିଷ୍ପକ୍ଷ ଓ ପ୍ରମାଣ ଆଧାରିତ ହେବା ଉଚିତ । ତେବେ ଯାଇ ମହିଳା କୈନ୍ଦ୍ରିକ ଆଇନ ସମାଜ ପାଇଁ ଆଶୀର୍ବାଦ ହେବ । ଯେଉଁଠି ମହିଳାଙ୍କୁ ସୁରକ୍ଷା ମିଳିବ, ପୁରୁଷଙ୍କୁ ମଧ୍ୟ ନ୍ୟାୟ ପ୍ରାପ୍ତ ହେବ, ସେହିଦିନ ହିଁ ଏହି ବିଧିବ୍ୟବସ୍ଥା ପ୍ରକୃତ ଆଶୀର୍ବାଦ ଭାବରେ ସମାଜରେ ପ୍ରତିଷ୍ଠିତ ହେବ । ନ୍ୟାୟ କେବଳ ଗୋଟିଏ ଲିଙ୍ଗର ନୁହେଁ, ସମସ୍ତଙ୍କର ହେବା ଉଚିତ୍ ।

ଯାଜପୁର, ମୋ: ୮୮୯୫୯୫୨୩୧୫

## ସଞ୍ଚାର ସାଥୀ: ଆଶା ଓ ଆଶଙ୍କା

**ଇଂ ମାୟାଧର ସ୍ୱାଇଁ**




ମୋବାଇଲ ଫୋନରେ ଗୋଟିଏ ନୂତନ 'ଆପ୍' 'ସଞ୍ଚାର ସାଥୀ'ର ପ୍ରଚଳନକୁ ନେଇ କିଛିଦିନ ଧରି ଦେଶରେ ହଟଚମଟ ଲାଗି ରହିଛି । ଏହାକୁ ଭାରତ ସରକାରଙ୍କ ଯୋଗାଯୋଗ ମନ୍ତ୍ରଣାଳୟ ପ୍ରସ୍ତୁତ କରିଛି ଏବଂ ଭାରତରେ ନିର୍ମାଣ କରୁଥିବା ତଥା ବିକ୍ରି କରୁଥିବା ସମସ୍ତ ଫୋନ କମ୍ପାନୀଗୁଡ଼ିକୁ ଏହାକୁ ଫୋନରେ ପ୍ରତିଷ୍ଠା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲା । ଫୋନ ବିକ୍ରି କରିବା ପୂର୍ବରୁ ଏହା କରିବା ପାଇଁ କୁହାଯାଇଥିଲା ଏବଂ ଏହାକୁ ବ୍ୟବହାରକାରୀମାନେ ଯେପରି ଫୋନରୁ ବାହାର କରି ପାରିବେ ନାହିଁ, ତାହାର ବ୍ୟବସ୍ଥା କରିବା ପାଇଁ ମଧ୍ୟ କୁହାଯାଇଥିଲା । ଏହାକୁ କେତେକ ମୋବାଇଲ କମ୍ପାନୀ ବିରୋଧ କଲେ । ଏହା ମଧ୍ୟ ରାଜନୀତିର ଏକ ଅଂଶ ହୋଇଗଲା । ବିରୋଧୀ ଦଳଗୁଡ଼ିକର ବିରୋଧ ଓ ହଙ୍ଗାମା ଯୋଗୁଁ ସରକାର ଏହି ନିର୍ଦ୍ଦେଶନାମାକୁ ଆଂଶିକ ଭାବେ ପ୍ରତ୍ୟାହାର କରି ନେଇଛନ୍ତି ଏବଂ ଏହି 'ଆପ୍' ବ୍ୟବହାର କରିବା ବ୍ୟବହାରକାରୀମାନଙ୍କ ଇଚ୍ଛାଧୀନ ବୋଲି ପ୍ରକାଶ କରିଛନ୍ତି ।

ଏହି 'ଆପ୍'ର ଗୁରୁତ୍ୱ କ'ଣ? ଏହାକୁ କାହିଁକି ସରକାର ପ୍ରଚଳନ କରିବାକୁ ଚାହୁଁଛନ୍ତି ଏବଂ କାହିଁକି ଏହାକୁ କେତେକ ବିରୋଧ କରୁଛନ୍ତି? ମୋବାଇଲ ଫୋନ ଆଜିକାଲି ପ୍ରାୟ ପ୍ରତ୍ୟେକଙ୍କ ପାଖରେ ଅଛି । ରାସ୍ତାଘାଟ କିମ୍ବା ବଜାରରେ ଏହାକୁ ଚୋରମାନେ ଛଡ଼ାଇନେବାର ଅନେକ ଘଟଣା ସାମ୍ନାକୁ ଆସୁଛି ଏବଂ ଘର ଭିତରୁ ମଧ୍ୟ ଚୋରି ହେଉଛି । ଭାରତରେ ବର୍ତ୍ତମାନ ପ୍ରାୟ ୧୨୦ କୋଟି ମୋବାଇଲ ଫୋନ ବ୍ୟବହାରକାରୀ ଅଛନ୍ତି ଏବଂ ଫୋନ ଚୋରି ଓ ସାଇବର ଅପରାଧ ଏକ ସାଧାରଣ ଘଟଣା ହୋଇଛି । ଏହି ନୂଆ 'ଆପ୍'ରେ ଏହାର ପ୍ରତିକାର ବ୍ୟବସ୍ଥା ଅଛି । ବ୍ୟବହାରକାରୀମାନେ ସେମାନଙ୍କର ହଜି ଯାଇଥିବା କିମ୍ବା ଚୋରି ହୋଇଯାଇଥିବା ଫୋନକୁ ଏହି 'ଆପ୍' ମାଧ୍ୟମରେ ବ୍ଲକ କରିବା ପାଇଁ ଜଣାଇପାରିବେ ଏବଂ ଭାରତୀୟ ଟେଲିକମ୍ ନେଟୱାର୍କ ଏହାକୁ ଚବିଶ ଘଣ୍ଟା ମଧ୍ୟରେ ବ୍ଲକ କରିଦେବ । ଫୋନ କେଉଁଠାରେ ଅଛି ଜଣାପଡ଼ିଲେ, ତାହା ମଧ୍ୟ ଏସ୍‌ଏମ୍‌ଏସ୍ ଜରିଆରେ ବ୍ୟବହାରକାରୀଙ୍କୁ ଜଣାଇ ଦିଆଯିବ । ଯୋଗାଯୋଗ ମନ୍ତ୍ରାଳୟର ସୂଚନା ଅନୁଯାୟୀ ଏହି 'ଆପ୍' ଯୋଗୁଁ ଏହି ବର୍ଷ ଜାନୁଆରି ମାସରେ ଏହାର ପ୍ରଚଳନ ପରଠାରୁ ସାତ ଲକ୍ଷରୁ ଅଧିକ ଫୋନକୁ ଉଦ୍ଧାର କରାଯାଇପାରିଛି ।

ଜଣେ ବ୍ୟକ୍ତିଙ୍କ ନାମରେ କେତୋଟି ମୋବାଇଲ ସଂଯୋଗ ପଞ୍ଜୀକରଣ ହୋଇଛି, ତାହା 'ସଞ୍ଚାର ସାଥୀ' 'ଆପ୍' ଜରିଆରେ ଜଣାପଡ଼ିବ । ଭାରତ ସରକାରଙ୍କ ନିୟମ ଅନୁଯାୟୀ ଜଣେ ଭାରତୀୟ ସମସ୍ତ ଟେଲିକମ୍ କମ୍ପାନୀରୁ ସର୍ବାଧିକ ନଅଟି ସଂଯୋଗ ନେଇପାରିବ । ଜାମ୍ମୁ ଓ କାଶ୍ମୀର ଏବଂ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଏହାର ସର୍ବୋଚ୍ଚ ସୀମା ହେଉଛି ଛଅ । ପୁନଶ୍ଚ ଜଣେ ବ୍ୟକ୍ତିଙ୍କ ଅଜାଣତରେ ତାଙ୍କ ନାମରେ ଯଦି କେହି ଜଣେ ମୋବାଇଲ ଫୋନ୍ ସଂଯୋଗ ନିଏ, ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼େ । ମୋବାଇଲ ଫୋନ୍‌ରେ ଅନେକ ସନ୍ଦେହଜନକ ବାର୍ତ୍ତା ଆସୁଛି, ଯାହା ଠକାମି, ସାଇବର ଅପରାଧ କିମ୍ବା ଆର୍ଥିକ ସ୍କାମ୍ ହୋଇପାରେ । ଅନେକ ବ୍ୟକ୍ତି ଏହାର ଶିକାର ହୋଇ ନିଜର କଷ୍ଟାର୍ଜିତ ଅର୍ଥ ହରାଉଥିବାର ଖବର ପ୍ରାୟ ପ୍ରତ୍ୟେକ ଦିନ ସମ୍ବାଦପତ୍ରରେ ଦେଖିବାକୁ ମିଳେ । ଅନେକ ସମୟରେ କେତେକ ଦୁଷ୍ଟ ଲୋକ ଅଯଥାରେ ହଇରାଣ କରିଥା'ନ୍ତି । ସଞ୍ଚାର ସାଥୀ 'ଆପ୍'ରେ ଥିବା 'ଚକ୍ଷୁ' ନାମକ ଫିଚର ଦ୍ୱାରା ଏହି କାଳ୍ପନିକ ଓ ଅନଧିକୃତ ଫୋନ ବାର୍ତ୍ତାକୁ ଚିହ୍ନଟ କରାଯାଇପାରିବ । ଦେଶ ବାହାରୁ ମଧ୍ୟ ଅନେକ ଫୋନ ଆସୁଛି, ଯାହା ଦେଶ ଭିତରୁ ଆସିବା ଭଳି ଜଣାପଡ଼େ । ଅର୍ଥାତ୍ ସେମାନେ ଭାରତୀୟ କୋଡ ବ୍ୟବହାର କରିଥା'ନ୍ତି । ଏହା ମଧ୍ୟ ଠକାମିର ଏକ ଉପାୟ ଏବଂ ଦେଶର ନିରାପତ୍ତା ସହିତ ଏହା ଜଡ଼ିତ ଅଛି । ଏହା ଏହି 'ଆପ୍' ଦ୍ୱାରା ଧରାପଡ଼ିବ । ଆମେ କିଣୁଥିବା ମୋବାଇଲ ଫୋନ ଅସଲି ନା ନକଲି ତାହା ମଧ୍ୟ ଏହି 'ଆପ୍'ରୁ ଜଣାପଡ଼ିଥାଏ ।

ଏହିସବୁ ସୁବିଧାଗୁଡ଼ିକୁ ଦେଖିଲେ 'ସଞ୍ଚାର ସାଥୀ' ଏକ ଉତ୍ତମ 'ଆପ୍' ବୋଲି ବିବେଚନା କରିବା ଉଚିତ । ତାହା ହେଲେ ଏହାର ବିରୋଧ କାହିଁକି କରାଯାଉଛି? ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ମାନବ ଉପଯୋଗୀ ବ୍ୟବହାର ସହିତ କେତେକ ବ୍ୟକ୍ତି ଏହାର ଦୁରୁପଯୋଗ ମଧ୍ୟ କରିଥା'ନ୍ତି । ଏହି 'ଆପ୍' ବ୍ୟବହାର କରି ଟେଲିଫୋନ ନେଟୱାର୍କ ଫୋନ ବ୍ୟବହାରକାରୀର ବ୍ୟକ୍ତିଗତ ତଥ୍ୟକୁ ଜାଣିପାରିବ ଏବଂ ଚାହିଁଲେ ଏହାକୁ ଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବ । ବିରୋଧୀମାନେ ଏହି ଅପବ୍ୟବହାରର ଆଶଙ୍କା କରୁଛନ୍ତି । ବାସ୍ତବରେ ଅପବ୍ୟବହାର ହେଲେ ଏହା ସାଙ୍ଘାତିକ ହେବ । ମୋବାଇଲ ଫୋନରେ ଜଣଙ୍କର ବ୍ୟାଙ୍କ ଆକାଉଣ୍ଟ, ବିଭିନ୍ନ ଆୟ ବ୍ୟୟ, ବ୍ୟବସାୟ ହିସାବ ସମେତ ଅନେକ ବ୍ୟକ୍ତିଗତ ତଥ୍ୟ ଥାଏ, ଯାହାକୁ ଚାହିଁଲେ ଜଣେ ସୁବିଧାରେ ନେଇପାରିବ । ଉଲ୍ଲେଖନୀୟ ଯେ ଅନ୍ୟ କେତେକ ଦେଶରେ ମଧ୍ୟ ମୋବାଇଲ ଫୋନରେ ଏହି ପ୍ରକାର 'ଆପ୍' ବ୍ୟବସ୍ଥା ଅଛି । ମାତ୍ର ତାହାର ବ୍ୟବହାର ବାଧ୍ୟତାମୂଳକ ନାହିଁ । ଜଣେ ଚାହିଁଲେ ଏହାକୁ ଉପଯୋଗ କରିପାରିବ ।

ନେତା, ଜନସାଧାରଣ ଓ ମୋବାଇଲ ଫୋନ କମ୍ପାନୀଗୁଡ଼ିକର ବିରୋଧ ଯୋଗୁଁ ଶେଷରେ ସରକାର 'ସଞ୍ଚାର ସାଥୀ' 'ଆପ୍'କୁ ନେଇ ଏକ ମାଧ୍ୟମ ପନ୍ଥା ବାହାର କରିଛନ୍ତି । ଏହାକୁ ବ୍ୟବହାରକାରୀର ଉଚ୍ଛାଧୀନ ରଖାଯାଇଛି । ଜଣେ ଚାହିଁଲେ ସେ ଫୋନରୁ ଏହି 'ଆପ୍'କୁ ବାହାର କରିପାରିବ । ବାହାର ନ କଲେ ମଧ୍ୟ ଜଣେ ଏହାକୁ ବ୍ୟବହାର କରିବାକୁ ନ ଚାହିଁଲେ ପଞ୍ଜିକରଣ କରିବା ଆବଶ୍ୟକ ନାହିଁ । ଏହାକୁ ପଞ୍ଜିକରଣ କରିବା ପରେ ହିଁ ଏହା ସକ୍ରିୟ ହେବ । ମୋଟାମୋଟି ଭାବେ କହିଲେ ଜଣେ ବ୍ୟବହାରକାରୀ ସବୁଦିଗରୁ ବିଚାର କରି ନିଜ ନିଷ୍ପତ୍ତି ନିଜେ ନେବ ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଅମୃତର ସ୍ରୋତସ୍ୱତୀ: ଗୋପୀନାଥ ମହାନ୍ତି

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଲେଖିବାର ଅର୍ଥ ଯଦି ହୁଏ ମଣିଷକୁ ରୂପାନ୍ତରିତ କରିଦେବା, ତା'ହେଲେ ଗୋପୀନାଥ ମହାନ୍ତିଙ୍କ ମରମୀ ପାଠକମାନେ ପରିବର୍ତ୍ତିତ ହୋଇଯା'ନ୍ତି ଏକ ଏକ ଆଦିବାସୀ ଚରିତ୍ରରେ । ସେମାନେ ଯେ 'ପରଜା' ବା 'ଅମୃତର ସନ୍ତାନ' ଉପନ୍ୟାସର ପାଠକ ପାଠିକା ମାତ୍ର, ଏହା କ୍ଷଣକ ମଧ୍ୟରେ ହୋଇଯାଆନ୍ତି ବିସ୍ମୃତ । ନିଜ ଜୀବନର ସବୁ କୃତ୍ରିମ ଆଟୋପ ଆଡ଼ମ୍ବର ତ୍ୟାଗ କରିଦେଇ ଅକପଟ ଅନ୍ତରରେ ଏକୀଭୂତ ହୋଇଯାଆନ୍ତି ସବୁଜ ଶ୍ୟାମଳ ସୌନ୍ଦର୍ଯ୍ୟ ସହିତ । ତଳେ ଦର୍ତନି, ଉପରେ ଦର୍ମୁ । ଗିରି ନିର୍ଝରିଣୀରେ ସ୍ନାନ କରିବାରେ, ନିବିଡ଼ ଅରଣ୍ୟ ମଧ୍ୟରେ ବାଟବଣା ହୋଇଯିବାରେ, ଅଜଣା ଫୁଲର ମହକରେ କି ଯାଦୁ! ନୀଳ ଆକାଶବକ୍ଷରେ ହଜିଯିବାରେ କି ଅମାପ ରୋମାଞ୍ଚ! ଉପନ୍ୟାସରେ ଚିତ୍ରିତ ଚରିତ୍ର ସବୁ ନିଜ ନିକଟ ଆତ୍ମୀୟସ୍ୱଜନଙ୍କଠାରୁ କାହିଁ କେତେ ଅଧିକ ଗୁଣରେ ମନେ ହୁଅନ୍ତି ଅତ୍ୟନ୍ତ ଆପଣାର । ପର୍ବତ ଢାଲୁର ଶରଶୁପଦର ଗାଁ, ଶୁକ୍ରୁଜାନି, ମାଣ୍ଡିଆ ଜାନି, 'ଅମୃତର ସନ୍ତାନ'ରେ ସରବୁ ସାଓଁତା, ପୁୟୁ 'ଶିବ ଭାଇ' ଉପନ୍ୟାସର ଅପା, 'ମାଟି ମଟାଳ'ର ସିନ୍ଧୁ ଚୌଧୁରୀ- କିଏ ବା ଛାତି ଭିତରେ ଘର କରିନାହାନ୍ତି!

ସୁବୃହତ 'ମାଟିମଟାଳ', ଯେଉଁଥିପାଇଁ ଓଡ଼ିଶା ଲାଭକଲା ପ୍ରଥମ ଜ୍ଞାନପୀଠ ପୁରସ୍କାର; ସେଠୁ ଯାଇ କ୍ଷୁଦ୍ରତମ ଉପନ୍ୟାସ 'ଜାନକାମ୍ମା 'ପର୍ଯ୍ୟନ୍ତ ଦରଦୀ ପାଠକଟିଏ ପାଇଁ ସବୁକିଛିରେ ସଂଚିତ ହୋଇ ରହିଛି ଜୀବନାନୁଭୂତିର ବିବିଧ ବୈଚିତ୍ର୍ୟ । 'ଲୟ ବିଲୟ', 'ରାହୁର ଛାୟା', 'ଶରତ ବାବୁଙ୍କ ଗଳି', 'ଆକାଶ ସୁନ୍ଦେରୀ' ଆଦି କେତେ ଉପନ୍ୟାସ! ଭାବି ହୁଏ ନାହିଁ । ଚରିତ୍ରମାନେ ତାଙ୍କ ଭିତରକୁ ଅଧିକାର କରି ନିଅନ୍ତି । ସେ ଅନୁଭବ ବାସ୍ତବିକ ଅତୀନ୍ଦ୍ରିୟ । କଥାଶିଳ୍ପୀର ସମସ୍ତ ଶୈଳ୍ପିକ ସିଦ୍ଧି ସେଇଠି ହିଁ ହୁଏ ସାର୍ଥକତା ମଣ୍ଡିତ, ଯେଉଁଠି କ୍ଲେଦାକ୍ତ ପୃଥିବୀ ପ୍ରତି ଆଉ ଦୁଃଖ ନିପୀଡ଼ିତ ଜୀବନ ପ୍ରତି ମମତାମଗ୍ନ ପାଠକ ହୃଦୟ ଅପୂର୍ବ ଆବେଗରେ ହୋଇଉଠେ କମ୍ପିତ । ଜୀବନର ପୂର୍ଣ୍ଣତା ପାଇଁ ନୁହେଁ, ଶୂନ୍ୟତା ସକାଶେ ବି ସେ ରହିପାରେ କୃତଜ୍ଞଚିତ୍ତ ।

ଗୋପୀନାଥ ମହାନ୍ତିଙ୍କୁ 'ଲେଖା ମାଡୁଥିଲା', କାଳିସୀ ଲାଗୁଥିଲା । ଏକଥା ଓଡ଼ିଆ ସାହିତ୍ୟରେ ସେ ହିଁ ବ୍ୟକ୍ତ କଲେ ପ୍ରଥମେ । ଯାହାକୁ ଲେଖା ମାଡ଼େ, ତା'ର ଆଉ କ'ଣ ଆଶଙ୍କା ଥାଏ? ସବୁ ବାଦ, ବିସମ୍ବାଦ, ସବୁ ସାମାଜିକ ଭେଦଭାବ, ସମସ୍ତ ନୀତି-ନିର୍ଣ୍ଣିତ ରେଖାକୁ ସେ ଲଂଘନ କରିଯାଏ ଅନ୍ତର୍ନିହିତ ସତ୍ୟାଲୋକରେ ସମୁଦ୍ଭାସିତ ହୋଇ । ଗୋପୀନାଥ ଯେପରି ଜାଣନ୍ତି ବଳୀଦତ୍ତ ପରି ଉଚ୍ଚାଭିଳାଷୀ ମଣିଷର ଚାରିତ୍ରିକ ସ୍ଖଳନକୁ, ସେପରି ଜାଣନ୍ତି ସ୍ୱାମୀ-ପ୍ରତ୍ୟାଖ୍ୟାତା ପୁୟୁର ପ୍ରାଣପୀଡ଼ା । ସମସ୍ତ ଦୁଃଖ, ଜରା, ବ୍ୟାଧି, ମୃତ୍ୟୁ ମଧ୍ୟରେ ନିରନ୍ତର ବାଟ ଚାଲିବା ଯେ ଜୀବନ ଆଉ ଏହା ପୁଣି ହୋଇପାରେ ସ୍ୱାଦପୂର୍ଣ୍ଣ, ତାହା ଲେଖିଦେବାକୁ ଗୋପୀନାଥ ଅନ୍ତର୍ଦେବତାଙ୍କ ଆଦେଶପ୍ରାପ୍ତ । ଜୀବନର ପ୍ରତିଟି ମୁହୂର୍ତ୍ତ ଯେ ଅନନ୍ତ ସମ୍ଭାବନାର ସୁଷମାନ୍ୱିତ ସଂକେତ- ଏହା ଦୃପ୍ତ ଆସ୍ଥାଶୀଳତା ନେଇ ବର୍ଣ୍ଣନା କରିଛନ୍ତି ଗୋପୀନାଥ ।

ଉପନ୍ୟାସ ବ୍ୟତୀତ ସେ ଲେଖିଛନ୍ତି ଅନେକ ଗଳ୍ପ । ଗଦବା, ସଉରା, କନ୍ଧ, ଯୁଆଙ୍ଗ ଆଦି ଆଦିବାସୀ ଭାଷା ଓ ଲୋକକଥାକୁ ନେଇ ସେ ରଚନା କରିଛନ୍ତି ଅନେକ ପୁସ୍ତକ । ଅନୁବାଦକ ଭାବରେ ମଧ୍ୟ ତାଙ୍କ ଭୂମିକା କି ମହତ୍ତ୍ୱମଣ୍ଡିତ! ଟଲଷ୍ଟୟଙ୍କ 'ଯୁଦ୍ଧ ଓ ଶାନ୍ତି', ମ୍ୟାକସିମ ଗର୍କୀଙ୍କ 'ମୋ ବିଶ୍ୱବିଦ୍ୟାଳୟ', ରବୀନ୍ଦ୍ରନାଥଙ୍କ ଉପନ୍ୟାସ, ନେହେରୁଙ୍କ ବହି ଓଡ଼ିଆରେ ରୂପାନ୍ତରିତ କରି ଅନୁଭବୀ ପାଠକ ଆତ୍ମାକୁ ସଂଯୁକ୍ତ କରିଦେଇଛନ୍ତି ବିଶ୍ୱସାହିତ୍ୟ ସହିତ । ସାହିତ୍ୟ ତତ୍ତ୍ୱକୁ ରମ୍ୟ-ରୂପ ବିଭବରେ ସଜ୍ଜିତ କରି ଦେଇଛନ୍ତି 'କଳାଶକ୍ତି' ଗ୍ରନ୍ଥରେ । ପୁନଶ୍ଚ ଆତ୍ମଜୀବନୀ 'ସ୍ରୋତସ୍ୱତୀ' ର ବିଭିନ୍ନ ଖଣ୍ଡରେ କେତେ ଚରିତ୍ର, କେତେ ଅଭୁଲା ସ୍ମୃତିର ଆକର୍ଷଣୀୟ ଅଙ୍କନ! ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ରଚନା କଲେ ଭିନ୍ନ ଶୈଳୀରେ, ତାଙ୍କ ନିକଟତମ ସେବକ ରାମ ବାରିକଙ୍କ ବକ୍ଷସ୍ଥଳରୁ ସତ୍ୟ ଉନ୍ମୋଚନ କରି । ଗୋପବନ୍ଧୁ ଚୌଧୁରୀଙ୍କ ଅସାମାନ୍ୟ ସ୍ୱଦେଶ ଅନୁରାଗ ବ୍ୟଞ୍ଜିତ ହୋଇ ଉଠିଲା 'ଦୀପଜ୍ୟୋତି' ଓ 'ଧୂଳିମାଟିର ସନ୍ଥ'ବହିରେ । ଗୋପୀନାଥ ମହାନ୍ତି ଏଭଳି ଭୂମି ସନ୍ତାନଙ୍କଠାରୁ ନିଜେ କ'ଣ ଥିଲେ ଭିନ୍ନ? ସ୍ୱତନ୍ତ୍ର?

ସିଏ ବି ଥିଲେ ମାଟିର ମମତା, ମହାକାଶର ପ୍ରଶସ୍ତତା ଓ ନିବିଡ଼ ଆରଣ୍ୟାନୀ ମଧ୍ୟରେ ଅମୃତର ମଧୁର ସଂଗୀତ ଗାନ କରୁଥିବା ନାମହୀନ କେଉଁ ଏକୁଟିଆ ପକ୍ଷୀ । ସେଇ ପକ୍ଷୀକଣ୍ଠର ବିଭୋର ସଂଗୀତ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇ ଚାଲିଥିବ ଯୁଗ ଯୁଗାନ୍ତର । ଆଉ ସକଳ ନୈରାଶ୍ୟ, ନିଃସଙ୍ଗତା, ନିରର୍ଥକତାକୁ ପରିଣତ କରିଦେଉଥିବ ଆଶାରେ, ଜୀବନକୁ କରିଦେଉଥିବ ଅର୍ଥପୂର୍ଣ୍ଣ ଆଉ ଶେଷରେ ସେ ନିଜେ ଅନ୍ତରଙ୍ଗ ସାଥୀପରି ଆମ ସହିତ ରହିଥିବେ ଚିର ସଂଲଗ୍ନ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନକଲି ଘିଅ...

ଏଥିରେ ମଧ ଶସ୍ତା ପଲିଷ୍ଟର ବ୍ୟବହାର କରାଯାଇଥିଲା। ଦୁଇଟି ଲାବରାଟୋରୀରେ ଦୁପଟ୍ଟାର ସାଇଣ୍ଟିଫିକ୍ ପରୀକ୍ଷା କରାଯାଇଥିଲା। ଦୁପଟ୍ଟା ଉପରେ ଅସଲି ସିଲ୍‌କକୁ ସୂଚାଉଥିବା 'ସିଲ୍‌କ ହୋଲୋଗ୍ରାମ' ମଧ ମିଳି ନଥିଲା। କିନ୍ତୁ ଏହାକୁ ଲଗାଇବା ବାଧ୍ୟତାମୂଳକ ଥିଲା। ଦୁର୍ନୀତି ପଦାକୁ ଆସିବା ପରେ ସମ୍ପୃକ୍ତ କମ୍ପାନୀର ପୂର୍ବରୁ ଥିବା ସବୁ ଟେଣ୍ଡରକୁ ବାତିଲ କରାଯାଇଛି ଓ ଏହି ମାମଲାର ତଦନ୍ତ ପାଇଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଏଟିବି)କୁ ଦାୟିତ୍ୱ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଏହା ପୂର୍ବରୁ ୨୦୨୪ ଡିସେମ୍ବରରେ ତିରୁପତି ମନ୍ଦିରରେ ଲଡ୍ଡୁ ପ୍ରସାଦରେ ଅପମିଶ୍ରିତ ଘିଅର ବ୍ୟବହାର କଥା ସାମ୍ନାକୁ ଆସିଥିଲା। ୨୦୧୯ରୁ ୨୦୨୪ ମଧ୍ୟରେ ଲଡ୍ଡୁ ପ୍ରସ୍ତୁତ କରିବା ପାଇଁ ପାଖାପାଖି ୬୮ ଲକ୍ଷ କିଲୋ ନକଲି ଘିଅର ବ୍ୟବହାର ହୋଇଥିଲା। ଘିଅ ଯୋଗାଉଥିବା କମ୍ପାନୀ ଏହି ଦୁର୍ନୀତକୁ ପାଥେୟ କରି ପାଖାପାଖି ୨୫୦ କୋଟି ଟଙ୍କା ଲୁଟି ନେଇଥିଲା।

### ମହାନଦୀ ପାଇଁ...

ଆଗରୁ ଗଠନ କରିବାର ଥିଲା। ବିଳମ୍ବରେ ହେଲେ ମଧ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ରାଜ୍ୟ ସରକାର ଗଠନ କରିଥିବା କମିଟିରେ ଜଳ ବିଶେଷଜ୍ଞ (ଅବସରପ୍ରାପ୍ତ ଇଞ୍ଜିନିୟର) ତଥା ଅନ୍ୟ ଅଂଶୀଦାରକୁ ସାମିଲ କରିଥିଲେ ଭଲ ହୋଇଥାନ୍ତା। ଆଗାମୀ ଦିନରେ ସରକାର ଏମାନଙ୍କୁ ନେଇ ଏକ ଟାସ୍କଫୋର୍ସ ଗଠନ କରିବାକୁ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ମହାନଦୀ ବିବାଦ ତୁଟାଇବା ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଥମେ ଆଗ୍ରହ ପ୍ରକାଶ କରିଥିଲେ। ଉଭୟେ ବିଭିନ୍ନ ଫୋରମରେ ଏନେଇ ଏକାଧିକ ବାର ଅନୌପଚାରିକ ଆଲୋଚନା ମଧ କରି ସାରିଛନ୍ତି। ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ସ୍ତରରେ ମଧ ଦୁଇଥର ଆନୁଷ୍ଠାନିକ ବୈଠକ ହୋଇସାରିଛି। ଏହାବ୍ୟତୀତ ଗତ ୫ ତାରିଖର ବୈଠକକୁ ମିଶାଇ ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୭ଟି ବୈଠକ ଅନୁଷ୍ଠିତ ହୋଇଛି। ମାତ୍ର ଏହି ବୈଠକ ଆଲୋଚନାର ଅଗ୍ରଗତି କଣ ତାହା ସାଧାରଣରେ ସରକାର ପ୍ରକାଶ କରିନାହାନ୍ତି। ଯାହାକୁ ନେଇ ପ୍ରଶ୍ନ କରିଛନ୍ତି ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ। ସରକାର ରାଜ୍ୟର ଏକ ସ୍ପର୍ଶକାତର ପ୍ରସଙ୍ଗକୁ ନେଇ ଆଗକୁ ବଢ଼ିବା ବେଳେ ସମସ୍ତଙ୍କୁ ବିଶ୍ୱାସକୁ ନେବା ଦରକାର ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ରାଜ୍ୟ ରାଜ୍ୟ ମଧ୍ୟରେ ଜଳ ବିବାଦ ମାମଲାର ସମାଧାନ ଟ୍ରିବ୍ୟୁନାଲ ସମାଧାନ କରିବା ଖୁବ ବିରଳ ଏବଂ ସମୟ ସାପେକ୍ଷ। ରାଜ୍ୟ ସରକାର ଯେଉଁ ଉଦ୍ୟମ ଏବଂ ପ୍ରୟାସ ଆରମ୍ଭ କରିଛନ୍ତି ତାହାକୁ ଆମେ ସ୍ୱାଗତ କରୁଛୁ। ଏପରି ଏକ ସର୍ବଦଳୀୟ କମିଟିର ଗଠନ ବହୁ ଆଗରୁ ହେବାର ଥିଲା। ମହାନଦୀ ଓଡ଼ିଶାର ଜୀବନରେଖା। ଏହାକୁ ଆଦୌ ହାଲୁକା ଭାବେ ଗ୍ରହଣ କରିବା ଉଚିତ୍ ନୁହେଁ। ତେଣୁ ସରକାର ଗଠନ କରିଥିବା କମିଟି ସମ୍ପୂର୍ଣ୍ଣ ସକ୍ରିୟତାର ସହ କାର୍ଯ୍ୟ କରୁ। ଓଡ଼ିଶାର ୧.୫ କୋଟି ଲୋକଙ୍କ ଜୀବନ ଜୀବିକାର ସୁରକ୍ଷା ଏବଂ ରାଜ୍ୟର ହକ୍ ଦିଗରେ ଏହି କମିଟି କାର୍ଯ୍ୟ କରୁ ବୋଲି ଶ୍ରୀ ଛୋଟରାୟ କହିଛନ୍ତି।

### ଶୀତ ଲହରୀ...

କିଛି ସ୍ଥାନରେ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ଏଠାରେ ତାପମାତ୍ରା ସାଧାରଣଠାରୁ ୬-୭ ଡିଗ୍ରୀ କମ ଥିବା ରେକର୍ଡ କରାଯାଇଛି। ଏହାଛଡ଼ା ଅନୁଗୁଳ ଜିଲ୍ଲାର ଅଳ୍ପ କିଛି ଅଞ୍ଚଳରେ ମଧ ଗଭୀର ଶୀତଲହରୀ ଅନୁଭୂତ ହୋଇଛି। ତାପମାତ୍ରା କମିବା ସହ ରାଜ୍ୟର ଉତ୍ତର ଓ ଦକ୍ଷିଣ ଅଞ୍ଚଳର କିଛି ସ୍ଥାନରେ କୁହୁଡ଼ି ପଡିଥିବା ଲକ୍ଷ୍ୟ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ରାଜ୍ୟରେ ଆହୁରି ୨ ଦିନ ଶୀତ ଲହରୀ ଜାରି ରହିବା ସହ ଗୁରୁବାର ସୁନ୍ଦରଗଡ଼, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, ନବରଙ୍ଗପୁର, ଢେଙ୍କାନାଳରେ ପ୍ରବଳ ଶୀତ ଲହରୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି କନ୍ଧମାଳ, କୋରାପୁଟ, କଳାହାଣ୍ଡି ଓ ଝାରସୁଗୁଡ଼ାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

### ୟୁନିସ୍କୋ ବିଶ୍ୱ ଐତିହ୍ୟ...

କରାଯାଇଥିବାରୁ ଭାରତ ଓ ବିଶ୍ୱରେ ଲୋକ ଉତ୍ସାହିତ ଅଛନ୍ତି। ଆମପାଇଁ ଏହି ପର୍ବ ସଂସ୍କୃତି ଓ ପ୍ରକୃତି ସହିତ ଜଡିତ। ଏହା ଜ୍ଞାନ ଓ ଧର୍ମର ମଧ ପ୍ରତୀକ। ୟୁନେସ୍କୋ ତାଲିକାରେ ସାମିଲ ହେବା ପରେ ଏହି ପର୍ବକୁ ନେଇ ବୈଶ୍ୱିକ ଲୋକପ୍ରିୟତାରେ ଆହୁରି ବୃଦ୍ଧି ଘଟିବ। ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ ଆମକୁ ଶାଶ୍ୱତ ଭାବେ ମାର୍ଗଦର୍ଶନ କରୁଥିବ ବୋଲି ମୋଦୀ ପୋଷ୍ଟରେ ଉଲ୍ଲେଖ କରିଛନ୍ତି।

### ବିଗୁଲ ଫୁଙ୍କିଲେ...

୨୦୨୪ରେ କଂଗ୍ରେସ ସର୍ବନିମ୍ନ ୧୩ ପ୍ରତିଶତ ଭୋଟ୍ ପାଇଛି। ନିଜେ ଶରତ ପଟ୍ଟନାୟକ ନିର୍ବାଚନରେ ଅମାନତ ବି ହରାଇଛନ୍ତି। ସେହିପରି ୩ ଥର ଲଗାତାର ନିର୍ବାଚନ ପରାଜିତ ଭକ୍ତଙ୍କୁ ପିସିସି ନେତୃତ୍ୱ ମିଳିଛି। ଯାହାଙ୍କ ବ୍ୟକ୍ତିଗତ ବିଚାରଧାରା କଂଗ୍ରେସ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜୟପ୍ରକାଶଙ୍କ ଆନ୍ଦୋଳନ ବେଳେ ଭକ୍ତ ନିଜେ ଗାନ୍ଧୀ ପରିବାରକୁ ସମାଲୋଚନା କରିଥିଲେ; ତାଙ୍କ ପୁଅ କୋଶଳ ଆନ୍ଦୋଳନକୁ ସମର୍ଥନ କରିବା ଚିନ୍ତାଜନକ। ତାଙ୍କ ନେତୃତ୍ୱରେ ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ୮୩ ହଜାର ଭୋଟରେ ହାରିଛି। ନୂଆପଡ଼ା ପିସିସି ସଭାପତିଙ୍କ ସଂସଦୀୟ କ୍ଷେତ୍ର ହୋଇଥିଲେ ବି କଂଗ୍ରେସର ପ୍ରଦର୍ଶନ ସେଠାରେ ଅତ୍ୟନ୍ତ ନିରାଶାଜନକ। ଯାହାଙ୍କୁ ନିଜ ସଂସଦୀୟ କ୍ଷେତ୍ର ବିଶ୍ୱାସ କରୁନି, ତାଙ୍କୁ ସ୍ୱାଭାବିକ ଭାବରେ କର୍ମୀ ବିଶ୍ୱାସ କରିପାରୁ ନାହାନ୍ତି। ଏପରି ସମୟରେ କଂଗ୍ରେସକୁ ପୁନର୍ଜୀବିତ କରିବା ନିମନ୍ତେ ପାରଦର୍ଶିତା ଓ ଯୋଗ୍ୟତା ଆଧାରରେ ଯୁବ ନେତୃତ୍ୱଙ୍କୁ ନିଯୁକ୍ତି ଦିଆଯିବା ଦରକାର ବୋଲି ମୋକିମ କହିଛନ୍ତି। ଏହା ସହ ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ହୋଇଥିବା ସଂଗଠନ ସୃଜନ ବ୍ୟବସ୍ଥାକୁ ସେ ପ୍ରଶଂସା କରିଥିଲେ ମଧ ନିର୍ବାଚନରେ ୬ ନଂ ସ୍ଥାନରେ ରହିଥିବା ଲୋକ କିପରି ଜିଲ୍ଲା ସଭାପତି କରାଯିବାକୁ ନେଇ ମଧ ସେ ପ୍ରଶ୍ନ ଉଠାଇଛନ୍ତି।

କେବଳ ରାଜ୍ୟ ନୁହେଁ ଜାତୀୟସ୍ତରରେ ମଧ କଂଗ୍ରେସର କାର୍ଯ୍ୟକୁ ନେଇ ମୋକିମ୍ ଅସନ୍ତୋଷ ପ୍ରକଟ କରିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସକୁ ମଜଭୁତ ପାଇଁ କେନ୍ଦ୍ରୀୟ ନେତୃତ୍ୱ କାର୍ଯ୍ୟ କରୁ ନାହାନ୍ତି। ଏଥିପାଇଁ ମୁଁ ଚିଠି ଏଆଇସିସି ସଭାପତିଙ୍କ ପରିବର୍ତ୍ତେ କଂଗ୍ରେସ ପରିବାରର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିଛି । ସୋନିଆଙ୍କ ନେତୃତ୍ୱରେ ଦଳ କ୍ଷମତାକୁ ଫେରିଥିଲା। ଦେଶର ବିଭିନ୍ନ ରାଜ୍ୟରେ କଂଗ୍ରେସର ପ୍ରଦର୍ଶନକୁ ଉଲ୍ଲେଖ କରି ସେ ଦଳର ନେତୃତ୍ୱ ଓ କାର୍ଯ୍ୟଧାରାକୁ ସଂଶୋଧନ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି। ବିଧାୟକ ଥିଲା ବେଳେ ସେ ୩ ବର୍ଷ ଅପେକ୍ଷା କରିଥଇଲେ ମଧ ରାହୁଲଙ୍କୁ ଦେଖା କରିପାରି ନାହାନ୍ତି। ରାହୁଲ କୋଟେରୀରୁ ନ ବାହାରିଲେ ଠିକ୍ ନିଷ୍ପତ୍ତି ନେଇପାରିବେନି। ବର୍ତ୍ତମାନ ଦେଶରେ ୬୫ ପ୍ରତିଶତ ଯୁବକ ରହିଥିବା ବେଳେ ସେମାନଙ୍କୁ କଂଗ୍ରେସ ପ୍ରତି ଆକୃଷ୍ଟ କରିବା ନିମନ୍ତେ ପ୍ରିୟଙ୍କା ଗାନ୍ଧୀଙ୍କୁ ସାମ୍ନାକୁ ଆଣିବାର ଆବଶ୍ୟକତା ଥିବା ମୋକିମ୍ ଚିଠିରେ ଲେଖିଛନ୍ତି। ସେ ଆହୁରି କହିଛନ୍ତି ଯେ ଏଆଇସିସି ଅଧକ୍ଷ ଖଡ଼୍‌ଗେଙ୍କୁ ୮୩ ବର୍ଷ ହେଲାଣି, ସେ କିପରି ଯୁବକଙ୍କ ନେତୃତ୍ୱ ନେଇ ପାରିବେ? ଭାରତ ଯୋଡ଼ ଯାତ୍ରା ବେଳେ ରାହୁଲ ୩ ରାତି ଓଡ଼ିଶାରେ ରହିଲେ, ମାତ୍ର କର୍ମୀମାନେ ତାଙ୍କୁ ଭେଟି ପାରିଲେ ନାହିଁ। ସେ ଯଦି ଓଡ଼ିଶାରେ ତୃଣମୂଳ କର୍ମୀଙ୍କୁ ଭେଟିଥାନ୍ତେ କେତେ ଭଲ ହୋଇଥାନ୍ତା। ଯେଉଁମାନେ କ୍ରମାଗତ ହାରୁଛନ୍ତି, ସେମାନେ କଂଗ୍ରେସରେ ଆଗରେ ବସୁଛନ୍ତି। କଟକରେ କଂଗ୍ରେସ ଜିତି ପାରୁ ନ ଥିଲା, ହେଲେ ତାଙ୍କର ଓ ତାଙ୍କ ପରିବାର ଯୋଗୁଁ ୩୫ ବର୍ଷ ପରେ କଂଗ୍ରେସ କଟକ ବାରବାଟୀ ଆସନ ଜିତିଥିଲା। ୨୦୨୪ରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ପ୍ରଚାର ସତ୍ତ୍ୱେ ତାଙ୍କ ଝିଅ ସୋଫିଆ ଫିର୍‌ଦୋସ୍ କଟକରୁ ବିଜୟୀ ହୋଇଛନ୍ତି। ତେଣୁ କଂଗ୍ରେସର ସାଂଗଠନିକ, ବୈଚାରିକ ଓ ଢାଞ୍ଚାଗତ ପୁନରୁଦ୍ଧାରକୁ ଶ୍ରୀମତୀ ଗାନ୍ଧୀ ଗୁରୁତ୍ୱ ଦେବେ ବୋଲି ମୋକିମ ଆଶା ରଖିଛନ୍ତି। ଏହାସହ କଂଗ୍ରେସ ଦଳରେ ସ୍ୱଚ୍ଛତାର ସହ ଦକ୍ଷତା ଆଧାରରେ ନିଯୁକ୍ତି ଦିଆଯାଉ ବୋଲି ମୋକିମ୍ କହିଛନ୍ତି। ଯୁବକଙ୍କୁ ନେତୃତ୍ୱ ଦେବା ସହ ଯେଉଁମାନେ ଭାବପ୍ରବଣ କର୍ମୀଙ୍କ ସହ ଜଡ଼ିତ ସେମାନଙ୍କୁ ସୁଯୋଗ ଦିଆଯାଉ ବୋଲି ମୋକିମ୍ ଚିଠିରେ ଉଲ୍ଲେଖ କରିଛନ୍ତି।

## ଏମ୍‌ଭି ୨୬ରେ ସୁଧୁରୁଛି ସ୍ଥିତି



- ପୁଣି ଇଣ୍ଟରନେଟ୍ ବନ୍ଦ
- ଛଅ ଦିନ ପରେ ମିଳିଲା ମହିଳାଙ୍କ ମୁଣ୍ଡ

ମାଲକାନଗିରି/କୋରୁକୋଣ୍ଡା,୧୦।୧୨ (ସମିସ): ନଦୀରୁ ମୁଣ୍ଡବିହୀନ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ ମାଲକାନଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍, ଏମ୍‌ଭି-୨୬ ଗ୍ରାମରେ ଲାଗି ରହିଥିବା ଉତ୍ତେଜନା ଧୀରେଧୀରେ ପ୍ରଶମିତ ହେଉଛି। ଗତକାଲି ଶାନ୍ତି କମିଟି ବୈଠକ ସଫଳ ହେବା ପରେ ପରିସ୍ଥିତିରେ ସୁଧାର ଆସିଛି। ଭୟରେ ଗାଁ ଛାଡ଼ିଥିବା ଲୋକେ ଘରକୁ ଫେରି ଭଙ୍ଗାଘରକୁ ମରାମତି କରିବାକୁ ଉଦ୍ୟମ କରୁଛନ୍ତି। କିନ୍ତୁ, ସ୍ଥିତି ପୂରାପୂରି ସ୍ୱାଭାବିକ ହୋଇ ନଥିବାରୁ ବିଏସଏଫ୍ ଯବାନ, ଓଡ଼ିଶା ପୁଲିସ ଓ ଅଗ୍ନିଶମ ବାହିନୀ ଗାଁରେ ଡେରା ପକାଇ ରହିଛନ୍ତି। ଅପରପକ୍ଷେ, ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ଆଉ ୨୪ଘଣ୍ଟା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି, ମୃତ ମହିଳା ଲୋକେ ପଡ଼ିଆମୀ (୫୧)ଙ୍କ ନିଖୋଜ ମୁଣ୍ଡ ଆଜି ୧୫ କିଲୋମିଟର ଦୂର କାଲିମେଳା ଥାନାସ୍ଥିତ ନାମକୋଣ୍ଡା ପୋଟେରୁ ନଦୀ ଗାଧୁଆ ତୁଠରୁ ଉଦ୍ଧାର ହୋଇଛି। ଅପରାହ୍ଣରେ ଗଳିତ ମୁଣ୍ଡକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୁଣ୍ଡବିହୀନ ଶବ ପୋତାଯାଇଥିବା ସ୍ଥାନରେ ମହିଳାଙ୍କ ମୁଣ୍ଡକୁ ପୋତା ଯାଇ ସତ୍କାର କରାଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏମ୍‌ଭି-୨୬ ଗ୍ରାମକୁ ଯାଇ ପରିସ୍ଥିତିର ସମୀକ୍ଷା କରିଛନ୍ତି। ଲୋକଙ୍କ କ୍ଷୟକ୍ଷତି ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଏହାର ଆକଳନ କରାଯାଉଛି। ଆଜି ପୁଲିସ ପ୍ରଶାସନ ପକ୍ଷରୁ ମାଲକାନଗିରିରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିବା ଜଣାପଡ଼ିଛି।

ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମିଙ୍କ ହତ୍ୟାକାଣ୍ଡକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ନଦୀରୁ ଲୋକେଙ୍କ ମୁଣ୍ଡବିହୀନ ଶବ ମିଳିବା ପରେ ରାଖେଲଗୁଡ଼ା ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ। ଏମ୍‌ଭି-୨୬ ଗ୍ରାମର କିଛି ଲୋକେ ତାଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ରାଖେଲଗୁଡ଼ା ଏବଂ ଏହାର ଆଖପାଖ ଗ୍ରାମର ଗ୍ରାମବାସୀ ଏମଭି-୨୬ ଗ୍ରାମରେ ନିଆଁ ଲଗାଇ ସବୁ କିଛି ଧୂଳିସାତ୍ କରିଦେଇଥିଲେ।

- ଏସସି-ଏସଟି ଉନ୍ନୟନ ବିଭାଗ ସ୍କୁଲ ଟିଜିଟି ଶିକ୍ଷକଙ୍କ ପିଜିଟି ପଦୋନ୍ନତି ପ୍ରସଙ୍ଗ

## ଅନ୍ତରୀଣ ରହିତାଦେଶ ଜାରି କଲେ ହାଇକୋର୍ଟ

କଟକ, ୧୦।୧୨ (ସମିସ): ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସଟି) ଉନ୍ନୟନ ବିଭାଗ ଅଧୀନ ସ୍କୁଲଗୁଡ଼ିକରେ କାର୍ଯ୍ୟରତ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ (ଟିଜିଟି)ଙ୍କ ସ୍ନାତକୋତ୍ତର ଶିକ୍ଷକ(ପିଜିଟି) ପଦକୁ ପଦୋନ୍ନତି ପ୍ରସଙ୍ଗରେ ରୁଜୁ ଆବେଦନକୁ ହାଇକୋର୍ଟ ଗୁରୁତ୍ୱର ସହ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏସ୍‌ସି ଓ ଏସଟି ଉନ୍ନୟନ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ପିଜିଟି ପଦକୁ ପଦୋନ୍ନତି ପାଇଁ ଯୋଗ୍ୟ ଟିଜିଟିଙ୍କ ସଂପର୍କିତ ତଥ୍ୟ ପ୍ରଦାନ ପାଇଁ ୨୦୨୫ ଜାନୁଆରି ୨୮ରେ ଜାରି ଚିଠି ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। କୃଷ୍ଣାଜନ ଆଚାର୍ଯ୍ୟଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କେନ୍ଦୁଝର ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ବେଆଇନ ଭାବେ ପଦୋନ୍ନତିରୁ ବାଦ୍ ଦେବା ଅଭିଯୋଗ ନେଇ ଦାୟର ଏହି ମାମଲାରେ ଏସ୍‌ଟି ଓ ଏସ୍‌ସି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ ଓ ଅନ୍ୟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ଅଦାଲତ। ମାମଲାରୁ ପ୍ରକାଶ ଯେ ଟିଜିଟି ପଦୋନ୍ନତି ପାଇ ଆବେଦନକାରୀ ଜଗମୋହନପୁର ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକଙ୍କ ତରଫରୁ ପିଜିଟି ପଦକୁ ପଦୋନ୍ନତି ପାଇଁ ତଥ୍ୟ ଦାଖଲ ପାଇଁ କେନ୍ଦୁଝର ସମେତ ସବୁ ଜିଲ୍ଲାର ମଙ୍ଗଳ ଅଧିକାରୀଙ୍କୁ ଜାନୁଆରି ୨୮ରେ ଚିଠି କରାଯାଇଥିଲା। ଓଡ଼ିଶା ଟ୍ରାଇବାଲ୍ ୱେଲଫେୟାର୍ ଏଜୁକେସନ ନିୟମାବଳୀ-୨୦୧୫ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଟିଜିଟି ମାନ୍ୟତା ଦେଉଥିଲେ ମଧ ପଦୋନ୍ନତି ପାଇଁ ଅଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ତଥ୍ୟ ଦାଖଲ ଯୁଗ୍ମ ନିର୍ଦ୍ଦେଶକଙ୍କ ଚିଠିରେ କୁହାଯାଇନଥିଲା। ଏସ୍‌ଟି ଏସ୍‌ସି ଉନ୍ନୟନ ବିଭାଗର ହାଇସ୍କୁଲରେ ତିନିବର୍ଷ ନିୟମିତ ଟିଜିଟି ଭାବେ କାର୍ଯ୍ୟକାଳ ପୂରଣ କରିଥିବା ଶିକ୍ଷକ ପିଜିଟି ପଦୋନ୍ନତି ପାଇଁ ଯୋଗ୍ୟ ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଥିଲା। ଏପରି ଯୋଗ୍ୟତା ସର୍ତ୍ତାବଳୀ ପାଇଁ ଆବେଦନକାରୀ ପଦୋନ୍ନତି ପ୍ରକ୍ରିୟାରୁ ପରୋକ୍ଷରେ ବାଦ୍ ପଡ଼ିବା ସ୍ପଷ୍ଟ ହୋଇଥିଲା। ଏପରି ଚିଠିକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବଂଶୀଧର ଶତପଥୀ ଓ ସତ୍ୟବ୍ରତ ଶତପଥୀ ମାମଲା ପରିଚାଳନା କରୁଛନ୍ତି।

## ସାମାନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା

ବ୍ରହ୍ମପୁର,୧୦।୧୨(ସମିସ): ସାମନ୍ୟ ବଚସାରୁ ବୃଦ୍ଧଙ୍କୁ ହତ୍ୟା କଲା ପଡ଼ୋଶୀ। ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଇଞ୍ଜିନିୟରିଂ ସ୍କୁଲ ଛକ ନିକଟ ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ, ବାରିକ ଜେନା (୭୦)। ପୁଲିସ ମୃତକଙ୍କ ପଡ଼ୋଶୀ ତାରାପ୍ରସାଦ ଗୌଡ଼(୪୪)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇ ଦିଆଯାଇଛି। ପୁଲିସ ବାରିକ ଜେନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ ସୂଚନାନୁସାରେ, ପଣ୍ଡା କଲୋନୀ ୪ର୍ଥ ଲାଇନ୍‌ରେ ଅଣ ଓସାରିଆ ରାସ୍ତା। ବାରିକ ଜେନାଙ୍କ ଘର ଅତିକ୍ରମ କରିବା ପରେ ତାରାପ୍ରସାଦଙ୍କ ଘର। ସବୁବେଳେ ରାସ୍ତା ବ୍ଲକ୍ କରି ରଖୁଥିଲେ ବାରିକ ଜେନା। ଫଳରେ ଉଭୟଙ୍କ ଭିତରେ ପାଟିତୁଣ୍ଡ ହେଉଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ତାରା ପ୍ରସାଦ ବାଇକ୍‌ରେ ଘରକୁ ଫେରୁଥିଲେ। ରାସ୍ତା ବ୍ଲକ୍ କରି ରଖିଥିବାରୁ ତାରାପ୍ରସାଦ ଘରକୁ ଯିବା ସମସ୍ୟା ହୋଇଥିଲା। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତାରାପ୍ରସାଦ ରାଗରେ ବାରିକ ଜେନାଙ୍କୁ ଧକ୍କା ମୁକା ମାରିବା ସହ ଶକ୍ତ ଚାପୁଡା ମାରିଥିଲା। ସେ ଅଚେତ ହୋଇ ପଡିଯାଇଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ମୃତକଙ୍କ ପୁଅ ସୁବାସ ଜେନା ଏନେଇ ଥାନାରେ ଅଭିଯୋଗ କରିଥିଲେ।


**AFFIDAVIT**

By virtue of an affidavit sworn before the Executive Magistrate Jharbandh of District Bargarh dated 2nd December 2025, CF No - 01, I Narayana Satnami aged about 27 years, Kalia Satnami, resident of village- Jatesira, Po.- Goudmal Ps.- Jagdalpur, Block- Jharbandh, Dist. Bargarh, Pin 768042 hereby declares that for myself. I have changed my name from **Narayan Satnami** to **Narayana Satnami** . Hence I will be known as **Narayana Satnami** for all future purposes.

**LOST**

**I, Ranjulata Barik,** aged about 57 years, W/o: Santosh Kumar Barik, R/o: Sunamuhi, Baripada, Ward No.11 hereby declared through Affidavit that, my original Regd. Sale Deed No. 953, Dt.27.03.1991 pertaining to land situated in Mouza: Baripada Town, Unit No.12, Stationbandha sahi, Khata No.: 205/212, Plot No.: 34/1066, P.S.: Baripada, P.S. No. 103, Area: Ac.0.098dec. and Khata No.: 205/209, Plot No.: 35, P.S.: Baripada, P.S. No. 103, Area: Ac.0.040dec.. has been lost at a tea stall near Palbani on 05.12.2025. The said document has not been utilised for any other purpose and in case I discover the same in future, I shall notify and produce the same before the Odisha Grameen Bank, Main Branch, Baripada. If anybody found this document please contact- **Mob- 9937538105**

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

**Campus:** 262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459

Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before the Executive Magistrate, Tigiria, dated-29.11.2025 C.F No-5, I Lijarani Das of Village-Sunthipal, Po-Bandalo, Ps-Tigiria, Dist-Cuttack declare that I have changed my name from Lija Das to Lijarani Das in Aadhar card. Henceforth, I shall be known as Lijarani Das for all purposes.

**AFFIDAVIT**

I MINIYAKA GEETANJALI, W/o - MINIYAKA BISWANATH, Resident At- TANKUA, NEAR JAGANNATH TEMPLE, Po- P.R.PETA, Jeypore, Dist - Koraput -764003, Odisha declare by this Affidavit No.5037 Dated -10/12/2025, that now onwards I shall be known as **MINIYAKA GITANJALI** For all future purpose.

**AFFIDAVIT**

By the virtue of an affidavit sworn before the Notary Public, Bhubaneswar, it is declared that the names of the parents of Miss Pallela Samhita were wrongly recorded in her school record as P. Satyanarayana and P. Sujatha. The correct names are:
Father: Pallela Satyanarayana
Mother: Palela Sujata
Sd/- Pallela Satyanarayana & Palela Sujata, Flat No. LIG-I/110, Sudarshan Enclave, Phase-VII, Dumduma, Bhubaneswar – 751019, Date: 05-12-2025

**NOTICE (FOR MINOR)**

By the virtue of an affidavit CF No 74, before the Executive Magistrate, Bhubaneswar, dtd.15.11.2025, I, Sanghamitra Parida, residing at M-156, Phase-II, Bhimatangi, Guru Kelu Charan Marg, Lane-4, P.S. Airfield, Bhubaneswar-751002 have changed my minor daughter's name from Saparajya Parida to Saparjya Parida. Henceforth she shall be known as **Saparjya Parida** for all purposes.
**Sd/- Sanghamitra Parida**

ਪੰਜਾਬ ਨੈਸ਼ਨਲ ਬੈਂਕ punjab national bank ...the name you can BANK upon!

ବି.ଓ. ଟିଟିଲାଗଡ

ଠିକଣା: ମହାବୀର ପଞ୍ଚାୟତ, ଧର୍ମଶାଳା ସାମ୍ନା, ଟିଟିଲାଗଡ଼

ଯୋଗାଯୋଗ ନଂ: 8249151403, ଇମେଲ: bo6808@pnb.bank.in

**ସାର୍ବଜନୀନ ନୋଟିସ୍**

ବ୍ୟାଙ୍କ ଅନୁସୂଚିତ ସମ୍ପତ୍ତି ସମ୍ପର୍କରେ ବନ୍ଧକ ସୃଷ୍ଟି କରିବାକୁ ଚାହୁଁଛି। ସମ୍ପତ୍ତିରେ କୌଣସି ସ୍ୱାର୍ଥ କିମ୍ବା ଅଧିକାର ଦାବି କରୁଥିବା କିମ୍ବା ଅନ୍ୟ କୌଣସି ଆପତ୍ତି ବା ଯେକୌଣସି ବ୍ୟକ୍ତି ଏହି ନୋଟିସ୍ ପ୍ରକାଶନର ସାତ ଦିନ ମଧ୍ୟରେ ବ୍ୟାଙ୍କରେ ପ୍ରତିନିଧିତ୍ୱ କରିପାରିବେ।
ମୌଜାରେ ଅବସ୍ଥିତ ସମସ୍ତ ଜମି ଏବଂ କୋଠାର ଅଂଶ : ଦୁର୍ଲା, ଟିଟିଲାଗଡ଼, ପି.ଏସ୍. ନମ୍ବର: 85, ଖାତା ନମ୍ବର 190/299, ପ୍ଲଟ୍ ନମ୍ବର 1001, ନାମ - ବିନୋଦ କୁମାର ଅଗ୍ରୱାଲ, ପିତା - ରମେଶ କୁମାର ଅଗ୍ରୱାଲ, ବିକ୍ରୟ ଡିଡ୍ ନମ୍ବର 10331401255, 21.07.2014, ପୂର୍ବଲିଙ୍କ୍ ଡିଡ୍ ନମ୍ବର 732, 08.05.2006

ସ୍ୱା/- ଅଜିତେଶ ପାତ୍ର
ଶାଖା ପରିଚାଳକ

MM-355

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, PHULBANI KENDU LEAF DIVISION**
AT/PO/PS:- PHULBANI, e-mail id – dfoklplb@gmail.com
BID IDENTIFICATION No. F.E.&CC /PLB/02 (online)/2025-26

**E-procurement notice**
**No. 02, Dated' 09.12.2025**

The Divisional Forest Officer, Phulbani K.L. Division, on behalf of Governor of Odisha, invites Percentage Rate bids in **Single** cover System in ONLINE MODE.

1. Nature of work :- **Construction of Forest Guard Quarter at Phulbani Division Office Campus**
2. Tender Cost :- **Rs.6000/-**
3. Class of Contractor :- **"C" & "D" class Contractors**
4. Availability of bid document in the website. :- **18:00 Hours of 11.12.2025 to 17:30 Hours of 19.12.2025**
5. Date of Opening of Tenders :- **11:30 Hours on dt._20.12.2025**
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/ cancellation of tender will be displayed in the website said only.

OIPR-08069/11/0008/2526

Divisional Forest Officer
Phulbani K.L. Division

O-1683 Email- rd_nuapada@rediffmail.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, NUAPADA**
BID IDENTIFICATION NO. RWNPD – 06 (Online) of 2025-26

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Building works in the District of Nuapada as mentioned in DTCN
2. Total No of Works : 01 No.
3.Estimated Cost: : Rs. 50.18 lakhs (Building)
4.Period of Completion: : 01 (one) Calendar Month
5.Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Nuapada | RWNPD-06/2025-26 (Online) | 10.12.2025 at 10.00 AM | 20.12.2025 up to 5.00 PM | 19.12.2025 upto 05.00 PM | 21.12.2025 at 11.00 AM | Will be intimated later on |

Further details can be seen from the website www.tendersodisha.gov.in

Executive Engineer
Rural Works Division, Nuapada

OIPR-25050/11/0010/2526

OHPC ISO 9001-14001 18001 Certified

CAD-2638

OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, ODISHA, E-mail: sgmel_uihep@ohpcltd.com / sgmeluihep@gmail.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. UIHEP-38/2025-26 DATED 08.12.2025**

Sealed tenders are invited in two parts i.e. (i) Techno commercial bid (ii) Price bid in separate sealed envelopes from the registered travel agencies / vehicle owners/service providers for providing services as mentioned below.

| Description of Materials / Services | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Hiring of a light vehicle (Mahindra Bolero) for patrolling of the local Police Officer, Outpost of Mukhiguda for 04 Years. | 7,080/- (inclusive of GST) | 01% of quoted price | From 12.12.2025 to 23.12.2025 up to 13.00 Hrs | 23.12.2025 (up to 13:30Hrs) | 23.12.2025 at 16:30Hrs. |

For details of the tender documents, terms and conditions please visit our website www.ohpcltd.com

OIPR-04008/11/0050/2526

C&P Head
UIHEP, Mukhiguda

भा.क.नि. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୦.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ, ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ


## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆଇଟି ଚାକିରିଆଙ୍କ ପାଇଁ ଦିନ ଭଲ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ଦୀର୍ଘ ଦିନରୁ ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଅତିଥି ସତ୍କାର କରିପାରନ୍ତି। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପଡୋଶୀଙ୍କ ସହ ସମ୍ପର୍କ ଘନିଷ୍ଠ ହୋଇପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ମହିଳାମାନେ ଘରକାର୍ଯ୍ୟରେ ସମୟ ଅତିବାହିତ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ ଦେବେ।

**ବିଛା:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ପୂରଣ ହେବ ପାରଳାଖେମୁଣ୍ଡିବାସୀଙ୍କ ୪ ଦଶନ୍ଧିର ଦାବି

# ବହୁ ପ୍ରତୀକ୍ଷିତ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସର୍ବେକ୍ଷଣ ଆରମ୍ଭ





- ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ଆକଳନ ନିର୍ଦ୍ଧାରଣ ନିମନ୍ତେ ସର୍ବେକ୍ଷଣ ଆରମ୍ଭ
- ବିଧାନସଭାରେ ବାରମ୍ବାର ପ୍ରସଙ୍ଗ ଉଠାଇଥିଲେ ବିଧାୟକ

ପାରଳାଖେମୁଣ୍ଡି, ୧୦।୧୨(ସମିସ)

ବହୁ ପ୍ରତୀକ୍ଷିତ ପାରଳାଖେମୁଣ୍ଡି ସହରର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ସର୍ବେକ୍ଷଣ ଆରମ୍ଭ ହୋଇଛି। ଏନେଇ ଚାରି ଦଶନ୍ଧିରୁ ଅଧିକ ସମୟ ହେଲା ସହରବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ଏଥି ପାଇଁ ତତ୍କାଳୀନ ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ଅହରତ ଚେଷ୍ଟା କରିଆସୁଥିଲେ। ସ୍ଥାନୀୟ ବିଧାୟକ ମଧ୍ୟ ବିଧାନସଭାରେ ପ୍ରସଙ୍ଗ ଉଠାଇ ଆସୁଥିଲେ। ଏନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ସ୍ମାରକପତ୍ର ଦେଉଥିଲେ। ତେବେ ୨୦୨୩ ମସିହାରେ ତତ୍କାଳୀନ ନବୀନ ସରକାରଙ୍କ ଅମଳରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପରିକଳ୍ପନା କରାଯାଇ ୫୪ କୋଟି ଟଙ୍କା ମଞ୍ଜୁର ପାଇଁ ଘୋଷଣା ହୋଇଥିଲା। ହେଲେ ୨୦୨୪ରେ ସରକାର ବଦଳିଯାଇଥିଲା। ଏଠାରେ ଅଟକି ରହିଥିଲା ବାଇପାସ୍ ରାସ୍ତାର ପରିକଳ୍ପନା। ଏହାପରେ ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚିତ ହୋଇ ବିଧାନସଭାର ଅଧିବେଶନରେ ଏହି ପ୍ରସଙ୍ଗ ଉପସ୍ଥାପନ କରିଆସୁଥିଲେ। ଏପରିକି ବର୍ତ୍ତମାନ ଶୀତ ଅଧିବେଶନରେ ମଧ୍ୟ ଏହି ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ଏପରି ବାରମ୍ବାର ବାଇପାସ ରାସ୍ତା ପ୍ରସଙ୍ଗକୁ ହୃଦୟଙ୍ଗମ କରି ବର୍ତ୍ତମାନର ସରକାର ତତ୍ପରତା ଦେଇଖାଇଛନ୍ତି। ଆଜି ସାମାଜିକ ପ୍ରଭାବ ମୂଲ୍ୟାୟନ ନିମନ୍ତେ ସର୍ବକ୍ଷେଣ ଆରମ୍ଭ ହୋଇଛି। ଢେଙ୍କାନାଳ ଅଇରାସ୍ଥିତ ଅରୁଣ ଇନ୍ଷ୍ଟିଚ୍ୟୁଟ ଅଫ ରୁରାଲ ଏଫେୟର୍ସ ପକ୍ଷରୁ ଆକଳନ ପାଇଁ ଏକ ୬ ଜଣିଆ ଟିମ୍ ମନୋରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଆସିଛନ୍ତି। ଏହି ଟିମ୍ ଆଜି ପ୍ରସ୍ତାବିତ ବାଇପାସ୍ ରାସ୍ତା ନିମନ୍ତେ ହେବାକୁଥିବା ଭୂମି ଅଧିଗ୍ରହଣ କ୍ଷେତ୍ର ଯାଜପୁର-ପୁଡଣୀ ଅଞ୍ଚଳରେ ପହଞ୍ଚି ଆକଳନ ଆରମ୍ଭ କରିଛନ୍ତି। ସ୍ଥାନୀୟ ବେସରକାରୀ ଜମିମାଲିକ ତଥା ଜାଗା ମାଲିକଙ୍କ ସହ ମିଶି ତଥ୍ୟ ସଂଗହ କରୁଛନ୍ତି। ଏହି ସାମାଜିକ ପ୍ରଭାବ ଆକଳନ ୭ ଗୋଟି ମୌଜାରେ ହେବ। ଗୋଷାଣି ବ୍ଲକ କତଳକଇଠା ପଞ୍ଚାୟତ ଯାଜପୁର-ପୁଡଣୀ ଛକ ଠାରୁ ରାଣୀପେଣ୍ଠ ରାସ୍ତା ପର୍ଯ୍ୟନ୍ତ ୪.୨୭୭ କିଲୋମିଟର ପାରଳାଖେମୁଣ୍ଡି ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ୫ ଏବଂ ଗୁମ୍ମା ତହସିଲ ଅନ୍ତର୍ଗତ ୨ ମୌଜାରେ ମୋଟ ୩୩.୪୩୦ ଘରୋଇ ଜମି ନିମନ୍ତେ ସାମାଜିକ ପ୍ରଭାବ ଆକଳନ ହେବ। ୩୦ ପଦକ୍ଷେପକୁ ନେଇ ସର୍ବେକ୍ଷଣ କରାଯିବା ସହ ରାସ୍ତା ନିର୍ମାଣ ହେବା ସମୟରେ ନିର୍ମାଣ ସାମଗ୍ରୀର ବ୍ୟବହାର ଏଥି ପାଇଁ ନେବାଆଣିବା କରିବାକୁ ଥିବା ବିଭିନ୍ନ ଯନ୍ତ୍ରାଂଶ ଦ୍ୱାରା ପ୍ରଦୁଷଣ ଯେପରି ନଉପୁଜିବ ସେନେଇ ମଧ୍ୟ ଆଲୋଚନା ହେବ। ଏହାପରେ ଗ୍ରାମସଭା ଏବଂ ସେଥିରେ ଯେଉଁ ନିଷ୍ପତ୍ତି ଏବଂ ତଥ୍ୟ ଗୁଡିକୁ ସଂଗ୍ରହ କରାଯିବ। ଏପରି ପ୍ରକ୍ରିୟା ଦୁଇମାସ ମଧ୍ୟରେ ସରିବ ଏବଂ ଏହାର ବିସ୍ତୃତ ତଥ୍ୟ ଗଜପତି ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରାଯିବ। ଏସବୁ ୬ ମାସ ମଧ୍ୟରେ ସରିବା ପରେ ରାସ୍ତାନିର୍ମାଣ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏନେଇ ୬ ଜଣିଆ ଟିମ୍‌ର ମୁଖ୍ୟ ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ଆଜି ଯେଉଁ ସବୁ ଲୋକଙ୍କୁ ମିଶିଛୁ ସମସ୍ତେ ବାଇପାସ୍ ରାସ୍ତା ନିମନ୍ତେ ଉତ୍ସାହ ଅଛନ୍ତି। ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀଙ୍କ ପରାମର୍ଶ, ପ୍ରଭାବିତ ବ୍ୟକ୍ତିଙ୍କ ସାମୂହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୂଡାନ୍ତ ରିପୋର୍ଟରେ ସ୍ଥାନିତ ହେବ। ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ପ୍ରକ୍ରିୟା ନିମନ୍ତେ ଓଡ଼ିଶା ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ ୨୦୧୬ ର ନିୟମ-୧୪ ଅନୁଯାୟୀ ହେବ। ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସ ଠାରୁ ୬୦ ଦିନ ମଧ୍ୟରେ ସାମାଜିକ ପ୍ରଭାବ ମୂଲ୍ୟାଙ୍କନ ସର୍ବେକ୍ଷଣ ସମାପନ କରାଯିବ।

ସୂଚନାଯୋଗ୍ୟ ଯେ, ପାରଳାଖେମୁଣ୍ଡି ସହରରେ ଯାନବାହନ ସଂଖ୍ୟା ବୃଦ୍ଧି ଓ ତତ୍‌ଜନିତ ଦୁର୍ଘଟଣା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରରେ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ୧୯୮୭ ମସିହାରେ ପରିକଳ୍ପନା କରାଯାଇଥିଲା। ବର୍ତ୍ତମାନ ବାଇପାସ୍ ନିର୍ମାଣ ସକାଶେ ୪୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। କାହାର ମାଲିକାନାରୁ କେତେ ଜମି ସରକାର ଅଧିଗ୍ରହଣ କରିବେ ସେ ନେଇ ସର୍ବିଶେଷ ତଥ୍ୟ ବିଜ୍ଞପ୍ତି ମାଧ୍ୟମରେ ଜଣାଇବେ। ସେଥିପାଇଁ ପୂର୍ବରୁ ସର୍ଭେ ସରିଥିବା ବେଳେ ଜମିର ଧାର୍ଯ୍ୟ ମୂଲ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟ ସକାଶେ ପୂର୍ବରୁ ଗଠିତ କମିଟି ଆଧାରରେ କାର୍ଯ୍ୟ ସମ୍ପନ୍ନ ହୋଇଛି। ପୁଡଣୀ ଛକ ଠାରୁ ରାଣୀପେଣ୍ଠ ରାସ୍ତା ପର୍ଯ୍ୟନ୍ତ ୪.୨୭୭ କିଲୋମିଟର ରାସ୍ତା ସକାଶେ ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ୫ ମୌଜା ଓ ଗୁମ୍ମା ତହସିଲ ଅନ୍ତର୍ଗତ ଦୁଇଟି ମୌଜାର ୩୩. ୪୩୦ ଏକର ଘରୋଇ ଜମି ଅଧିଗ୍ରହଣ ହେବ। ସେଥିରେ ୧୮ ଏକର ସରକାରୀ ଜମି ରହିଛି। ଏହି ବାଇପାସ୍ ରାସ୍ତା ନିର୍ମାଣ ହେଲେ ସହରର ଟ୍ରାଫିକ୍ ସମସ୍ୟା ଦୂର ହେବା ସହ ସହର ବିକାଶରେ ଏହା ସହାୟକ ହେବ। ଛଜଣିଆ ସର୍ବେକ୍ଷଣ ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଜଗମୋହନ ଦେବତା, ଜଗଦୀଶ ଦାସ, ଶରତ ପ୍ରଧାନ, ଈଶ୍ୱର ବେହେରା, ଶିବ ପ୍ରସାଦ ନାୟକଙ୍କ ସମେତ ରାଜସ୍ୱ ଓ ପୂର୍ତ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସର୍ବକ୍ଷେଣ ଆରମ୍ଭ ହୋଇଥିବା ଏବଂ ବାଇପାସ୍ ରାସ୍ତା ନିର୍ମାଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବାକୁ ନେଇ ପାରଳାଖେମୁଣ୍ଡି ସହରାଞ୍ଚଳବାସୀ ରାଜ୍ୟସରକାରୀ, ସ୍ଥାନୀୟ ବିଧାୟକ, ଜିଲ୍ଲାପ୍ରଶାସନ ଏବଂ ପୂର୍ତ୍ତବିଭାଗକୁ ସାଧୁବାଦ ଜଣାଇଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ; ୨ ଆହତ

ପାରଳାଖେମୁଣ୍ଡି, ୧୦।୧୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ କତଳକଇଠା ଗ୍ରାମ ନିକଟରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଏଥିରେ ବସିଥିବା ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି। ବୁଧବାର ଅପରାହ୍ନରେ ପାରଳାଖେମୁଣ୍ଡି ସହରର ସୌରାଖଞ୍ଜା ସାହିର ଭେଙ୍କଟରାବଣା ନାମକ ଜଣେ ଟ୍ରକ୍ ଚାଳକ ଟ୍ରକଟିକୁ କତଳକଇଠା ଗ୍ରାମରେ ଥିବା ମାଲିକଙ୍କ ନିକଟରେ ରଖି ବାଇକ ଯୋଗେ ୨ ଜଣଙ୍କୁ ବସାଇ ପାରଳାଖେମୁଣ୍ଡି ଫେରୁଥିଲେ। ହେଲେ କତଳକଇଠା ଗ୍ରାମ ଅତିକ୍ରମ କରିବା ପରେ ଏକ ବୁଲାଣିରେ ବିପରିତ ଦିଗରୁ ଆସୁଥିବା ଟ୍ରକକୁ ସାଇଡ୍ ଦେବାକୁ ଯାଇ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ବାଇକ୍ ପିଟି ହୋଇଥିଲା। ଏଥିରେ ଭେଙ୍କଟରାବଣା ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ବାଇକରେ ବସିଥିବା ଅନ୍ୟ ୨ ଜଣ ସାମାନ୍ୟ ଆହତ ହୋଇଥିଲେ। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ୧୨ରୁ ଦାବିହୀନ ଜମା ରାଶି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୦।୧୨(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଅଗ୍ରଣୀ ବ୍ୟାଙ୍କ ପକ୍ଷରୁ ଆସନ୍ତା ୧୨ ତାରିଖରେ ସ୍ଥାନୀୟ ଟାଉନ୍‌ହଲ୍‌ରେ ଦାବିହୀନ ଜମାରାଶି ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ଦାବିହୀନ ଖାତା ସମ୍ବନ୍ଧୀୟ ସବିଶେଷ ସୂଚନା ପ୍ରଦାନ କରାଯିବ। ଜିଲ୍ଲାର ସମସ୍ତ ଜନସାଧାରଣ ନିଜ ପୁଞ୍ଜି ଉପରେ ପୂର୍ଣ୍ଣ ଅଧିକାର ସାବ୍ୟସ୍ତକୁ ସଫଳ କରିବା ପାଇଁ ଗଜପତି ଜିଲ୍ଲାର ସମସ୍ତ ବ୍ୟାଙ୍କ ଏବଂ ଜୀବନ ବୀମା ସଂସ୍ଥା ମିଶି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଥିବା ସୂଚନା, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ମହେଶ୍ୱର ମଣ୍ଡଳ କହିଛନ୍ତି।

## ରାଇକିଆ ପୂର୍ବ ସୈନିକ ସଂଘର ବାର୍ଷିକ ଉତ୍ସବ




ରାଇକିଆ, ୧୦।୧୨(ସମିସ): ରାଇକିଆ ପୂର୍ବତନ ସୈନିକ ସଂଘ ତରଫରୁ ବୁଧବାର ଦ୍ୱିତୀୟବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅମର ଯବାନଙ୍କ ସ୍ମୃତିସ୍ତମ୍ଭରେ ଅତିଥି ବୃନ୍ଦ, ପୂର୍ବତନ ସେନା କର୍ମଚାରୀଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂଘ ସଭାପତି ଲଳିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ, ଦଡିଙ୍ଗିଆ ସମିତିସଭ୍ୟ ପ୍ରଦୀପ ପ୍ରଧାନ, କୁଇ ସମାଜ ସଭାପତି ଭାସ୍କର ପ୍ରଧାନ, ପୁଲିସ ସବଇନ୍ସପେକ୍ଟର ମିଶ୍ର, ପୂର୍ବତନ ପୁଲିସ ଅଧିକାରୀ ଦିଲୀପ ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ପେଟାପାଙ୍ଗା ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ, ଦଡିଙ୍ଗିଆ ସରପଞ୍ଚ ଅଶୋକ ପ୍ରଧାନ ଓ ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ ଯୋଗ ଦେଇ ଥିଲେ। ଯୁବପିଢ଼ିଙ୍କୁ ସେନା ଓ ପୁଲିସରେ ଯୋଗ ଦେଇ ଦେଶ ସେବା ପାଇଁ ଉତ୍ସାହିତ କରିବା, ସୈନିକ ପରିବାରଙ୍କୁ ସହଯୋଗ, ସମାଜରେ ସଂସ୍କାର ମୂଳକ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ସଂଘ କାର୍ଯ୍ୟ କରୁଥିବା ବେଳେ ସଂଘର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ମଧ୍ୟ ସଂଘ ସଭାପତି ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥିଙ୍କ ସମେତ ସୈନିକ ପରିବାର ସଦସ୍ୟ ଯୋଗ ଦେଇଥିଲେ।

## ବାବାସାହେବ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ନୂଆଗଡ଼, ୧୦।୧୨(ସମିସ): ଗଜପତି ଜିଲ୍ଲା ନୂଆଗାଡ଼ ବ୍ଲକ ଅନ୍ତର୍ଗତ ବାବା ସାହେବ ଆମ୍ବେଦକର ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟନ ହୋଇଯାଇଛି। ପ୍ରଥମ ଦିନରେ ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ପତାକା ଉତ୍ତୋଳନ ଏବଂ ମଶାଲ ପ୍ରଜ୍ୱଳନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ବହୁସଂଖ୍ୟକ କ୍ରୀଡ଼ା ପ୍ରେମୀ ଛାତ୍ରଛାତ୍ରୀ ସାମିଲ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଲଗା ଅଲଗା ଭାବେ କବାଡି, କ୍ରିକେଟ, ୧୦୦, ୨୦୦ ମିଟର ଦୌଡ଼ି ପ୍ରତିଯୋଗିତା ହୋଇଥିଲା। ଗୁରୁବାର ଦିନ ଉଦଯାପନୀ ଉତ୍ସବରେ ବିଜେତା ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

### ● ଗାଜଲବାଡ଼ି ଘାଟି ସମ୍ପ୍ରସାରଣ ବିଳମ୍ବ

## ୧୭ରେ ୧୨ ଘଣ୍ଟିଆ ବନ୍ଦ



ଦାରିଙ୍ଗବାଡି, ୧୦।୧୨(ସମିସ): ଗୋପାଳପୁରରୁ ରାଇପୁରକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ଗାଜଲବାଡି ଘାଟିର ସମ୍ପ୍ରସାରଣ ବିଳମ୍ବକୁ ନେଇ ଆସନ୍ତା ୧୭ରେ ୧୨ ଘଣ୍ଟିଆ ବନ୍ଦ ପାଳନ କରିବାକୁ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନିରେ କୁହାଯାଇଛି। ଏହାକୁ ଦାରିଙ୍ଗବାଡ଼ି ଅଞ୍ଚଳର ବିଭିନ୍ନ ସଂଗଠନ ଏବଂ ଅଞ୍ଚଳବାସୀ ସମର୍ଥନ ଜଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ। ଏହି ଅବସରରେ ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ପ୍ରଧାନ, ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ପ୍ରଧାନ, ଦୀପକ କୁମାର ସାହୁ, ସୁରେଶ ସାହୁ, ସନ୍ତୋଷ ବିଶୋଇ, ସରୋଜ ସାହୁ, ଲଡ୍ଡୁ କିଶୋର ସାହୁ, ସୁନିଲ ପ୍ରଧାନ, ମନୋଜ ପ୍ରଧାନ, ରାଜୁ ପ୍ରଧାନ ଓ ରାଜେଶ ନାୟକ ଉପସ୍ଥିତ ଥିଲେ। ଉକ୍ତ ରାସ୍ତାରେ ଯାତାୟାତ ସମସ୍ୟା ବିଭିନ୍ନ ସମୟରେ ସୃଷ୍ଟି ହୋଇଛି। ରାସ୍ତା ଅଣଓସାରିଆ ଥିବାରୁ ପର୍ଯ୍ୟଟକଙ୍କ ସମେତ ବହୁ ଲୋକେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଥିବା ନଜିର ରହିଛି। ସରକାରଙ୍କ ପକ୍ଷରୁ ରାସ୍ତା ସମ୍ପ୍ରସାରଣ ପାଇଁ ଘୋଷଣା ହୋଇଛି। ହେଲେ ଆଜି ଯାଏ କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ଏହାର ପ୍ରତିବାଦରେ ଆସନ୍ତା ୧୭ରେ ବଡ଼ଧରଣର ଆନ୍ଦୋଳନ କରି ସକାଳ ୬ଟାରୁ ସନ୍ଧ୍ୟା ୬ ଟା ଯାଏ ୧୨ ଘଣ୍ଟିଆ ଅଖଚକ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଉପବାଚସ୍ପତି ସାଲୁଗା ପ୍ରଧାନ ସୂଚନା ଦେଇଛନ୍ତି।

## ବଡ଼ଦିନ ପାଇଁ ଫୁଲବାଣୀରେ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ



ଫୁଲବାଣୀ/ଫିରିଙ୍ଗିଆ, ୧୦।୧୨(ସମିସ): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ) ରେ ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବଡଦିନ ଓ ଇଂରାଜୀ ନବବର୍ଷ ସମୟରେ ଜିଲ୍ଲାରେ ଶାନ୍ତି, ସଦଭାବ ଓ ଶୃଙ୍ଖଳା ରକ୍ଷା ନିମନ୍ତେ ବିଭିନ୍ନ ପ୍ରସ୍ତୁତି ଓ ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ଧାର୍ମିକ ସଂଗଠନଙ୍କ ପ୍ରତିନିଧି ବଡଦିନ ପାଳନ ସମୟରେ ହେଉଥିବା ସମସ୍ୟା ଓ ଆବଶ୍ୟକ ସୁବିଧା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଜିଲ୍ଲାପାଳ ଏହାର ସମାଧାନ ଓ ସମସ୍ତଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟିର ଆଶ୍ୱସନ ଦେଇଥିଲେ। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ହରିଶ ବି. ସି., ଅତିରିକ୍ତ ଜିଲ୍ଲାପାଳ ରମେଶଚନ୍ଦ୍ର ଜେନା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣିତା ଦାସ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ବାଲିଗୁଡା ଉପଖଣ୍ଡ ପୁଲିସ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲ୍ଲାର ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ଧାର୍ମିକ ସଂଗଠନର ପ୍ରମୁଖ, ଲୋକପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ଆଶା ବ୍ୟକ୍ତ କରିଛି ଯେ ସମସ୍ତଙ୍କ ମଧ୍ୟରେ ସହଯୋଗ ଓ ସଦଭାବ ରହିଥିଲେ ଆସନ୍ତା ପର୍ବଗୁଡିକ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ ହେବେ।

## ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଫିରିଙ୍ଗିଆ, ୧୦।୧୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ କୁମାରୀ ପୁନମଙ୍କ ଅଧ୍ୟକ୍ଷତାରେ ଦୁଇଦିନ ଧରି ଫିରିଙ୍ଗିଆ ମିନି ଷ୍ଟାଡିୟମରେ ଏହି ଉତ୍ସବ ହୋଇଥିଲା। ଉଦଘାଟଦ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଉଦଯାପନ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଶେଷରେ ପୁରସ୍କାର ବିତରଣ କରିଥିଲେ। ଦୁଇଦିନ ଧରି ବିଦ୍ୟାଳୟରେ ଅଧ୍ୟୟନ ରତ ପ୍ରାୟ ଚାରିଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରତିଯୋଗିତାର ବିଭିନ୍ନ କ୍ରୀଡ଼ା ରେ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ଖେଳଶିକ୍ଷକ ବାସୁଦେବ ସାହାଣୀଙ୍କ ସହ ନୁଆପଦର ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ ଗୌରଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସ୍ମିତା ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକ୍ରମ ମଲିକ, ବ୍ଲକ ମୁଖ୍ୟାଳୟ ସାଧନ କର୍ମୀ ରାଜେଶ କୁମାର ନାୟକ ସହ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଯୋଗ ଦେଇଥିଲେ।

### ● ନା ଶୁଖୁଛି ଲୁହ, ନା ଫେରୁଛି ଝିଅ

## ଆଜି ବି ଫେରିବା ବାଟକୁ ଚାହିଁ ବସିଛି ମା'



ବାଲିଗୁଡ଼ା, ୧୦।୧୨(ସମିସ): ନିଖୋଜ ଝିଅର ଫେରିବା ବାଟକୁ ଅନେଇ ବସିଛି ଜନ୍ମ କଲା ମା। ଦୁଇ ବର୍ଷରୁ ଅଧିକ ହେବ ଝିଅର ଖବର ନ ପାଇ ଝୁରିଝୁରି କାନ୍ଦୁଛି ମା'। ଏହିଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ସଲାଗୁଡା ପଞ୍ଚାୟତର ପୁନିନାଟ ଗାଁରେ। ରାଇକିଆ ମହାବିଦ୍ୟାଳୟରେ ଯୁକ୍ତ ଦୁଇରେ ଅଧ୍ୟୟନ କରୁଥିଲେ ନନ୍ଦିନୀ ଦିଗାଲ। ଗତ ୨୦୨୩ ମେ ୫ତାରିଖରେ ନିଜ ଗାଁରୁ ନିଖୋଜ ହୋଇଯାଇଥିଲେ ନନ୍ଦିନୀ। ପୁଣି ଏ ସମ୍ପର୍କରେ ପ୍ରଥମେ ରାଇକିଆ ଥାନା, ବାଲିଗୁଡା ଥାନା ଓ କନ୍ଧମାଳ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ପରିବାର। ହେଲେ ଆଜି ପର୍ଯ୍ୟନ୍ତ ଝିଅର ଖବର ନ ପାଇ ଭାଙ୍ଗି ପଡ଼ିଛନ୍ତି ପରିବାର ଲୋକେ। ଝିଅର ବାପାଙ୍କ ୨୦୦୭ ମସିହାରେ ମୃତ୍ୟୁ ହୋଇଥିଲା। ବହୁ କଷ୍ଟରେ ନିଜ ମା ଓ ଆଇ ଝିଅକୁ ବଡ଼ କରିଥିଲେ ଆଉ ପାଠ ପଢ଼ାଉଥିଲେ। ସମସ୍ତଙ୍କୁ ଗୁହାରି କଲା ପରେ ମଧ୍ୟ ନିଜ ଜିନ୍ମକଲା ମା' ଝିଅର ଖବର ନ ପାଇ ବହୁ କଷ୍ଟରେ ଜୀବନ ବିତାଉଛି। ଝିଅ ବଞ୍ଚିଛି ନା ନାହିଁ ସେ କଥା ମଧ୍ୟ ମା' ଜାଣିପାରୁନି। ପରିବାର ଲୋକେ ପୁଣି ଥରେ ସ୍ଥାନୀୟ ପ୍ରଶାସନ ଓ ପୁଲିସକୁ ନିବେଦନ କରି ଝିଅକୁ ଖୋଜି ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି।

### 'ବେଟି ବଚାଅ ବେଟି ପଢ଼ାଓ'

## ଅନଲାଇନ୍ ସୁରକ୍ଷା ଏବଂ ସାଇବର ନିର୍ଯାତନା ସଚେତନତା କର୍ମଶାଳା




ପାରଳାଖେମୁଣ୍ଡି, ୧୦।୧୨(ସମିସ)

ଗଜପତି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ-୪ରେ 'ବେଟି ବଚାଅ ବେଟି ପଢ଼ାଓ' ଜିଲ୍ଲାସ୍ତରୀୟ ଅନଲାଇନ୍ ସୁରକ୍ଷା ଏବଂ ସାଇବର ନିର୍ଯାତନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଆଦର୍ଶ ଥାନ ଅଧିକାରୀ ପ୍ରଶାନ୍ତ କୁମାର ଭୂପତି, ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରୀପାଠୀ, ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ସଞ୍ଜୀବ ପାଢ଼ୀ ଓ ବନ୍ଧନ ବ୍ୟାଙ୍କ ଶାଖା ପରିଚାଳକ ଗୋପାଳ ପାଢ଼ୀ ମଞ୍ଚାସିନ ଥିଲେ। ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା କେବଳ ପୁଲିସ ବିଭାଗର ନୁହେଁ ବରଂ ଆମ ସମସ୍ତଙ୍କ ଦାୟିତ୍ୱ। ନିଜେ ସତର୍କ ରହିବା ସହିତ ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ଉପଯୁକ୍ତ ଭାବେ ସଚେତନ କରିପାରିଲେ ସାଇବର ଠକେଇରୁ ସୁରକ୍ଷା ମିଳିବ ବୋଲି ଏସପି କହିଥିଲେ। ସମାଜରେ ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ ଏହାର ମୂଳ ଲକ୍ଷ୍ୟ, ଯେମିତି କି ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟ ର ଶିକାର ନହେବା, ଗୋପନ ଭିଡ଼ିଓ ଦେଖାଇ ସାଇବର ଅପରାଧର ଶିକାର କରାଇବା, ଅଭିଭାବକ ଓ ଶିକ୍ଷକମାନଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ଚାକିରି ଆଶାୟୀ ଯୁବପିଢିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଣ୍ଟ ଓ ସିମ ବିକ୍ରି, ଭୟ ଦେଖାଇ ଯୌନ ଶୋଷଣ କରିବା, ମହିଳା ଓ କିଶୋରୀ ମାନଙ୍କୁ ନକଲି କଲ୍ ଜରିଆରେ ଯୌନ ଶୋଷଣ, ସ୍ମାର୍ଟ ଫୋନ ବ୍ୟବହାରକାରୀ ଲୋକଙ୍କୁ ୟୁପିଆଇ, ଓଟିପିର ସଠିକ ଉପଯୋଗ, ଫେକ କଲ୍ ବାବଦରେ ଜ୍ଞାନ ଦେବା, ବରିଷ୍ଠ ନାଗରିକ ମାନଙ୍କୁ ନିରାପଦ ବ୍ୟାଙ୍କିଂ କାରବାର ଓ ଆର୍ଥିକ ଠକେଇରୁ ବର୍ତ୍ତିବା ପାଇଁ ସତର୍କ କରିବା ସମ୍ବନ୍ଧରେ ସଚେତନ କରାଯାଇଛି। ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିବା ବେଳେ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମହିଳା ସୁରକ୍ଷା ପ୍ରୋଗ୍ରାମ ଅଧିକାରୀ ସାରଳା ପତ୍ର ପରିଚାଳନା କରିଥିଲେ।

## ଧାନକ୍ରୟ ସହ ମଣ୍ଡି ଖୋଲିବାକୁ ପ୍ରସ୍ତୁତି




ଆସିକା,୧୦।୧୨(ସମିସ): ବୁଧବାର ଦିନ ଆସିକା ବ୍ଲକ ସଭାଗୃହ ପରିସରରେ ବ୍ଲକର ୨୭ଟି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଚାଷୀ ମାନଙ୍କ ଠାରୁ ଚାଷୀ ମାନଙ୍କ ଧାନ କିଭଳି ସରକାରଙ୍କ ଧାର୍ଯ୍ୟ ରେଟରେ ଧାନ ମଣ୍ଡିକୁ କ୍ରୟ କରାଯିବ ସେନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସିକା ତହସିଲଦାର ସଂଗୀତା ସେଣଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସିନ ଥିଲେ ଏବିଡ଼ିଓ ସୁଶାନ୍ତ କୁମାର ବେହେରା, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳ ବେହେରା, ଅତିରିକ୍ତ ତହସିଲଦାର ଅମରେଶ ସାବତ, ଅତିରିକ୍ତ ଏଆରସିଏସ ନୃସିଂହ ପ୍ରସାଦ ପଣ୍ଡାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ମଧ ଆସିକା ବ୍ଲକରେ ୮୩୬୬ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରି ପାଇଁ ସରକାରଙ୍କ ନିୟମାବଳୀ ଅନୁଯାଇ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ପୂର୍ବବର୍ଷ ଭଳି ୧୮ ଗୋଟି ପ୍ରାଥମିକ ସେବା ସମିତି, ୧୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଶାଇ ମୋଟ ୩୨ଟି ଅନୁଷ୍ଠାନରେ ଚାଷୀଙ୍କ ଧାନ ରଖାଯିବା ନିମନ୍ତେ ବୈଠକରେ ସ୍ଥିର ହୋଇଛି। ବୈଠକରେ ବିଭିନ୍ନ ପ୍ରାଥମିକ ସେବା ସମିତିର ସମ୍ପାଦକ, ମହିଳା ଗୋଷ୍ଠୀର ସଭାପତି ଓ ସମ୍ପାଦିକା ଏବଂ କିଛି ମିଲର ମଧ ଏହି ବୈଠକରେ ସାମିଲ ଥିଲେ।

## ମହିଳା ମହାବିଦ୍ୟାଳୟରେ ଇତିହାସ ଆଲୋଚନାଚକ୍ର



ସୋରଡ଼ା,୧୦।୧୨(ସମିସ): ସ୍ଥାନୀୟ କେଶବ ପଣ୍ଡା ସ୍ନାତକ ମହିଳା ମହାବିଦ୍ୟାଳୟରେ ଇତିହାସ ବିଭାଗର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡଃ ଶ୍ୟାମା ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଡ଼ଃ ଶିବ ପ୍ରସାଦ ଦାସ ଯୋଗ ଦେଇ ଋଷ ବିପ୍ଳବ ଉପରେ ଆଲୋଚନା କରାଯାଇଛି। ଯୁକ୍ତ ତିନି ଶେଷ ବର୍ଷ ଛାତ୍ରୀ ସନ୍ଧ୍ୟାରାଣୀ ପଣ୍ଡା ସହ ଯୁକ୍ତ ତିନିର ଦ୍ୱିତୀୟ ବର୍ଷ ଛାତ୍ରୀ ଦୀପିକା ବେହେରା ଋଷ ବିପ୍ଳବ ବିଷୟରେ ନିଜର ସନ୍ଦର୍ଭ ପରିକଳ୍ପନା କରିଥିଲେ। କଲେଜର ଅଧକ୍ଷା ପ୍ରୀୟସିତା ପଣ୍ଡା, କଲେଜ ଟ୍ରଷ୍ଟି କେଶବ ଚନ୍ଦ୍ର ପଣ୍ଡା, ଇତିହାସ ଅଧ୍ୟାପିକା ମାନସୀ କୁମାରୀ ପଣ୍ଡା, ସାହିତ୍ୟ ଅଧ୍ୟାପିକା ସୁପ୍ରଭା ସେଠି, ଶିକ୍ଷା ବିଭାଗ ଅଧ୍ୟାପିକା ଜ୍ୟୋତ୍ସ୍ନା ରାଣୀ ପାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧ୍ୟାପିକା ସ୍ନିଗ୍ଧା ରାଣୀ ପଣ୍ଡା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ମାରଦା ମହିମା ପ୍ରଚାର ସମିତିର ପ୍ରସ୍ତୁତି

ପୋଲସରା,୧୦।୧୨(ସମିସ): ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରର ସଂପୂର୍ଣ୍ଣ ବିକାଶ ତଥା ୨୯୩ ତମ ମାରଦା ପ୍ରତିଷ୍ଠା ଦିବସ ପାଳନ କରାଯିବା ନିମନ୍ତେ ପୋଲସରା ଲୁଣିଘାଟି ଠାରେ ମାରଦା ମହିମା ପ୍ରଚାର ସମିତି ସଭାପତି ଶ୍ୟାମସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମିତିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହମତି କ୍ରମେ ଆଗାମୀ ଡିସେମ୍ବର ୨୯ ତାରିଖରେ ମାରଦା ମନ୍ଦିର ଅରୁଣସ୍ତମ୍ଭ ପାଶ୍ୱର୍ରେ ଗାୟତ୍ରୀ ପରିବାର ପକ୍ଷରୁ ଏକ କୁଣ୍ଡୀୟ ଯଜ୍ଞ ଅନୁଷ୍ଠାନ ହେବ। ଏତ ବ୍ୟତିତ ୧୦୦୮ ପ୍ରଦୀପ ପ୍ରଜ୍ୱଳନ, ନାମ ସଂକୀର୍ତ୍ତନ ସହିତ ମନ୍ଦିର ପରିକ୍ରମା ଭଳି ଅନେକ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଦୀର୍ଘଦିନ ଧରି ମାରଦା ମନ୍ଦିର ନିକଟସ୍ଥ ମାଁ ବିମଳାଙ୍କ ମନ୍ଦିର ରକ୍ଷଣାବେକ୍ଷଣ ସହିତ ତାର ଉନ୍ନତି ସମ୍ବନ୍ଧେ ମାରଦା ପରିଚାଳନା କମିଟିର ଧ୍ୟାନ ଆକର୍ଷଣ କରାଯିବ। ବୈଠକରେ ଆବାହକ ଅଧ୍ୟାପକ ଦେବାଶିଷ ସ୍ୱାଇଁ, ସଂଯୋଜକ ଅଧ୍ୟାପକ ମନୋଜ କୁମାର ସାହୁ, ସାଙ୍ଗଠନିକ ସମ୍ପାଦକ ପବିତ୍ର କୁମାର ନାୟକ, ଗଣମାଧ୍ୟମ ପ୍ରତିନିଧି ମନୋଜ କୁମାର ଘଡେଇ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ କୁଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଟିକାବାଲି,୧୦।୧୨(ସମିସ): ଟିକାବାଲି ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କର ଆଜି ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ସମସ୍ତଙ୍କ ପାଇଁ ପ୍ରେରଣା ଥିଲେ। ତାଙ୍କ ମରଶରୀରକୁ ଟିକାବାଲିସ୍ଥିତ ବାସଭବନକୁ ଅଣାଯିବା ପରେ ବହୁ ଶୁଭେଚ୍ଛୁ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଶେଷ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

# ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ ଘରେ ଚଢ଼ଉ

କବିସୂର୍ଯ୍ୟନଗର,୨୦।୧୨(ସମିସ):



କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ଗୌଡ଼ ସାହିରେ ବୁଧବାର କନ୍ଧମାଳ ପୁଲିସ ପକ୍ଷରୁ ବଡ଼ ଧରଣର ଚଢ଼ଉ ହୋଇଛି। ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ କରୁଥିବା ଆଠଗଡ଼ପାଟଣା ଗ୍ରାମର ଦିଲୀପ ଗୌଡ଼ଙ୍କ ଘରେ ହୋଇଥିଲା ଏହି ଚଢ଼ଉ। ୧୫ରୁ ଊର୍ଦ୍ଧ୍ୱ ଅଧିକାରୀ ଚଢ଼ଉରେ ସାମିଲ ଥିଲେ। ତିନିମାସ ପୂର୍ବେ କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ବେଳେ ପୁଲିସ ହାତରେ ଧରାପଡିଛି ଦିଲ୍ଲୀପ। ଘଟଣାରେ ପୁଲିସ ଛାନଭିନ ବେଳେ ଦିଲୀପଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା ସହ ସେ ବହୁ ବର୍ଷ ଧରି ଅନ୍ତଃରାଜ୍ୟ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ରହିଥିବା ଓ ଗଞ୍ଜେଇ ଚାଲାଣରେ ମାଷ୍ଟର ମାଇଣ୍ଡ ଥିବା ପ୍ରମାଣ ମିଳିଥିଲା। ଏହାକୁ ଭିତ୍ତିକରି ୬୮ ଏନଡିପିଏସ କେସ ଆଧାରରେ ପୁଲିସ ଦିଲୀପର ଗ୍ରାମରେ ରହିଥିବା ଘର ଏବଂ ସ୍ଥାବର ଅସ୍ଥାବର ସମ୍ପତିର ଯାଞ୍ଚ କରୁଛି। ପ୍ରମାଣ ଆଧାରରେ ସମସ୍ତ ସମ୍ପତି ଜବତ ହେବାନେଇ ପୁଲିସ ପକ୍ଷରୁ ସୂଚନା ରହିଛି। ପାଞ୍ଚରୁ ଦଶ ବର୍ଷ ମଧ୍ୟରେ ସୁନା, ଗାଡି, ଦୁଇ ମହଲା ଘର, ଟ୍ରକ ଆଦି ବେନିୟମ ସମ୍ପତ୍ତି ଠୁଳ କରିବାର ପ୍ରମାଣ ହାତକୁ ଲାଗିବା ସହ ଟିମ ଆହୁରି ଖୋଳତାଡ଼ କରୁଛି। ବାଲିଗୁଡ଼ା ଥାନାରେ ଏନ୍‌ଡିପିଏସ କେଶ ନଂ ୧୦୪/୨୦୨୪ ରହିଛି। ଚଢ଼ଉରେ ଏସପି, ଡିଜିପି ନିର୍ଦ୍ଦେଶ ଅନୁସାରେ ସ୍ଥାନୀୟ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ରବୀନ ଚର୍ଚ୍ଚିଲ ମିଶ୍ରଙ୍କ ଉପସ୍ଥିତିରେ ଚଢ଼ଉ ଜାରି ରହିଛି।

## ଆଠ ଏକର ଜମିରୁ ଗଞ୍ଜେଇ ଚାଷ ନଷ୍ଟ

ସୋରଡ଼ା,୧୦।୧୨(ସମିସ): ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଆସ୍କା ଏସଡିପିଓ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ବଡ଼ଗଡ଼ ଥାନାର ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କ ସହ କୋଟିନାଡ଼ା ଥାନାଧିକାରୀ, ସୋରଡ଼ା ଥାନାଧିକାରୀ ସୁନୀଲ କୁମାର ପ୍ରଧାନ, ମାଜିଷ୍ଟ୍ରେଟ ଭାବେ ଧରାକୋଟ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ତିନି ପ୍ଲାଟୁନ ପୁଲିସ ଓ ଅବକାରୀ ବିଭାଗ, ବନବିଭାଗର ଟିମ୍ ବଡଗଡ ଥାନା ସବା ପଞ୍ଚାୟତ ପଟ୍ଟଶାଳ ଓ କାଞ୍ଚିଆମ୍ବ ନିକଟ ଜଙ୍ଗଲ ଠାରେ ୮ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କା ହେବ।

## ଧନେଇ ଜଳଭଣ୍ଡାରରୁ ଜଳ ଯୋଗାଣ ନେଇ ବୈଠକ



ପୋଲସରା,୧୦।୧୨(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ଧନେଇ ଜଳଭଣ୍ଡାରରୁ ରବି ଫସଲ ପାଇଁ ପ୍ରଥମ ପର୍ଯ୍ୟାୟରେ ଜଳ ନିଷ୍କାସନ ପାଇଁ ଏକ ବୈଠକ କରାଯାଇଛି। ଚିରିକିପଡ଼ାଶାସନ ସ୍ଥିତ ବିଭାଗୀୟ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବରୁ ନିଷ୍ପତ୍ତି ପ୍ରକାରେ ଚାଷୀଙ୍କ ଆବଶ୍ୟକତାକୁ ନେଇ କେନାଲରେ ପାଣି ଛଡ଼ାଯିବା ଆଲୋଚନା ହୋଇଥିଲା। ପ୍ରଥମ ଜଳ ଯୋଗାଣ ନିମନ୍ତେ ଧନେଇ ଜଳ ସେଚନର ସହକାରୀ ଯନ୍ତ୍ରୀ ଇଂ ସଞ୍ଜିବ କୁମାର ପଣ୍ଡା ଉପସ୍ଥିତ ସମସ୍ତ ଚାଷୀଙ୍କ ସହଯୋଗ ଲୋଡିଥିଲେ। ଧନେଇ ଜଳଭଣ୍ଡାରରୁ କେନାଲରେ କୃଷି କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆବଶ୍ୟକତା ଓ ଜଳଭଣ୍ଡାରର ଗଚ୍ଛିତ ଜଳକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ଜଳ ଛାଡିବାକୁ ଏବଂ ବିଭିନ୍ନ ପାଣି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଅନାଧିକୃତ ଆଉଟଲେଟ ଗୁଡିକୁ ବନ୍ଦ କରି ସୁସମ ଜଳ ବଣ୍ଟନ କରାଯିବା ନେଇ ବିଭାଗୀୟ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ। ବର୍ତ୍ତମାନ୍ ଜର୍ମାନ ଟେକ୍ନୋଲୋଜି ଦ୍ୱାରା ଧନେଇ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ଆଉ ଏକ ମିଟର ବୃଦ୍ଧି କରାଯାଇଛି। ଯାହା ଫଳରେ ରବି ଫସଲ ନିମନ୍ତେ ଆବଶ୍ୟକ ପରିମାଣରେ ଜଳ ଯୋଗାଣ କରିବା ସମ୍ଭାବନା ଥିବା ସୂଚନା ମିଳିଛି। ଆସିକା ଚିନିକଳର କ୍ଷେତ୍ର ଅଧିକାରୀ କାମେଶ୍ୱର୍ ବେହେରା ଯୋଗଦେଇ ଆଖୁ ଚାଷ କରି ଅଧିକ ଲାଭବାନ ହେବାକୁ ଚାଷୀମାନଙ୍କୁ ବୁଝାଇ ଥିଲେ। ବୈଠକରେ କନିଷ୍ଠଯନ୍ତ୍ରୀ ଶ୍ରୀକାନ୍ତ ଗୌଡ, ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢ଼ୀ, ହରପ୍ରିୟା ବେହେରା, ସୁମନ ଶେଖର ସ୍ୱାମୀ, ସରପଞ୍ଚ ବସନ୍ତ କରଣ, ସୁରେନ୍ଦ୍ର ପ୍ରଧାନଙ୍କ ସମେତ ନିମିନା, ମଧୁପଲ୍ଲୀ, ଚିରିକିପଡ଼ା, ଭାବରଡ଼ା ସମେତ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ କୃଷକ ଯୋଗଦେଇଥିଲେ।

## ଓଲଟିଲା ଟ୍ରକ୍, ଅଳ୍ପକେ ବର୍ତ୍ତିଲେ ଚାଳକ

ଫିରିଙ୍ଗିଆ,୧୦।୧୨(ସମିସ): ଫିରିଙ୍ଗିଆ ବ୍ଲକ ଛକ ନିକଟ ବର ଗଛ ବୁଲାଣିରେ ଭାରସାମ୍ୟ ହରାଇ ଏକ ମକା ବୋଝେଇ ଟ୍ରକ ଓଲଟି ପଡିଥିଲା। ହେଲେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଟ୍ରକ ଭୁବନେଶ୍ୱରରୁ ଉମରକୋଟ ଯାଇଥିଲା। ଉମରକୋଟରୁ ମକା ଲୋଡ଼ କରି ଭୁବନେଶ୍ୱର ଫେରୁଥିବା ସମୟରେ ଫିରିଙ୍ଗିଆ ବ୍ଲକ ନିକଟ ବର ଗଛ ବୁଲାଣି ରାସ୍ତାରେ ସନ୍ଧ୍ୟାରେ ଚାଳକ ଭାରସାମ୍ୟ ହରାଇବରୁ ଟ୍ରକ ବାମ ପଟ ରାସ୍ତା କଡରେ ଓଲଟି ପଡିଥିଲା। ଡ୍ରାଇଭର ଗାଡି ଭିତରେ ଫସି ରହିଥିଲେ। ଘଟଣା ସ୍ଥଳରେ ଫିରିଙ୍ଗିଆ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଡ୍ରାଇଭରଙ୍କୁ ଗାଡିର କାଚ ଭାଙ୍ଗି ଉଦ୍ଧାର କରିଥିଲେ। ଟ୍ରକ ଡ୍ରାଇଭର ଙ୍କ ନାମ ଚନ୍ଦନ ବେହେରା ଏବଂ ଘର ଖୋର୍ଦ୍ଧା ଅଞ୍ଚଳରେ ବୋଲି ଜଣାପଡିଛି।

## କାରାଗାର ସ୍ଥାପନ ଦିବସ ପାଳିତ




ଛତ୍ରପୁର,୧୦।୧୨(ସମିସ): ଅନ୍ତର୍ଜାତୀୟ ମାନବ ଅଧିକାର ଦିବସରେ ରାଜ୍ୟରେ "କାରାଗାର ସ୍ଥାପନ ଦିବସ' ପାଳିତ ହେବାକୁ ନିଷ୍ପତ୍ତି ନିଆ ଯାଇଥିବାରୁ ଛତ୍ରପୁର ଉପକାରାଗାର ପରିସରରେ ମଧ ଏହି ଉତ୍ସବ ପାଳିତ ହୋଇଥିଲା। ଛତ୍ରପୁର ଉପ କାରାଗାରର ଅଧୀକ୍ଷିକ ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଦିବସ ସମ୍ପର୍କରେ ଆଲୋକ ପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଯୋଗଦେଇ ଅନ୍ତେବାସୀଙ୍କୁ ବିଭିନ୍ନ ଜ୍ଞାନଦେଇଥିଲେ, ଏନେଇ ଗତ ୫ ଦିନ ଧରି ଅନ୍ତେବାସୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ ହୋଇଥିଲା। କାର୍ଯ୍ୟକ୍ରମକୁ ଉପ କାରାଗାରର ସହକାରୀ ଅଧୀକ୍ଷିକ ଭାଗିରଥି ବେହେରା, ମୁଖ୍ୟ କାରାରକ୍ଷୀ ସରୋଜ କୁମାର ପାଢ଼ୀ, ଫାର୍ମାସିଷ୍ଟ ଦିବ୍ୟ ଭାସ୍କର ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପିକରଡ଼ିରେ ବିଶ୍ୱ ମାନବାଧିକାର ଦିବସ




ଟିକାବାଲି,୧୦।୧୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍ ପିକରଡ଼ି ପଞ୍ଚାୟତର ରୁଦାବିଦୁଙ୍ଗିଆ ଗ୍ରାମରେ ଆଜି ବିଶ୍ୱ ମାନବ ଅଧିକାର ଦିବସ ସ୍ଥାନୀୟ ଲୋକ ସଂଗଠନ ଜୀବିକା ସୁରକ୍ଷା ମଞ୍ଚ, କନ୍ଧମାଳ ଶାଖା ପକ୍ଷରୁ ଆୟୋଜିତ ହୋଇଥିଲା। ଟିକାବାଲି ବ୍ଲକ୍ ସଭାନେତ୍ରୀ ଉର୍ମିଳା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ମାନବ ଅଧିକାର ପ୍ରତି ସଚେତନତା ସୃଷ୍ଟି କରିବା ରହିଛି। ଜୀବିକା ସୁରକ୍ଷା ମଞ୍ଚ, ଟିକାବାଲି ବ୍ଲକ୍ ସଂଯୋଜକ ସଞ୍ଜୀବ ଦିଗାଲ୍ ମାନବିକ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜୀବିକା ସୁରକ୍ଷା ମଞ୍ଚର ଚିତ୍ତରଞ୍ଜନ ପ୍ରଧାନ, ଜନସାଥୀ ସୁନିତା ପ୍ରଧାନ, ପ୍ରଣୀତ ଦିଗାଲ, କମିଟି ସଦସ୍ୟା ରୀତା ପ୍ରଧାନ, କାମରାଣୀ ପ୍ରଧାନ, ଗାନ୍ଧାରୀ ମଳିକ, ନିତ୍ୟାନନ୍ଦ ପ୍ରଧାନ, ସୁବାଷ ପ୍ରଧାନ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ଅମଳ ଧାନ ସମ୍ପର୍କରେ ଚାଷୀଙ୍କ ସହ ବିଧାୟକଙ୍କ ଆଲୋଚନା



ପାରଳାଖେମୁଣ୍ଡି,୧୦।୧୨(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ କାଶୀନଗର ବ୍ଲକ୍ରାରଡା ଗ୍ରାମାଞ୍ଚଳ ଗସ୍ତ କରି ଚାଷୀଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ବିଶେଷ କରି ଅମଳ ଧାନ ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷ ଧାନ କିପରି ହୋଇଛି ସେ ସମ୍ପର୍କରେ ପଚାରିଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ଚାଷୀ ଅମଳ ଧାନ ନେଇ ବିଭିନ୍ନ ବିଷୟରେ କହିଥିବା ବେଳେ ଚଳିତ ବର୍ଷ ଧାର୍ଯ୍ୟ ତାରିଖରେ ଧାନ କିପରି ସରକାର କିଣିବେ ସେନେଇ ସୁବିଧା କରାଗଲେ ଉପକୃତ ହେବେ ବୋଲି ଜଣାଇଥିଲେ। ଚଳିତ ବିଧାନସଭାର ଶୀତ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଯାଇଛି ଏବଂ ଗଜପତି ଜିଲ୍ଲାର ଚାଷୀମାନଙ୍କ ଧାନ ମକର ସଂକ୍ରାନ୍ତି ପୂର୍ବରୁ କ୍ରୟ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବିଧାୟକ ଶ୍ରୀ ପାଣିଗ୍ରାହୀ ଚାଷୀଙ୍କୁ କହିଥିଲେ। ଏହା ସହ ଧାନ କ୍ରୟ ସମୟରେ ମଣ୍ଡିରେ କୌଣସି ସମସ୍ୟା ଉପୁଜିଲେ ଜଣାଇବା ପାଇଁ ଚାଷୀଙ୍କୁ ବିଧାୟକ କହିଥିଲେ।

## ରଟିଙ୍ଗିଆରେ ବିଶ୍ୱ ମାନବାଧିକାର ଦିବସ




ଜି.ଉଦୟଗିରି,୧୦।୧୨(ସମିସ): ଆତ୍ମଶକ୍ତି ଟ୍ରଷ୍ଟ, ଓଏସମ୍, ଏମଏସଏମଓ ଓ ଅନ୍ତରଙ୍ଗ ସହଯୋଗରେ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀ ସଂଗଠନ ସ୍ୱାକ ଓ ମହିଳା ଜୀବିକା ସୁରକ୍ଷା ମଞ୍ଚର ମିଳିତ ଆନକୂଲ୍ୟରେ ଆଜି ଜି.ଉଦୟଗିରି ବ୍ଲକ ରଟିଙ୍ଗିଆ ପଞ୍ଚାୟତରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ବିଷ୍ଣୁଦେବ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ୍ ମିତ୍ର ତରୁଲତା ଦିଗାଲ ଓ ଜିପିଏଲଏଫର ସମ୍ପାଦିକା, ସ୍ୱାକର ସଭାପତି ଆମନ ଚନ୍ଦ୍ର ନାୟକ, ସଦସ୍ୟା ଡି.ସବନମ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ, ଖାଦ୍ୟ, ବାସଗୃହ, ଜଳ, ବାକ ଇତ୍ୟାଦି ସହିତ ବଞ୍ଚିବାର ଅଧିକାର ମାନବର ଅଧିକାର ବୋଲି ଅତିଥିମାନେ ଅଭିଭାଷଣ ଦେଇଥିଲେ। ମହିଳା ଜୀବିକା ସୁରକ୍ଷା ମଞ୍ଚର ସଂଯୋଜିକା ସସ୍ମିତା ମଲ୍ଲିକ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱାକର ସମ୍ପାଦକ ହୃଷୀକେଶ ପ୍ରଧାନ ପରିଚାଳନା କରିଥିଲେ।

### ଅନ୍ତର୍ଜାତୀୟ ମାନବାଧିକାର ଦିବସ

# ଦିନକରେ ସୀମିତ ନ ରଖି ପରିବ୍ୟାପ୍ତ କରିବାକୁ ମତ







ଛତ୍ରପୁର,୧୦।୧୨(ସମିସ): ମାନବ ଅଧିକାର ମିଶନ ଗଞ୍ଜାମ ଜିଲ୍ଲା ସଭାପତି ଲୋକନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ପରିବେଶବିତ୍ ଅଜୟ କୁମାର ଦ୍ୱିବେଦୀ, ଶିକ୍ଷାବିତ୍ ଚନ୍ଦ୍ର ଶେଖର ସାହୁ, ଏପ୍‌ଏଫ୍‌ଆଇଟିୟୁର ରାଜ୍ୟ ସାଧାରଣ ସମ୍ପାଦକ ଶରତ କୁମାର ନାହାକ ଓ ମାନବ ଅଧିକାର ମିଶନର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ଯୋଗଦେଇ ମାନବ ଅଧିକାର ଦିବସକୁ ଗୋଟିଏ ଦିନର କାର୍ଯ୍ୟକ୍ରମରେ ସୀମିତ ନରଖି ଏହାକୁ ପରିବ୍ୟାପ୍ତ କରିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମାନବ ଅଧିକାର ମିଶନର ଜିଲ୍ଲା ଉପସଭାପତି ସୁଦାମ କୁମାର ସାହୁ ଓ ଅଶୋକ କୁମାର ବିଶ୍ୱାଳ, ଛତ୍ରପୁର ବ୍ଲକ ସାଙ୍ଗଠନିକ ସମ୍ପାଦକ ପିତାମ୍ବର ମହାରଣା ଓ ରବୀନ୍ଦ୍ର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ମଞ୍ଚକୁ ପ୍ରମୋଦ କୁମାର ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ

ସେହିପରି ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ପିଏନ୍‌ୟୁଏ କଲେଜ ପରିସରରେ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ପ୍ରଦୀପ କୁମାର ସାମଲ ଅଧ୍ୟକ୍ଷତା କରି ଆଜିର ଦିବସ ସମ୍ପର୍କରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏଥିରେ ସବ ଜଜ ପୂଜା ଦେ, ଏସଡିଜେଏମ ପ୍ରୀତିଶ କୁମାର ରଥ, ଜେଏମଏଫସି ସ୍ୱାଗତିକା ସ୍ୱାଇଁ, କମିଟିର ସଭ୍ୟ ମନୋଜ କୁମାର ପାଢ଼ୀ, ପିଏନ୍‌ୟୁଏ କଲେଜ ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ଦାଶ ଓ ଆଇନଜୀବୀ ବ୍ରଜ ମୋହନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**କୋଦଳା:** ବୁଧବାର ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ମାନବ ଅଧିକାର ଦିବସ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସପନ କୁମାର ଦାଶ ଆଜିର ଦିବସର ମହତ୍ୱ ବିଷୟରେ ଆଲୋଚନା କରିଥିଲେ ଅଧ୍ୟାପକ ଲିପୁନ ମାଝୀ, ଅଧ୍ୟାପିକା ତପସ୍ୱିନୀ କରଣ ମାନବ ଅଧିକାରର ଐତିହାସିକ ବିକାଶ ଉପରେ ଆଲୋଚନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି କୋଦଳା କୋର୍ଟରେ ମାନବିକ ଅଧିକାର ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ତଥା ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଚାରପତି ବିଶ୍ୱରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବିକ ଅଧିକାରର ଐତିହାସିକ ବିକାଶର ସମସ୍ତ ଦିଗ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଦେୱାନ ଅଦାଲତ ବିଚାରପତି ରେଖାରାଣୀ ପଣ୍ଡା ମାନବ ଅଧିକାରର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିବା ବେଳେ ଜେଏମଏଫସି ବିଚାରପତି ଶୋଭନ କୁମାର ପଣ୍ଡା ଆଜିର ଦିବସର ମହତ୍ୱ ବିଷୟରେ ଆଲୋଚନା କରିଥିଲେ। ଏପିପି ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ, ନୀଳାଞ୍ଚଳ ପୋଲାଇ, ସୁବ୍ରମଣୀ ଦାଶ, ବାର ସମ୍ପାଦକ ଗୋପାଳ କୃଷ୍ଣ ସାହୁ, ଉପ ସଭାପତି ଅବନୀ ଶଙ୍କର ମିଶ୍ର ନିଜର ସୁଚିନ୍ତିତ ବକ୍ତବ୍ୟ ରଖିଥିବା ବେଳେ ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଏପିପି ସୁବାସ ଚନ୍ଦ୍ର ସାହୁ। ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର, ଭଗବାନ ହୋତା, କରୁଣାକର ସାହୁ, ଭଗବାନ ମହାପାତ୍ର, ସୋମନାଥ ବେହେରା, ଭାଗିରଥି ନାୟକ, ଭାଗିରଥି ବେହେରା, ନୀଳମଣି ପଣ୍ଡା, ଭାସ୍କର ସ୍ୱାଇଁଙ୍କ ସମେତ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।

## ମାନବ ଅଧିକାର ଦିବସରେ ସଚେତନତା




ପାରଳାଖେମୁଣ୍ଡି,୧୦।୧୨(ସମିସ): ମାନବ ଅଧିକାର ଦିବସ ପାଳନର ଅବସରରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ ଅରବିନ୍ଦ ସମ୍ମିଳିତ ଶିକ୍ଷା କେନ୍ଦ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଅଧକ୍ଷତା କରି ଛାତ୍ରଛାତ୍ରୀଙ୍କୁ ମାନବ ଅଧିକାରର ଗୁରୁତ୍ୱ, ସେଗୁଡ଼ିକୁ ସୁରକ୍ଷା କରିବାର ଆବଶ୍ୟକତା ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଅରବିନ୍ଦ ସମ୍ମିଳିତ ଶିକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷୟତ୍ରୀ ଗୀତାଞ୍ଜଳି ଦାସ, ମହିଳା ଓ ଶିଶୁ ଡେସ୍କର ସଦସ୍ୟ ଭଗବତ ପାଢି ଓ ଆଇନଜୀବୀ ଗୌରହରି କରସୁଧା ପଟ୍ଟନାୟକ ଯୋଗଦେଇ ମାନବ ଅଧିକାର, ସମ୍ବନ୍ଧିତ ଆଇନ ସୁରକ୍ଷା, ତଥା ସମାଜକୁ ନ୍ୟାୟିକ ଓ ସମାନତାମୂଳକ ଭାବରେ ଗଢ଼ି ଉଠାଇବାରେ ଯୁବମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୦୦ ● ପାଉଣ୍ଡ ୧୨୦.୦୭
- ୟୁରୋ ୧୦୫.୨୧ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୪୫୦ (ଭୁବନେଶ୍ୱର)
- ରୁପା : ୨,୦୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୩୯୧.୦୦
- ନିଫ୍ଟି ୨୫,୭୫୮.୦୦




**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ନୂଆବର୍ଷରୁ ରିଚାର୍ଜ ପ୍ଲାନ୍ ମହଙ୍ଗା !

## ଟେଲିକମ୍ କମ୍ପାନୀ ବଢ଼ାଇବେ ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍




**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ନୂଆ ବର୍ଷରୁ ଆପଣଙ୍କୁ ପୁଣି ଥରେ ମୋବାଇଲରେ କଥା ହେବା ଏବଂ ଇଣ୍ଟରନେଟ୍ ବ୍ୟବହାର କରିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। କାରଣ ବର୍ଷର ଶେଷ ମାସରେ ଦେଶର ଟେଲିକମ୍ କମ୍ପାନୀଗୁଡିକ ସେମାନଙ୍କର ରିଚାର୍ଜ ପ୍ଲାନ୍ ବୃଦ୍‌ଦି କରିବାକୁ ଯାଉଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଟେଲିକମ୍ ଅପରେଟରମାନେ ସେମାନଙ୍କର ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍ ଦରରେ ୧୨% ଯାଏ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ବର୍ତ୍ତମାନ ଏ ସମ୍ପର୍କରେ ବର୍ତ୍ତମାନ ଖବର ସୋସିଆଲ ମିଡିଆରେ ଛାଇବାରେ ଲାଗିଛି। ଏହି ଖବର ଏବେ ଗ୍ରାହକମାନଙ୍କୁ ପୁଣି ଥରେ ଚିନ୍ତାରେ ପକାଇଛି। ଜିଓ, ଏୟାରଟେଲ୍ ଏବଂ ଭିଆଇ ଭଳି ପ୍ରମୁଖ ଟେଲିକମ୍ କମ୍ପାନୀଗୁଡ଼ିକ ନୂତନ ବର୍ଷରେ ସେମାନଙ୍କର ରିଚାର୍ଜ ପ୍ଲାନର ମୂଲ୍ୟ ବୃଦ୍ଧି କରିବେ। ସୋସିଆଲ ମିଡିଆରେ ପ୍ରସାରିତ ରିପୋର୍ଟ ଅନୁଯାୟୀ, କିଛି କମ୍ପାନୀ ସେମାନଙ୍କ ଗ୍ରାହକଙ୍କୁ ନୋଟିଫିକେସନ୍ ପଠାଇବା ମଧ୍ୟ ଆରମ୍ଭ କରିଛନ୍ତି।

ଟେଲିକମ୍ କମ୍ପାନୀଗୁଡ଼ିକ ବର୍ଦ୍ଧିତ ରିଚାର୍ଜ ପ୍ଲାନଗୁଡ଼ିକ ସମ୍ପର୍କରେ କୌଣସି ସରକାରୀ ବିଜ୍ଞପ୍ତି ଜାରି କରିନାହାଁନ୍ତି। ତେଣୁ, ପ୍ଲାନ ମୂଲ୍ୟ ସମାନ ରହିବ। ଏକ ରିପୋର୍ଟ ଅନୁଯାୟୀ, ଦେଶର ତିନୋଟି ପ୍ରମୁଖ ଟେଲିକମ୍ କମ୍ପାନୀ - ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ୍-ଆଇଡିଆ - ପ୍ରତି ଉପଭୋକ୍ତାଙ୍କ ହାରାହାରି ରାଜସ୍ୱ (ଏଆର୍‌ପିୟୁ) ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଫଳସ୍ୱରୂପ, ଆଗାମୀ ମାସଗୁଡ଼ିକରେ ରିଚାର୍ଜ ପ୍ଲାନଗୁଡ଼ିକ ୧୦-୧୨ ପ୍ରତିଶତ ମହଙ୍ଗା ହୋଇପାରେ। ଯଦି କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରନ୍ତି, ତେବେ ଏହା ୨୦୨୪ ପରଠାରୁ ସବୁଠାରୁ ବଡ଼ ବୃଦ୍ଧି ହେବ। ସାମ୍ପ୍ରତିକ ମାସଗୁଡ଼ିକରେ, ଜିଓ ଏବଂ ଏୟାରଟେଲ୍ ଚୁପଚାପ୍ ସେମାନଙ୍କର ଏଣ୍ଟ୍ରି-ଲେବଲ ୧ ଜିବି ଦୈନିକ ପ୍ରିପେଡ୍ ପ୍ଲାନଗୁଡ଼ିକୁ ବନ୍ଦ କରିଦେଇଛନ୍ତି, ଯାହା ବ୍ୟବହାରକାରୀମାନଙ୍କୁ ବାଧ୍ୟତାମୂଳକ ଭାବେ ଅଧିକ ମହଙ୍ଗା ପ୍ଲାନ୍ ଆଡ଼କୁ ଠେଲିଦେଇଛି। ଅଧିକାଂଶ ପ୍ରିପେଡ୍ ଡାଟା ଉପଭୋକ୍ତାଙ୍କ ପାଇଁ ନୂତନ ମୌଳିକ ଯୋଜନାଗୁଡ଼ିକ ଏବେ ପ୍ରତିଦିନ ଦେଢ଼ ଜିବିରୁ ଆରମ୍ଭ ହେଉଛି, ଯାହାର ମୂଲ୍ୟ ପ୍ରାୟ ୨୯୯ ଟଙ୍କା, ଯାହା ପୂର୍ବ ୨୪୯ ଟଙ୍କା ଯୋଜନାଠାରୁ ପ୍ରାୟ ୧୭% ବୃଦ୍ଧି।

ଟେଲିକମ୍ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ଏବଂ ୫ଜି ଭିତ୍ତିଭୂମି ବିସ୍ତାର ପାଇଁ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏୟାରଟେଲ୍ ଏବଂ ଭିଆଇ ଉଭୟ ଦୀର୍ଘ ସମୟ ଧରି ଟାରିଫ୍ ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଆସୁଛନ୍ତି। ବର୍ତ୍ତମାନ,

### ୧୨% ଯାଏ ବଢ଼ିବ ରିଚାର୍ଜ ଦର

### ଏଣ୍ଟ୍ରି-ଲେବଲ ୧ ଜିବି ଦୈନିକ ପ୍ରିପେଡ୍ ପ୍ଲାନଗୁଡ଼ିକୁ ବନ୍ଦ

ସିଧାସଳଖ ମୂଲ୍ୟ ବୃଦ୍ଧି କରିବା ପରିବର୍ତ୍ତେ ଟେଲିକମ୍ କମ୍ପାନୀଗୁଡ଼ିକ ସେମାନଙ୍କର ଶସ୍ତା ପ୍ଲାନ୍‌ଗୁଡିକୁ ବନ୍ଦ କରୁଛନ୍ତି। ଯାହାଫଳରେ ଗ୍ରାହକମାନେ ଅଧିକ ମହଙ୍ଗା ଯୋଜନା କିଣିବାକୁ ବାଧ ହେବେ। ଏହି କୌଶଳଗୁଡ଼ିକ କମ୍ପାନୀଗୁଡ଼ିକୁ ପ୍ରତି ଉପଭୋକ୍ତାଙ୍କ ହାରାହାରି ରାଜସ୍ୱ (ଏଆର୍‌ପିୟୁ) ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ଏମିତିକି କିଛି କମ୍ପାନୀ ମଧ୍ୟ ନଭେମ୍ବରରେ କିଛି ନିର୍ଦ୍ଦିଷ୍ଟ ପ୍ରି-ପେଡ୍ ରିଚାର୍ଜ ପ୍ଲାନ୍ ଦର ବୃଦ୍ଧି କରିଛନ୍ତି। ଭିଆଇ ଏବଂ ଏୟାରଟେଲ୍ ଭଳି ଅପରେଟର ପ୍ଲାନ ଦର ୭%ରୁ ଅଧିକ ବଢ଼ାଇଛନ୍ତି। ଯେତେବେଳେ କି ବିଏସ୍‌ଏନ୍‌ଏଲ୍ ଭାଲିଡିଟି କମ୍ କରିଛି।

**ଭାରତ-ଆମେରିକା ବାଣିଜ୍ୟିକ ଆଲୋଚନା**

# ଟ୍ରମ୍ପ୍ ଅଧିକାରୀଙ୍କ ଦାବି; ଆମେରିକାକୁ ଭାରତର ବଡ଼ ଅଫର୍

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭାରତ-ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟିକ ବିବାଦ ମଧ୍ୟରେ ଏକ ବଡ଼ ଖବର ସାମନାକୁ ଆସିଛି। ଆମେରିକାର ବାଣିଜ୍ୟିକ ପ୍ରତିନିଧି ଜ୍ୟାମିସନ ଗ୍ରୀର ବୁଧବାର ଏକ ବଡ଼ ବୟାନ ଦେଇଛି। ଗ୍ରୀରଙ୍କ ଅନୁସାରେ, ଭାରତ ସହ ଚାଲିଥିବା ବାଣିଜ୍ୟିକ ଆଲୋଚନାରେ ୱାଶିଂଟନକୁ ନୂଆଦିଲ୍ଲୀରୁ ଏବେ ସୁଦ୍ଧା ଶ୍ରେଷ୍ଠ ଅଫର୍ ମିଳିଛି।



ତେବେ କୃଷି ଓ ଅନ୍ୟ ଉତ୍ପାଦ ଉପରେ ଭାରତ ତା'ର ସହମତି ଦେଇନାହିଁ। ତଥାପି, ଗ୍ରୀର ଏହାକୁ ଭଲ ପ୍ରଗତିଶୀଳ ପଦକ୍ଷେପ ବୋଲି କହିଛନ୍ତି।

ଆମେରିକୀୟ ବାଣିଜ୍ୟିକ ପ୍ରତିନିଧି ରିକ୍ ସ୍ୱିଟଜରଙ୍କ ନେତୃତ୍ୱରେ ଆମେରିକୀୟ ପ୍ରତିନିଧିମଣ୍ଡଳ ଦିଲ୍ଲୀରେ ଦ୍ୱିପାକ୍ଷିକ ବାଣିଜ୍ୟ ବୁଝାମଣାର ପ୍ରଥମ ପର୍ଯ୍ୟାୟର ନିର୍ଣ୍ଣାୟକ ଆଲୋଚନା ଚଳାଇଛନ୍ତି। ଗ୍ରୀର କହିଛନ୍ତି ବର୍ତ୍ତମାନ ସମୟରେ ଆମେରିକାର ପ୍ରତିନିଧିମଣ୍ଡଳ ଭାରତରେ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ ପ୍ରସଙ୍ଗ ଉପରେ ଆଲୋଚନା କରୁଛନ୍ତି। ଯେତେବେଳେ ଆମେ ନୂଆଦିଲ୍ଲୀରେ ଆଲୋଚନା କରିଥାଉ, ସେତେବେଳେ ଆମର ଗୋଟିଏ ଟିମ୍ ଏହା ଉପରେ କାମ କରୁଥାଏ। ଭାରତରେ କିଛି ବିଶେଷ ଫସଲ ଓ ଅନ୍ୟ ଉତ୍ପାଦକୁ ନେଇ ଗତିରୋଧ ଚାଲିଛି। ସେ ଏହା ବି ସ୍ୱୀକାର କରିଛନ୍ତି ଯେ ଭାରତରେ ପ୍ରବେଶ କରିବା ଅତ୍ୟନ୍ତ କଷ୍ଟକର, କିନ୍ତୁ ଏହା ବି ସେ ସ୍ପଷ୍ଟ କରିଛନ୍ତି ଯେ ଭାରତ ଏହି ମାମଲାରେ ପ୍ରଗତିଶୀଳ ରହିଛି। ଗ୍ରୀରଙ୍କ ଅନୁସାରେ, ଯେଉଁ ପ୍ରସ୍ତାବ ଉପରେ ଆମ ସହ ଭାରତ ଆଲୋଚନା କରୁଛି, ତାହା ଗୋଟିଏ ଦେଶ ଭାବେ ଆମକୁ ମିଳୁଥିବା ସବୁଠୁ ଭଲ ପ୍ରସ୍ତାବ। ସେ ଭାରତକୁ ଏକ ଆଶାଜନକ ବୈକଳ୍ପିକ ବଜାର ଭାବେ ଅଭିହିତ କରିଛନ୍ତି। କାରଣ ଆମେରିକା ନିଜ ରପ୍ତାନୀ ବଜାର ବଢାଇବା ଉପରେ ବିଚାର କରୁଛି। ଅନ୍ୟପଟେ ଆମେରିକା ବିଦେଶ ଉପ-ସଚିବ ଏଲିସନ ହୁକର ବିଦେଶ ସଚିବ ବିକ୍ରମ ମିସ୍ତ୍ରିଙ୍କ ସହ ବୈଠକ କରିଛନ୍ତି। ଦୁଇ ପକ୍ଷ ଫେବ୍ରୁଆରୀରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ବୈଠକର ଦୃଷ୍ଟିକୋଣକୁ ପରିଣାମରେ ବଦଳାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଭାରତ ସହ ରଣନୀତିକ ଓ ଆର୍ଥିକ ସହଯୋଗ ମଜଭୁତ କରିବା ପାଇଁ ସେ ୫ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଆସିଛନ୍ତି।

# ନୂଆ ରେକର୍ଡସ୍ତରରେ ରୁପା

## ଭୁବନେଶ୍ୱରରେ କିଲୋ ୨.୦୫ ଲକ୍ଷ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ବିଶ୍ୱ ବଜାରରେ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଓ ରୁପା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡୁଛି ସୁନା ଓ ରୁପା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ବଜାରରେ ପୁଣି ଥରେ ସୁନା ଏବଂ ରୁପା ମୂଲ୍ୟରେ ବୃଦ୍ଧି ଘଟିବାରେ ଲାଗିଛି। ଏଥିରେ ବୁଧବାର ରୁପା ଦର ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର କିଲୋ ଗ୍ରାମ ପିଛା ପୁନର୍ବାର ୨ ଲକ୍ଷ ଟଙ୍କା ଅତିକ୍ରମ କରି ୨.୦୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ରୁପା ଦର କିଲୋଗ୍ରାମ ପିଛା ୬,୬୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ମୂଲ୍ୟ କିଲୋଗ୍ରାମ ପିଛା ୨,୦୫,୦୦୦ ଟଙ୍କାରେ ପହଞ୍ଚିଛି। ସୋଲାର, ଇଭି ଏବଂ ଇଲେକ୍‌ଟ୍ରୋନିକ୍ସ ଶିଳ୍ପ କ୍ଷେତ୍ରରେ ଚାହିଦାରେ ବୃଦ୍ଧି ଯୋଗୁ ବଜାରରେ ରୁପା ଦର ଏଭଳି ଭାବେ ବୃଦ୍ଧି ଘଟୁଛି। ସେହିପରି ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏହି ହଳଦିଆ ଧାତୁ ମୂଲ୍ୟରେ ବୃଦ୍ଧି ହୋଇଛି।

ବୁଧବାର ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୦,୧୮୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧୧୯,୪୫୦ ଟଙ୍କା ହୋଇଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ବୁଧବାର ନୂଆ ଦିଲ୍ଲୀ ବଜାରରେ ସକାଳେ ରୁପା କିଲୋଗ୍ରାମ ପିଛା ୧,୮୬,୩୫୦ ଟଙ୍କାରେ କାରବାର ଆରମ୍ଭ କରିଥିଲା। ଚଳିତବର୍ଷ ଏ ପର୍ଯ୍ୟନ୍ତ ସୁନାର ମୂଲ୍ୟ ୫୧,୬୨୬ ଟଙ୍କା ବୃଦ୍ଧି ପାଇଛି। ୨୦୨୪ ଡିସେମ୍ବର ୩୧ ରେ ୨୪କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୭୬,୧୬୨ ଟଙ୍କା ଥିଲା।

କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି, ଯାହା ସୁନାକୁ ସମର୍ଥନ କରୁଛି। ଏହା ସୁନାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଏହି ବର୍ଷ ପ୍ରତି ୧୦ ଗ୍ରାମ ସୁନା ୧.୩୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ, ଯେତେବେଳେ କି ରୁପା କିଲୋଗ୍ରାମ ପିଛା ୨.୧୦ ଲକ୍ଷ ଟଙ୍କା ଛୁଇଁପାରେ।

### ୧.୩୫ ଲକ୍ଷ ଛୁଇଁବ ସୁନା




# ୨୦ ବର୍ଷରେ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡସ୍ଥିତ ତନିସ୍କ ଷ୍ଟୋର




ଭଳି କି ଭଳି ଗହଣାର ସମ୍ଭାର ସାଙ୍ଗକୁ ସ୍ୱତନ୍ତ୍ର ରିଆତି ଅଫର୍

**କଟକ,୧୦।୧୨(ସମିସ):** ଦେଶର ଅନ୍ୟତମ ବୃହତ୍ ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ ଏହାର କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ଷ୍ଟୋର୍‌ର ୨୦ତମ ବର୍ଷ ପୂର୍ତ୍ତୀ ପାଳନ କରୁଛି। ଭରସା, କାରିଗରୀ ଏବଂ କାଳଜୟୀ ସୁନ୍ଦରତାର ପରିଚୟ ହେଉଛି ତନିସ୍କ। କଟକରେ ଦୁଇ ଦଶନ୍ଧି ଧରି ଏହା ଗ୍ରାହକଙ୍କ ଭରଷା ପାଲଟିଛି। ତନିସ୍କ ଗ୍ରାମ ପିଛା ସୁନା ଗହଣା ଉପରେ ୬୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ସେହିଭଳି ହୀରା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିଆତି ଏବଂ ଯେକୌଣସି ଗହଣା ଷ୍ଟୋରରୁ କିଣାଯାଇଥିବା କୌଣସି କ୍ୟାରେଟ୍‌ର ପୁରୁଣା ସୁନା ବଦଳରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି ତନିସ୍କ। ବିଭିନ୍ନ ପ୍ରକାରର ଗହଣା ସମ୍ଭାର ନେଇ ୫,୪୦୦ ବର୍ଗଫୁଟ୍ ପରିମିତ ସ୍ଥାନରେ ନିର୍ମିତ କଟକ ଷ୍ଟୋରରେ ତନିସ୍କର ଏହି ମେଳାରେ ଆବାହନ, ମୃଗଙ୍କ, ଇଲାନ୍, ସୋଲ୍‌ମେଟ୍, ରେଡିଆନ୍ସ ଇନ୍ ରିଦିମ୍, ସ୍ରୋତିକା, ରିଭା, ଡୋର, ଆଭୀର, ଗ୍ଲାମ୍‌ଡେଜ୍ ଏବଂ ଷ୍ଟ୍ରିଙ୍ଗ୍ ଇଟ୍ ଇତ୍ୟାଦି ଶୋଭା ପାଇଛି। ଏହି ଅବସରରେ ତନିସ୍କର ଏରିଆ ବିଜନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କୁହନ୍ତି, କଟକ କ୍ୟାଣ୍ଟନ୍‌ମେଣ୍ଟ୍ ରୋଡ୍ ଷ୍ଟୋର୍‌ର ୨୦ ବର୍ଷ ପାଳନ କରି ଆମେ ଅତ୍ୟନ୍ତ ଗର୍ବିତ। ଏହା ତନିସ୍କର ଭରସା ଏବଂ ଉତ୍କର୍ଷତାର ଯାତ୍ରା କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହି ମାଇଲଖୁଣ୍ଟ ଆମ ଗ୍ରାହକଙ୍କ ଭଲପାଇବା ଏବଂ ସମର୍ଥନକୁ ପ୍ରତିଫଳିତ କରୁଛି। ଏହି ଅବସରରେ ବର୍ଷ ପୂର୍ତ୍ତିରେ ଭାଗ ନେବାକୁ ତନିସ୍କର ସବୁ ଗ୍ରାହକଙ୍କୁ ନିମନ୍ତ୍ରଣ କରିଛନ୍ତି ତନିସ୍କର ବ୍ୟବସାୟିକ ସହଯୋଗୀ ଯୋଗେନ୍ଦ୍ର ହଂସ। ବିବେକ ହଂସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତଏହି ସାମ୍ବାଦିକ ସମ୍ମିଳନୀରେ ତନିସ୍କର ସର୍କଲ ବ୍ୟବସାୟ ମୁଖ୍ୟ ଅରିନ୍ଦମ ପାରମାଣିକ ଉପସ୍ଥିତ ଥିଲେ।

**ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍**

# ୯୯.୩୩% ଦାବି ସମାଧାନ

**ମୁମ୍ବଇ,୧୦।୧୨(ଏଜେନ୍ସି):** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସ୍ୟୋରାନ୍ସ ଆର୍ଥିକବର୍ଷ ୨୦୨୬-ପ୍ରଥମାର୍ଦ୍ଧରେ ୯୯.୩୩% ଦାବି ସମାଧାନ ଅନୁପାତ ସହିତ ଉଦ୍ୟୋଗରେ ଅଗ୍ରଣୀ ରହିଛି, ଯାହାକି ଦେଶରେ ଶୀର୍ଷ ଇନ୍ସ୍ୟୋରାନ୍ସ କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବାଧିକ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତଦନ୍ତ ହୋଇନଥିବା ଦାବିଗୁଡ଼ିକ ପାଇଁ ଦାବି ସମାଧାନ ସମୟ ୧.୧ ଦିନ ଥିଲା। ଏହି ସମୟରେ ମଧ୍ୟ କମ୍ପାନୀ ପକ୍ଷରୁ ମୋଟ ୮.୮୯୩.୩୮ କୋଟିର ମୃତ୍ୟୁ ଦାବିର ସମାଧାନ କରାଯାଇଛି। ଏସମ୍ପର୍କରେ ଆଇସିଆଇସିଆଇ ଲାଇଫ ଇନ୍ସ୍ୟୋରାନ୍ସର ଚିଫ ଅପରେସନ୍ସ ଅଫିସର ଅମିଶ ବଙ୍କର କହିଛନ୍ତି ଯେ, ଆମର ଦାବି ସମାଧାନ ପ୍ରକ୍ରିୟା ଉନ୍ନତ ଗ୍ରାହକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି ଏବଂ ଆମେ ପ୍ରତ୍ୟେକ ଦାବିକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହିତ ପରିଚାଳନା କରୁ।

**କୋଟକ ସିକ୍ୟୁରିଟିଜ୍‌ର ୨୦୨୬ ମାର୍କେଟ୍ ଆଉଟଲୁକ୍ ରିପୋର୍ଟ**

# ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା

**ମୁମ୍ବଇ,୧୦।୧୨(ଏଜେନ୍ସି):** କୋଟକ ସିକ୍ୟୁରିଟିଜ (କୋଟକ ନିଓ) ତାହାର ୨୦୨୬ ବର୍ଷ ନିମନ୍ତେ ମାର୍କେଟ ଆଉଟଲୁକ୍ (ବଜାର ଦୃଷ୍ଟିକୋଣ) ଉନ୍ମୋଚନ କରିଛି, ଯେଉଁଥିରେ ବିଶ୍ୱସ୍ତରରେ ଅନିଶ୍ଚିତ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଇକ୍ୱିଟି ଓ କମୋଡିଟିଗୁଡିକୁ ନେଇ ଆଶାବାଦର ସୂଚନା ଦିଆଯାଇଛି। ଏହି ରିପୋର୍ଟରେ ଆଗାମୀ ବର୍ଷ ନଜର ରଖିବା ଆବଶ୍ୟକ ଥିବା ମାକ୍ରୋ ଧାରା, କ୍ଷେତ୍ରଭିତ୍ତିକ ସୁଯୋଗ ଏବଂ କମୋଡିଟି ସମ୍ପର୍କିତପୂର୍ବାନୁମାନ ଉପରେ ବିଶେଷ ଭାବରେ ଆଲୋକପାତ କରାଯାଇଛି। କୋଟକ ସିକ୍ୟୁରିଟିଜର ଏମ୍‌ଡି ଓ ସିଇଓ ଶ୍ରୀପାଲ ଶାହ କହିଛନ୍ତି ଯେ, ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା ହୋଇ ରହିଛି। ଦମ୍‌ଦାର ଉପାର୍ଜନ ଅନୁମାନ ଏବଂ ନୀତିଗତ ସମର୍ଥନ ଦ୍ୱାରା ପରିଚାଳିତ ହୋଇ ଇକ୍ୱିଟିକୁ ନେଇ ଆମର ଦୃଷ୍ଟିକୋଣ ବେଶ୍ ଉତ୍ସାହଜନକ ରହିଛି ଏବଂ ସେହି ସମୟରେ ସୁନା ୨୦୨୬ରେ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ନିଜର ଚମକ ବଜାୟ ରଖିବା ଆଶା କରାଯାଉଛି। ଯୁବ ନିବେଶକଙ୍କ ଦ୍ୱାରା ବର୍ଦ୍ଧିତ ଅଂଶଗ୍ରହଣ ସହିତ ମାର୍କେଟରେ ଗଭୀର ନିୟୋଜନତା ଏବଂ ସମ୍ପତ୍ତି ସୃଷ୍ଟି ହେବାକୁ ଯାଉଛି। ଶିଳ୍ପ କ୍ଷେତ୍ର ସମ୍ପର୍କରେ ସେ କହିଥିଲେ, "ସେବିର ତାଜା ସର୍ବେକ୍ଷଣ ଅଧ୍ୟୟନ ଅନୁଯାୟୀ ୬୩% ପରିବାର ଅତିକମ୍‌ରେ ଗୋଟିଏ ପ୍ରତିଭୂତି ବଜାର ଉତ୍ପାଦ ସମ୍ପର୍କରେ ଅବଗତ ରହିଥିଲେ ମଧ୍ୟ ମାତ୍ର ୯.୫% ପରିବାର ସକ୍ରିୟ ଭାବରେ ନିବେଶ କରୁଛନ୍ତି।

# ମଣିପାଲ ହସ୍ପିଟାଲରେ ବିରଳ ସଫଳ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୧୦।୧୨(ସମିସ) :** ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରଠାରେ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇଛି। ଦୀର୍ଘଦିନ ୧୦ ବର୍ଷ ଧରି ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ରୋଗରେ ଆକ୍ରାନ୍ତ ଥିବା ଜଣେ ୩୫ ବର୍ଷୀୟା ଯୁବତୀ ସର୍ଜରୀ ପରେ ନୂତନ ଜୀବନ ପାଇଛି। ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍‌ରେ ପୀଡ଼ିତ ଥିବା ଯୁବତୀଙ୍କ ହିପ୍ ଏବଂ ଆଣ୍ଠୁ ସମେତ ଶରୀରର ସମସ୍ତ ମୁଖ୍ୟ ଗଣ୍ଠି ଗୁଡିକ ପ୍ରଭାବିତ ହୋଇଥିବାରୁ ସେ ଗତ ବର୍ଷେ ଧରି ଚାଲିବା ବସିବା ସମ୍ଭବ ହେଉନଥିଲା। ଫଳରେ ସେ ସବୁବେଳେ ଶୋଇ ରହୁଥିଲେ କିମ୍ବା ହ୍ୱିଲ୍ ଚେୟାର ଉପରେ ନିର୍ଭର କରିବାକୁ ବାଧ ହୋଇଥିଲେ। ଦୀର୍ଘ ଦିନ ଧରି ଏକ ଯନ୍ତ୍ରଣାଦାୟକ ଜୀବନ ଅତିବାହିତ କରିବା ପରେ ୨୦୨୪ ମସିହାରେ ଚିକିତ୍ସା ପାଇଁ ସେ ମଣିପାଲ ହସ୍ପିଟାଲ୍‌କୁ ଆସି ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପଣ୍ଡାଙ୍କ ପରାମର୍ଶ ନେଇଥିଲେ। ପ୍ରାୟ ୧୦ ବର୍ଷ ପୂର୍ବେ ଆଙ୍କାଲୋଜିଙ୍ଗ୍ ସ୍ପଣ୍ଡିଲାଇଟିସ୍ ଚିହ୍ନଟ ହେବା ପରେ ଅନେକ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ହେଉଥିଲେ, କିନ୍ତୁ ରୋଗ ଧୀରେ ଧୀରେ ବଢ଼ିବା କାରଣରୁ ସେ ଚାଲିବା-ଠିଆ ହେବାର କ୍ଷମତା ହରାଇଥିଲେ।

# କେୟାର ହସ୍ପିଟାଲ୍, ବିଶାଖାପାଟନମ୍‌ରେ ୧,୦୦୦ ରୋବୋଟିକ୍ ଜିଆଇ ସର୍ଜରୀ

**ବିଶାଖାପାଟନମ୍,୧୦।୧୨:** ମାତ୍ର ୧୮ ମାସ ମଧ୍ୟରେ ୧୦୦୦ ରୋବୋଟିକ୍ ଜିଆଇ ସର୍ଜରୀର ମାଇଲ୍‌ଖୁଣ୍ଟ ହାସଲ କରିଛି କେୟାର ହସ୍ପିଟାଲ୍, ବିଶାଖାପାଟନମ୍। ଏହି ସଫଳତା ସମ୍ପର୍କରେ କେୟାର ହସ୍ପିଟାଲ୍, ବିଶାଖାପାଟନମ୍‌ର , କ୍ଲିନିକାଲ୍ ନିର୍ଦ୍ଦେଶକ - ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ରୋବୋଟିକ୍ ସର୍ଜରୀ ବିଭାଗ ଡକ୍ଟର ବି ଦାସ କହିଛନ୍ତି ଯେ, ୧୮ ମାସ ମଧ୍ୟରେ ୧୦୦୦ ରୋବୋଟିକ୍ ଜିଆଇ ସର୍ଜରୀରେ ପହଞ୍ଚିବା ଦର୍ଶାଉଛି ଯେ, ପୂର୍ବ ଭାରତରେ ଗ୍ୟାଷ୍ଟ୍ରୋଏଣ୍ଟେଷ୍ଟୋଣ୍ଟାଲ୍ କେୟାରକୁ ପୁନଃସ୍ଥାପିତ କରୁଛି। ଅସ୍ୱାଭାବିକତା, ଏବଂ ହସ୍ପିଟାଲରେ ରହିବାର ସମୟକୁ ଯଥେଷ୍ଟ କମାଇବା – ବିଶ୍ୱ ସ୍ତରୀୟ ସର୍ଜିକାଲ୍ ସଠିକତାକୁ ଆମ ଅଞ୍ଚଳକୁ ନିକଟତର କରିବା। ରୋବୋଟିକ୍ ସଠିକତା ମାଧ୍ୟମରେ ସମ୍ଭବ ହୋଇଥିବା ପରିବର୍ତ୍ତନଶୀଳ ରୋଗୀ ଫଳାଫଳକୁ ମଧ୍ୟ ଆଲୋକିତ କରିଛି। ଜଣେ ୫୦ ବର୍ଷ ବୟସ୍କା ମହିଳାଙ୍କଠାରେ ମିଳିତ ରୋବୋଟିକ୍ ଗାଲ୍ ବ୍ଲାଡର ଅପସାରଣ ଏବଂ ହିଷ୍ଟେରେକ୍ଟୋମି କରିଥିଲେ ଏବଂ ୪୮ ଘଣ୍ଟା ମଧ୍ୟରେ ଘରକୁ ଯନ୍ତ୍ରଣାମୁକ୍ତ ଘରକୁ ଫେରିଥିଲେ। ବାରମ୍ବାର ଅସ୍ତ୍ରୋପଚାର ପରେ ହର୍ନିଆରେ ପୀଡିତ ଜଣେ ୬୩ ବର୍ଷୀୟ ରୋଗୀ ଗଭୀର ଜାଲ୍ ସ୍ଥାନିତ ଏବଂ ସଠିକ୍ ସଟରିଙ୍ଗ୍ ସହିତ ଏକ ଦୁର୍ଦ୍ଦାନ୍ତ ରୋବୋଟିକ୍ ମରାମତି କରିଥିଲେ।




**ଭାରତରେ ବଢୁଛି ଇନ୍‌ଫ୍ଲୁଏନ୍ସର ହେବାର କ୍ରେଜ୍**

# ଇନ୍‌ଫ୍ଲୁଏନ୍ସ ମାର୍କେଟିଂ ଶିଳ୍ପ ୧୦ ହଜାର କୋଟି ପାର୍

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭାରତରେ ସମ୍ପ୍ରତି ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଶିଳ୍ପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ବିଶେଷକରି ଯୁବପିଢ଼ିଙ୍କ ମଧ୍ୟରେ ବର୍ତ୍ତମାନ ବେଶ ଲୋକପ୍ରିୟ। ସମସ୍ତଙ୍କ ପାଖରେ ସ୍ମାର୍ଟଫୋନ୍ ଅଛି, ଏବଂ ଆଜିକାଲି ଅଧିକାଂଶ ଯୁବପିଢ଼ି ଜଣେ ପ୍ରମୁଖ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ପ୍ରଭାବଶାଳୀ ମାର୍କେଟିଂ ସାସ୍ ପ୍ଲାଟଫର୍ମ କ୍ଲଗ୍ କ୍ଲଗ୍‌ର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଶିଳ୍ପ ପୂର୍ବରୁ ୧୦ ହଜାର କୋଟି ଅତିକ୍ରମ କରିସାରିଛି। ଏହି ସଂଖ୍ୟା ୩୦୦୦ ରୁ ୪୦୦୦ କୋଟି ବଜାର ଆକଳନ ଅପେକ୍ଷା ଯଥେଷ୍ଟ ଅଧିକ।

କ୍ଲଗ୍ କ୍ଲଗ୍‌ର ସହ-ପ୍ରତିଷ୍ଠାତା ଏବଂ ସିଇଓ କଲ୍ୟାଣ କୁମାର କହିଛନ୍ତି ଯେ ପ୍ରକୃତ ବଜାର ବହୁତ ବଡ଼। ରିପୋର୍ଟ ଅନୁଯାୟୀ, ଭାରତରେ ମୋଟ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଖର୍ଚ୍ଚର କେବଳ ୨୫ ପ୍ରତିଶତ ସଂଗଠିତ ଏବଂ ସହଜରେ ଦୃଶ୍ୟମାନ ଚ୍ୟାନେଲ ମାଧ୍ୟମରେ ପ୍ରବାହିତ ହୁଏ। ବାକି ୭୫ ପ୍ରତିଶତ ସିଧାସଳଖ ବ୍ରାଣ୍ଡ ଏବଂ ସୃଷ୍ଟିକର୍ତ୍ତାଙ୍କ ମଧ୍ୟରେ ଖର୍ଚ୍ଚ ହୁଏ, ଯାହାକୁ ଟ୍ରାକ୍ କରିବା କଷ୍ଟକର। ରିପୋର୍ଟ ଅନୁଯାୟୀ, ପାରମ୍ପରିକ ପଦ୍ଧତି ମାଧ୍ୟମରେ କ୍ରିଏଟର ଇକୋନୋମି ସମ୍ପୂର୍ଣ୍ଣ ଦୃଶ୍ୟମାନ ନୁହେଁ। ହଜାର ହଜାର ମାଇକ୍ରୋ ଏବଂ ନାନୋ ପ୍ରଭାବକାରୀ ବ୍ରାଣ୍ଡଗୁଡ଼ିକରୁ ଗୁରୁତ୍ୱପୂର୍ଣ୍ଣ ନିବେଶ ଆକର୍ଷିତ କରୁଛନ୍ତି, କିନ୍ତୁ ସେମାନଙ୍କର ପ୍ରଭାବ ପ୍ରାୟତଃ ରିପୋର୍ଟ କରାଯାଇନାହିଁ। ଏହା ବ୍ୟତୀତ, ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୨୦ ରୁ ଅଧିକ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂ ଏଜେନ୍ସି ଅଛନ୍ତି ଯାହା ବାର୍ଷିକ ୨୦ କୋଟି (ପ୍ରାୟ ୨୦୦ ନିୟୁତ ଡଲାର) ରାଜସ୍ୱ ସୃଷ୍ଟି କରୁଛନ୍ତି। ଏହା କେବଳ ସଂଗଠିତ କ୍ଷେତ୍ରକୁ ପ୍ରତିନିଧିତ୍ୱ କରେ, ଯେତେବେଳେ ସାମଗ୍ରିକ ପ୍ରଭାବକାରୀ ମାର୍କେଟିଂ ଶିଳ୍ପ ବହୁତ ବଡ଼। ଭାରତର ଦ୍ରୁତ ଗତିରେ ବଢୁଥିବା ପ୍ରତ୍ୟକ୍ଷ-ଉପଭୋକ୍ତା (ଡିଟୁସି) କ୍ଷେତ୍ର ପ୍ରଭାବକାରୀ ମାର୍କେଟିଂ କରିବାର ଉପାୟକୁ ପରିବର୍ତ୍ତନ କରୁଛି। ୧୦୦ ରୁ ଅଧିକ ଡିଟୁସି ବ୍ରାଣ୍ଡ ପ୍ରତିବର୍ଷ ମିଡିଆ ଇନ୍‌ଫ୍ଲୁଏନ୍ସର ମାର୍କେଟିଂରେ ୨୦ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ କରୁଛନ୍ତି।



# ମହିଳାଙ୍କ ନାଁରେ ନିର୍ମିତ ବିମାନବନ୍ଦର

ସାଧାରଣତଃ ବିମାନବନ୍ଦରଗୁଡ଼ିକ ପ୍ରସିଦ୍ଧି ଲାଭ କରିଥିବା ରାଜନେତା, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ କଳାକାରଙ୍କ ନାମାନୁସାରେ ନାମକରଣ କରାଯାଇଥାଏ। ବିଶ୍ୱରେ ଅଧିକାଂଶ ବିମାନବନ୍ଦର ପୁରୁଷଙ୍କ ନାଁରେ ଥିବାବେଳେ, ଖୁବ୍ କମ୍ ସଂଖ୍ୟକ ବିମାନବନ୍ଦର ମହିଳାଙ୍କ ନାଁରେ ରହିଛି। ସେହିପରି ଭାରତରେ କାର୍ଯ୍ୟକ୍ଷମ ବିମାନବନ୍ଦର ମଧ୍ୟରୁ ମାତ୍ର ଦୁଇଟି ମହିଳାଙ୍କ ନାଁରେ ରହିଛି। ତେବେ ମହିଳାଙ୍କ ସମ୍ମାନାର୍ଥେ ଦେଶ - ବିଦେଶରେ ପ୍ରସିଦ୍ଧି ଲାଭ କରିଥିବା କେତୋଟି ବିମାନବନ୍ଦରକୁ ନେଇ ଏହି ଉପସ୍ଥାପନା।

### ଅମେଲିୟା ଇୟରହାର୍ଟ ବିମାନବନ୍ଦର



ଆମେରିକାର ଏହି ବିମାନବନ୍ଦର ଲୋକପ୍ରିୟ ପାଇଲଟ୍ ଅମେଲିୟା ମେରି ଇୟରହାର୍ଟଙ୍କ ସ୍ମୃତିରେ ନିର୍ମାଣ କରାଯାଇଥିଲା। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିମାନବନ୍ଦର ଭାବେ ଜଣାଯାଏ। ଅମେଲିୟା ଜଣେ ପାଇଲଟ୍ ଏବଂ ଲେଖିକା ଥିଲେ। ସେ ଅନେକ ରେକର୍ଡ କରିଛନ୍ତି। ଆଣ୍ଟଲାଟିକ୍ ମହାସାଗରକୁ ଅତିକ୍ରମ କରିଥିବା ପ୍ରଥମ ମହିଳା ଭାବେ ସେ ରେକର୍ଡ କରିଥିଲେ। ନିଜ କାର୍ଯ୍ୟ ଦ୍ୱାରା ସେ ଅନେକ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଥିଲେ। ତାଙ୍କ ଜୀବନ ଏବଂ ରହସ୍ୟମୟ ମୃତ୍ୟୁ ଏବେ ବି ଅନେକଙ୍କୁ ଆକର୍ଷିତ କରେ।

### କୁଇନ୍ ଆଲିୟା ଅନ୍ତର୍ଜାତୀୟ ବିମାନବନ୍ଦର

ଜୋର୍ଡାନ ରାଣୀ ଆଲିୟା ବାହାଉଦ୍ଦିନ୍ ତୌକନ୍‌ଙ୍କ ନାମାନୁସାରେ ଏହି ବିମାନବନ୍ଦରର ନାମକରଣ କରାଯାଇଛି। ଆଲିୟା ଜୋର୍ଡାନର ଦିବଂଗତ ରାଜା ହୁସେନଙ୍କ ପତ୍ନୀ ଥିଲେ। ସେ ସାମାଜିକ କାର୍ଯ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ। ୧୯୭୭ ମସିହାରେ ବିମାନ ଦୁର୍ଘଟଣାରେ ରାଣୀଙ୍କ ମୃତ୍ୟୁ ହୋଇଥିଲା।



### କୁଇନ୍ ବିଟ୍ରିକ୍ସ ଅନ୍ତର୍ଜାତୀୟ ବିମାନବନ୍ଦର

ଏହିବିମାନବନ୍ଦର ନେଦରଲ୍ୟାଣ୍ଡର ପୂର୍ବ ରାଣୀ ବିଟ୍ରିକ୍ସଙ୍କ ନାମାନୁସାରେ ନାମକରଣ କରାଯାଇଛି। ସେ ୧୯୮୦ ମସିହାରୁ ୨୦୧୩ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡର ରାଣୀ ଭାବେ ଶାସନ କରିଥିଲେ। ଏହି ବିମାନବନ୍ଦର ଅରୁବାର ଗୁରୁତ୍ୱପୂର୍ଣ୍ଣ ପରିବହନ ବିମାନବନ୍ଦର ମଧ୍ୟରୁ ଗୋଟିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଟ୍ରିକ୍ସ କାନାଡ଼ାର ଏକ ସର୍ବସାଧରଣ ସ୍କୁଲ୍‌ରେ ପାଠ ପଢ଼ିଥିଲେ। ଏବଂ ଯୁଦ୍ଧ ପରବର୍ତ୍ତୀ ସମୟରେ ସେ ନେଦରଲ୍ୟାଣ୍ଡ ଫେରି ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ପୁରା କରିଥିଲେ। ଶାସନ ଦିଗରେ ତାଙ୍କ ଅବଦାନ ଅତୁଳନୀୟ।



### ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର



ଦିଲ୍ଲୀର ଦକ୍ଷିଣ -ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ। ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନାମାନୁସାରେ ଏହି ବିମାନବନ୍ଦର ନାମକରଣ କରାଯାଇଛି। ଏହା ଭାରତର ସବୁଠୁ ବ୍ୟସ୍ତ ଏବଂ ଆଧୁନିକ ବିମାନବନ୍ଦର ଭାବେ ଜଣାଯାଏ। ଇନ୍ଦିରା ପ୍ରିୟଦର୍ଶିନୀ ଗାନ୍ଧୀ ୧୯ ନଭେମ୍ବର, ୧୯୧୭ ମସିହାରେ ଜନ୍ମ ହୋଇଥିଲେ। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ।

### ଦେବୀ ଅହଲ୍ୟାବାଇ ହୋଲ୍‌କର୍ ଅନ୍ତର୍ଜାତୀୟ ବିମାନବନ୍ଦର

ଇନ୍ଦୋରର ପଶ୍ଚିମରେ ଏହି ବିମାନବନ୍ଦର ଅବସ୍ଥିତ। ଏହା ମଧ୍ୟ ଭାରତର ସବୁଠୁ ବ୍ୟସ୍ତ ବିମାନବନ୍ଦର ମଧ୍ୟରୁ ଗୋଟିଏ। ହୋଲକର ରାଜବଂଶର ରାଣୀ ଅହଲ୍ୟାବାଇଙ୍କ ନାମ ଅନୁସାରେ ଏହାର ନାମକରଣ କରାଯାଇଛି। ସେ ନାରୀ ସଶକ୍ତିକରଣର ପ୍ରତୀକ ଏବଂ ବୀରାଙ୍ଗନା ଥିଲେ। ସାମାଜିକ ଶୃଙ୍ଖଳକୁ ଛିନ୍ନକରି ନିଜର ଧିଶକ୍ତି ଓ ସାମର୍ଥ୍ୟ ବଳରେ ଭାରତ ରାଜନୈତିକ ଇତିହାସରେ ସେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ଜନକଲ୍ୟାଣରେ ତାଙ୍କର ଅତୁଳନୀୟ ଅବଦାନ ଥିଲା।



# ଉଲ୍ କାନଫୁଲ



ମହିଳା ଓ ଯୁବତୀମାନେ ଭଳିକିଭଳି ଅଳଙ୍କାର ପିନ୍ଧିବାକୁ ପସନ୍ଦ କରନ୍ତି। ସେହିପରି ଏବେ ହାତନିର୍ମିତ ଉଲେନ୍ କାନଫୁଲ ବେଶୀ ଲୋକପ୍ରିୟ ରହିଛି। ଏହା ପିନ୍ଧିବାକୁ ସୁନ୍ଦର ଦିଶିବା ସହ ଲଗାଇବା ମଧ୍ୟ ଆରାମଦାୟକ ହୋଇଥାଏ।

### ଝୁମ୍‌କା

ପାର୍ଟି, ଫଙ୍କ୍‌ସନ୍‌କୁ ଯାଉଥିଲେ ଉଲ୍‌ନିର୍ମିତ ଝୁମ୍‌କା କାନଫୁଲ ପିନ୍ଧିପାରିବେ। ଏହା ଦେଖିବାକୁ ଖୁବ୍ ସୁନ୍ଦର ଓ ଭିନ୍ନ ହୋଇଥାଏ। ଏହାକୁ ପିନ୍ଧି ଶୀତଦିନେ ନିଜକୁ ଏକ କ୍ଲାସି ଲୁକ୍ ଦେଇପାରିବେ।

### ଚାରିକୋଣିଆ

ହାତତିଆରି ଚାରିକୋଣିଆ ଉଲ୍ କାନଫୁଲ ପାରମ୍ପରିକ ପରିଧାନକୁ ବେଶ୍ ଭଲ ମାନିଥାଏ। ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏହା ବିଭିନ୍ନ ରଙ୍ଗର ରହିଥାଏ।

### ଲାଭେଣ୍ଡର

ବର୍ତ୍ତମାନ ସମୟରେ ଲାଭେଣ୍ଡର ରଙ୍ଗର ଖୁବ୍ ଲୋକପ୍ରିୟତା ରହିଛି। ଏ ରଙ୍ଗର ଆଉଟ୍‌ଫିଟ୍‌ରୁ ନେଇ ଅଳଙ୍କାରର ଚାହିଦା ଅଛି।

### ବୋ କାନଫୁଲ



ବୋ ହେଡ୍‌କ୍ଲିପ୍ ଭଳି ବୋ କାନଫୁଲର ମଧ୍ୟ ଲୋକପ୍ରିୟତା ରହିଛି। ବିଶେଷ କରି କଲେଜ ପଢ଼ୁଆ ଯୁବତୀଙ୍କ ମଧ୍ୟରେ ଏ ପ୍ରକାର କାନଫୁଲ ବେଶ୍ ପ୍ରିୟ। ଚାହିଁଲେ ଏହାକୁ କ୍ରିଷ୍ଟମାସ୍ ପାର୍ଟିରେ ମଧ୍ୟ ପିନ୍ଧିପାରିବେ।

### ଇଭିଲ୍ ଆଇ

ଇଭିଲ୍ ଆଇ ଅଳଙ୍କାରର ଚାହିଦା ସବୁବେଳେ ରହିଛି। କୁହାଯାଏ ଏହା ଖରାପ୍ ନଜରରୁ ସୁରକ୍ଷା ଦେଇଥାଏ। ଏବେ ଇଭିଲ୍ କାନଫୁଲ ମଧ୍ୟ ବଜାରରେ ଉପଲବ୍ଧ।

# ଲିପ୍‌ଷ୍ଟିକ୍ ପୂର୍ବରୁ ଓଠର ଯତ୍ନ

ମ୍ୟାଟ୍ ଲିପ୍‌ଷ୍ଟିକ୍ ଓଠକୁ ଶୁଷ୍କ ଓ ରୁକ୍ଷ କରିଥାଏ। ତେଣୁ ଓଠକୁ ସୁସ୍ଥ, ନରମ କରି ଲିପ୍‌ଷ୍ଟିକ୍‌କୁ ଦୀର୍ଘସମୟ ରଖିବାକୁ ଚାହୁଁଥିଲେ, ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ, ଓଠର ଯତ୍ନ ନେବା ଜରୁରୀ। ଏପରି କଲେ ଓଠରେ ଲିପ୍‌ଷ୍ଟିକ୍ ନ ଫାଟି ଦୀର୍ଘ ସମୟ ରହିଥାଏ।



### ଓଠକୁ ଏକ୍ସଫ୍ଲୋଏଟ୍ କରନ୍ତୁ

ଲିପ୍‌ଷ୍ଟିକ୍ ଲଗାଇବା ପୂର୍ବରୁ ପ୍ରଥମେ ଓଠରେ ଥିବା ମୃତକୋଷକୁ କାଢ଼ିବାକୁ ପଡ଼ିଥାଏ। ଏଥିପାଇଁ ଏକ୍ସଫ୍ଲୋଏସନ୍ କରିବାକୁ ପଡ଼ିଥାଏ। କାରଣ ମୃତକୋଷ ଥାଇ ଲିପ୍‌ଷ୍ଟିକ୍ ଲଗାଇଲେ ଏହା ଓଠଫାଟି ଅପରିଷ୍କାର ଦିଶିଥାଏ।

### ଚିନି ସ୍କ୍ରବ୍

ଅଳ୍ପଚିନିରେ ନଡ଼ିଆ ତେଲ କିମ୍ବା ମହୁ ମିଶାଇ ଓଠରେ ହାଲୁକା ହାତରେ ମସାଜ୍ କରନ୍ତୁ। ଏହାକୁ ଓଠରେ ତିରିଶ୍ ସେକେଣ୍ଡ ରଖି ଧୋଇ ଦିଅନ୍ତୁ।

### ଟୁଥ୍ ବ୍ରଶ୍

ଲିପ୍‌ବାମ୍ ଲଗାଇବା ପରେ ଏକ ନରମ ଟୁଥ୍‌ବ୍ରଶ୍‌କୁ ନେଇ ହାଲୁକା ହାତରେ ଓଠରେ ଘଷନ୍ତୁ। ଏହା ଓଠରେ ଥିବା ଅତିରିକ୍ତ ଶୁଷ୍କତା ତଥା ରୁକ୍ଷପଣକୁ ଦୂର କରିଥାଏ। ଏକ୍ସଫ୍ଲୋଏଟ୍‌ସ ପରେ ଓଠ ଚିକ୍କଣ ଦିଶିଥାଏ। ଏଥିରେ ଲିପ୍‌ଷ୍ଟିକ୍ ଦୀର୍ଘ ସମୟ ରହିଥାଏ।

### ଲିପବାମ୍ ବା ମଏଶ୍ଚରାଇଜର୍

ଓଠକୁ ହାଇଡ୍ରେଟ୍ ରଖିବା ଅବା ଲିପ୍‌ଷ୍ଟିକ୍‌ରୁ ଓଠକୁ ଏକ ସୁରକ୍ଷା ପରସ୍ତ ଦେବାପାଇଁ ଲିପବାମ୍ କିମ୍ବା ମଏଶ୍ଚରାଇଜର୍ ଲଗାଇପାରିବେ। ଏହାଦ୍ୱାରା ଲିପ୍‌ଷ୍ଟିକ୍‌ରେ ଥିବା ରାସାୟନିକ ପଦାର୍ଥ ସିଧାସଳଖ ଓଠକୁ କ୍ଷତି ପହଞ୍ଚାଏନି। ଓଠକୁ ସୁସ୍ଥ ରଖିଥାଏ।

### ବ୍ୟବହାର ପ୍ରକ୍ରିୟା

ଲିପ୍‌ଷ୍ଟିକ୍ ଲଗାଇବାର ପାଞ୍ଚମିନିଟ୍ ପୂର୍ବରୁ ଗାଢ଼ା ନନ୍ ଗ୍ରିସ୍ ଲିପ୍‌ଷ୍ଟିକ୍ ଲଗାଇପାରିବେ। ଓଠରେ ଲିପ୍‌ବାମ ଲଗାଇବା ପରେ ଅତିରିକ୍ତ ତେଲକୁ ଟିସ୍ୟୁ ପେପରରେ ଚିପକାଇ ଦିଅନ୍ତୁ। ନଚେତ୍ ଲିପ୍‌ଷ୍ଟିକ୍ ତଳକୁ ବହିବାର ସମ୍ଭବନା ଥାଏ। ଏହାପରେ ଲିପ୍‌ଷ୍ଟିକ୍ ଓ ଲିପ୍‌ଲାଇନର୍ ଲଗାଇ ଓଠକୁ ଏକ ଆକାର ଦେଇପାରିବେ।

# ପନିର୍ ସାଣ୍ଡୱିଚ୍

ମୋ ହାଣ୍ଡିଶାଳରୁ...




### ଆବଶ୍ୟକ ସାମଗ୍ରୀ

ପନିର୍ – ୨୦୦ ଗ୍ରାମ୍, ସ୍ଲାଇଜ୍ ବ୍ରେଡ – ଚାରୋଟି, କଟାପିଆଜ – ଅଧା କପ୍, କଟା କ୍ୟାପ୍‌ସିକମ୍ – ଅଧା କପ୍, କଟା ରସୁଣ - ଏକ ଚାମଚ, ମାୟୋନିଜ୍ – ଏକ ଚାମଚ, ଧନିଆ ପତ୍ର – ଅଳ୍ପ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ଗ୍ୟାସ୍ ଲଗାଇ କଡ଼େଇ ବସାଇ ପନିର୍‌କୁ ଭାଜି ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ। ଏହାପରେ କଡ଼େଇରେ ଅଳ୍ପ ତେଲ ଦେଇ ରସୁଣ, ପିଆଜ, କ୍ୟାପସିକମ୍, ଲୁଣ, ଚିଲି ଫ୍ଲେକ୍ସ, ଲଙ୍କାଗୁଣ୍ଡ, ପେରି ପେରି ମସଲା ସମେତ ଜିରା ଅଧା ଚାମଚ ପକାଇ ଭଲରେ ଗୋଳାଇ ଦିଅନ୍ତୁ। ଏହାପରେ ଭାଜି ରଖିଥିବା ପନିର୍‌କୁ ଦେଇ ସେଥିରେ ଏକ ଚାମଚ ମାୟୋନିଜ୍ ଓ ଧନିଆପତ୍ର ପକାଇ ମସଲା ପ୍ରସ୍ତୁତ କରନ୍ତୁ। ଏହାପରେ ଗୋଟିଏ ପ୍ଲେଟ୍‌ରେ ସ୍ଲାଇଜ୍ ବ୍ରେଡ଼ ନେଇ ତା' ଉପରେ ମାୟୋନିଜ୍ ଲଗାନ୍ତୁ। ଏହାପରେ ପ୍ରସ୍ତୁତ କରି ରଖିଥିବା ମସଲା ଷ୍ଟଫିଂକୁ ଦେଇ ଉପରେ ଆଉ ଏକ ବ୍ରେଡ୍ ରଖି ଚାପି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ପନିର୍ ସାଣ୍ଡୱିଚ୍'।

# ଶୀତ ପାଇଁ ଅମୁଲ ଫେସିଆଲ୍



ଶୀତଦିନେ ତ୍ୱଚା ଶୁଖିଲା ଦେଖାଯାଏ। ମୁହଁର ଚମକ ହଜିଯାଏ। ତେଣୁ ତ୍ୱଚାରେ ଚମକ ଆଣିବା ପାଇଁ ଅନେକ ଫେସ୍ ପ୍ୟାକ୍ ଲଗାଇଥାନ୍ତି। ଏପରି ସ୍ଥଳେ ଚାହିଁଲେ ଘରେ ମିଲ୍କ ପାଉଡର ବା ଅମୁଲ ଉପଯୋଗ କରି ଫେସ ପ୍ୟାକ୍ ଲଗାଇପାରିବେ। ଏଥିରେ ଆଣ୍ଟିଏଜିଙ୍ଗ୍ ଏବଂ କ୍ଲିନ୍‌ଜର୍ ଗୁଣ ଥାଏ, ଯାହା ତ୍ୱଚା ସମସ୍ୟା ଦୂର କରିଥାଏ।

### ଫେସ୍ କ୍ଲିନ୍

ଫେସିଆଲ୍ ପୂର୍ବରୁ ମୁହଁକୁ ପ୍ରଥମ ଭଲ ଭାବେ ଧୋଇଦିଅନ୍ତୁ। ଗୋଟିଏ ପାତ୍ରରେ ଏକ ଚାମଚ କଞ୍ଚାକ୍ଷୀର ନେଇ ଅଧାଚାମଚ ମିଲ୍କ ପାଉଡର ମିଶାନ୍ତୁ। ଏହାକୁ ମୁହଁରେ ଲଗାଇ ୧୦ ମିନିଟ୍ ରଖନ୍ତୁ। ମୁହଁଧୋଇବା ସମୟରେ ହାତ ସାହାଯ୍ୟରେ ହାଲୁକା ମସାଜ୍ କରନ୍ତୁ। ଏହା ଦ୍ୱାରା ତ୍ୱଚାରୁ ଡେଡ୍ ସ୍କିନ୍ ଦୂର ହୋଇଥାଏ।

### ଷ୍ଟିମ୍

କ୍ଲିଜିଂ ପରେ ଷ୍ଟିମ୍ ନେବା ନିହାତି ଜରୁରୀ। ଷ୍ଟିମ୍ ନେବା ପାଇଁ ଆପଣ ଯେ କୌଣସି ଷ୍ଟିମର୍ ବ୍ୟବହାର କରିପାରିବେ। ଏହାଛଡ଼ା ଘରେ ମଧ୍ୟ ଗରମପାଣି କରି ସେହି ବାମ୍ପକୁ ଷ୍ଟିମ୍ ଭାବେ ନେଇପାରିବେ। ଏହାଦ୍ୱାରା ତ୍ୱଚାର ସମସ୍ତ ଲୋମଛିଦ୍ର ଖୋଲିଯାଏ ଓ ତ୍ୱଚା ହାଇଡ୍ରେଟ୍ ରହେ।

### ସ୍କ୍ରବ୍

ସ୍କ୍ରବିଙ୍ଗ୍ କରିବା ପାଇଁ ଗୋଟିଏ ପାତ୍ରରେ ଅଧା ଚାମଚ ମିଲ୍କ ପାଉଡର, ଏକ ଚାମଚ ଚାଉଳ ଅଟା ଏବଂ ଦୁଇଚାମଚ କଞ୍ଚାକ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ ଭଲଭାବେ ସ୍କ୍ରବ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ଥିବା ଡେଡ୍ ସ୍କିନ୍ ବାହାରିଯାଏ, ତ୍ୱଚା ସଫା ରହେ।

### ମସାଜ୍

ଫେସିଆଲ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ମସାଜ୍। ଏଥିପାଇଁ ଗୋଟିଏ ପାତ୍ରରେ କିଛି ମିଲ୍କ ପାଉଡର ନିଅନ୍ତୁ। ସେଥିରେ ଅଳ୍ପ ମହୁ ଏବଂ ନଡ଼ିଆ ତେଲ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ୧୦ ମିନିଟ୍ ଲଗାଇ ରଖନ୍ତୁ। ମୁହଁ ଧୋଇବା ସମୟରେ ହାଲୁକା ହାତରେ ଏହାକୁ ମସାଜ୍ କରନ୍ତୁ। ଏହାଦ୍ୱାରା ତ୍ୱଚାରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ।

### ଫେସ୍‌ପ୍ୟାକ୍

ଶେଷରେ ତ୍ୱଚାରେ ଫେସପ୍ୟାକ୍ ଲଗାନ୍ତୁ। ଏହି ଫେସ୍‌ପ୍ୟାକ୍ ପ୍ରସ୍ତୁତ ପାଇଁ ଗୋଟିଏ ପାତ୍ରରେ ଏକ ଚାମଚ ମିଲ୍କ ପାଉଡର, ଏକ ଚାମଚ ଚନ୍ଦନ ପାଉଡର, ଏକ ଚାମଚ ବେସନ, ଦହି ଓ ମହୁ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ପରେ ପାଣିରେ ତ୍ୱଚାକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁର ଶୁଷ୍କତା ଦୂର ହୁଏ ଏବଂ ତ୍ୱଚାରେ ଚମକ ଆସିଥାଏ।

# ଘରେ ବନାନ୍ତୁ କଫି କର୍ଣ୍ଣର

ସାଧାରଣତଃ ଶୀତ ଦିନେ କଫି , ଚା' ପିଇବାକୁ ସମସ୍ତେ ପସନ୍ଦ କରନ୍ତି। ଏଥିପାଇଁ ଅନେକ କାଫେ, ରେସ୍ତୋରା ଯାଇ କଫି ପିଅନ୍ତି; କିନ୍ତୁ ଚାହିଁଲେ ଘରେ ମଧ୍ୟ ଏକ ଶାନ୍ତ ପରିବେଶ କିମ୍ବା କଫି କର୍ଣ୍ଣର ପ୍ରସ୍ତୁତ କରିପାରିବେ। ଏଠାରେ ଶୀତଦିନେ ବସି କଫି ପିଇବାର ଆନନ୍ଦ ନେଇପାରିବେ।



### ସ୍ଥାନ ଚୟନ

କଫି କର୍ଣ୍ଣର ତିଆରି ପାଇଁ ପ୍ରଥମେ ଘରର ଗୋଟିଏ କୋଣ ବାଛିବାକୁ ପଡ଼ିଥାଏ। ଘରେ ବେଡ୍ ରୁମ୍ ବଡ଼ ଥିଲେ ଶୋଇବା ଘରେ ମଧ୍ୟ ଏହା ତିଆରି କରିପାରିବେ। ନଚେତ୍ ରୋଷେଇ ଘର ବଡ଼ ଥିଲେ ଏହା କରିପାରିବେ। ଏଥିପାଇଁ ଛୋଟ ବହି ଥାକ ବ୍ୟବହାର କରି ଏହାକୁ କଫି ଷ୍ଟେସନ ଲୁକ୍ ଦେଇପାରିବେ।

### ସାଜସଜ୍ଜା

ନିଜ ସୁବିଧା ଅନୁସାରେ ଥାକ, ଛୋଟ ଚେୟାର୍ ଏବଂ ଟି - ପଏ ରଖିପାରିବେ। ଏହି କର୍ଣ୍ଣରକୁ ଅଧିକ ସୁନ୍ଦର ବା ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଏଥିରେ ବିଭିନ୍ନ ସୋ, ପିସ ରଖିପାରିବେ। ସେହିପରି ଚେୟାରକୁ ସୁନ୍ଦର କରିବା ପାଇଁ ଷ୍ଟାଇଲ ପିଲୋ, ଜାର୍, ମାଟିପାତ୍ର ଆଦି ରଖିପାରିବେ।

### ବହି ଏବଂ ମହମବତୀ

ବହି ବିନା କଫି ଟେବୁଲ ଅଧୁରା। ନିଜ ପସନ୍ଦ ତଥା ରୁଚି ଅନୁଯାୟୀ କିଛି ପୁସ୍ତକ ରଖିପାରିବେ। ସେହିପରି ଚାହିଁଲେ ଏହାକୁ ଆଲୋକିତ କରିବା ପାଇଁ ସୁଗନ୍ଧ ମହମବତୀ ଲଗାଇପାରିବେ।

### ମୁଲାନପୁରରେ ଦ୍ୱିତୀୟ ଟି-୨୦ ଆଜି

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ




**ମୁଲାନପୁର, ନ୍ୟୁ ଚଣ୍ଡିଗଡ଼, ୧୦।୧୨ (ଏଜେନ୍ସି):** କଟକର ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଟି-୨୦ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭାରତ ୧୦୧ ରନ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ଏହି ବିଜୟ ଖେଳାଳିଙ୍କ ମନୋବଳକୁ ବଢ଼ାଇଦେଇଛି। ଏଭଳି ସମୟରେ ଆସନ୍ତାକାଲି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ନୂଆକରି ଗଠିତ ନ୍ୟୁ ଚଣ୍ଡିଗଡର ମୁଲାନପୁରରେ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତି ଭାରତ ୨-୦ରେ ଅଗ୍ରଣୀ ନେବା ସହ ବିଜୟଧାରା ବଜାୟ ରଖିବା ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ। ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ୨୭ଟି ମ୍ୟାଚ୍ ଜିତିଥିବା ବେଳେ ମାତ୍ର ୪ଟି ହାରିଛି। ଉକ୍ତ ଫାଇନାଲ ମ୍ୟାଚ୍ ହାରିବା ପରଠାରୁ ଦକ୍ଷିଣ ଆଫ୍ରିକା ମାତ୍ର ୯ଟି ଟ୍ୱେଣ୍ଟି୨୦ ଜିତିଥିବା ବେଳେ ୧୭ଟି ମ୍ୟାଚ୍ ହାରିଛି। ଏଥିରୁ ସ୍ପଷ୍ଟ ଯେ ବିଶ୍ୱ ଚାମ୍ପିଅନ୍ ଭାରତୀୟ ଟି୨୦ ଦଳ କେତେ ଶକ୍ତିଶାଳୀ ରହିଛି।

ବିଶ୍ୱର ୧ନଂ ଦଳ ବିଦେଶରେ ବହୁତ ଭଲ ପ୍ରଦର୍ଶନ କରିଛି। ତେଣୁ ଘରୋଇ ବାତାବରଣରେ ଏହା ପ୍ରାୟ ଅପରାଜେୟ ମନେହେଉଛି। ପ୍ରଥମଥର ଆନ୍ତର୍ଜାତିକ ଭେନ୍ୟୁର ମାନ୍ୟତା ପାଇଥିବା ନ୍ୟୁ ଚଣ୍ଡିଗଡ଼ ଷ୍ଟାଡିୟମ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ଭାରତ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଚଳିତ ସିରିଜରେ ଭ୍ରମଣକାରୀ ଦଳ ଉଭୟ ଟେଷ୍ଟ ଜିତିବା ପରେ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ୧-୨ରେ ହାରିଥିଲା। ଏହା ପରେ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ହାରିଯିବାରେ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତି ଶୃଙ୍ଖଳାକୁ ୧-୧ କରିବାର ଲକ୍ଷ୍ୟ ରଖିଛି। ଏହି ମ୍ୟାଚ୍ ହାରିଗଲେ ବା ଦଳ ୦-୨ରେ ପଛରେ ରହିଲେ ସିରିଜରେ ପ୍ରତ୍ୟାବର୍ତ୍ତନ କରିବା କଷ୍ଟକର। ଅନ୍ୟ ପକ୍ଷରେ ଭାରତ ସବୁ ସ୍ଥିତିରେ ନଂ-୧ ଦଳ ଭଳି ଖେଳୁଛି। ମଙ୍ଗଳବାର କଟକରେ ଭାରତ ଏହା ଦେଖାଇଥିଲା। ଦଳ ନିୟମିତ ୱିକେଟ୍ ହରାଇଥିଲେ ହେଁ ବ୍ୟାଟ୍‌ସମ୍ୟାନ ସଟ୍ ଖେଳିବାରୁ ବିରତ ହୋଇନଥିଲେ। ଫଳରେ ଭାରତ ୧୭୫ ରନ୍ ଛିଡ଼ା କରାଇ ପାରିଥିଲା। ଉଭୟ ଦଳଙ୍କ ମଧ୍ୟରେ ଗତ ୭ଟି ମ୍ୟାଚ୍‌ରୁ ଭାରତ ୬ଟି ଜିତିଛି। ତେଣୁ ନ୍ୟୁ ଚଣ୍ଡିଗଡ଼ ମ୍ୟାଚ୍ ଜିତିବା ଲାଗି ଭାରତକୁ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଉଛି। ଆସନ୍ତାବର୍ଷର ଟି-୨୦ ବିଶ୍ୱକପ୍ ଲାଗି ଭାରତ ଚମତ୍କାର ଢଙ୍ଗରେ ଆଗକୁ ବଢ଼ିଛି। ଉପମହାଦେଶରେ ଭାରତ ଅପରାଜେୟ ମନେହେଉଛି। ଟି-୨୦ ବିଶ୍ୱକପ୍ ପୂର୍ବରୁ ଘରୋଇ ଦଳକୁ ଆଉ ୯ଟି ମ୍ୟାଚ୍ ଖେଳିବାର ଥିବାରୁ ବିଜୟ ଧାରା ବଜାୟ ରଖିବାକୁ ଚାହିଁବ। କଟକରେ ଦକ୍ଷିଣ ଆଫ୍ରିକା ଇନିଂସର ପ୍ରଥମ ଓଭର ହିଁ ଦର୍ଶାଇଥିଲା ଯେ ପୂରା ଇନିଂସରେ କ'ଣ ହେବାକୁ ଯାଉଛି। କ୍ୱିଣ୍ଟନ ଡି କକ୍ ପ୍ରଥମ ଓଭରରେ ଆଉଟ୍ ହେବା ଦକ୍ଷିଣ ଆଫ୍ରିକା ପାଇଁ ଶକ୍ତ ଧକ୍କା ଥିଲା। ଅଭିଜ୍ଞ ଡି କକ୍ ଭାରତ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶତକ ଅର୍ଜନ କରିଥିଲେ। ଦକ୍ଷିଣ ଆଫ୍ରିକାର ବ୍ୟାଟିଂ ଡି କକ୍ ଓ ମାରକ୍ରମଙ୍କ ଉପରେ ଅଧିକ ନିର୍ଭର କରିବ। ଦୁଇ ମଧ୍ୟକ୍ରମ ବ୍ୟାଟର୍‌ର ଟ୍ରିଷ୍ଟନ୍ ଷ୍ଟବ୍‌ସ ଓ ଡିୱାଲ୍ଡ ବ୍ରେଭିସ୍ ଭଲ ଫର୍ମରେ ଅଛନ୍ତି। ଅଭିଜ୍ଞ ଡେଭିଡ୍ ମିଲର ଫିନିସର ଭୂମିକା ନିର୍ବାହ କରିବେ। ଯଶପ୍ରୀତ ବୁମ୍‌ରା ଭାରତର ମ୍ୟାଚ୍ ବିଜେତା ବୋଲର। ହେଲେ କଟକରେ ଅର୍ଶଦୀପ ନୂଆ ବଲ୍‌ରେ ଯେପରି ବୋଲିଂ କଲେ; ତାହା ଭାରତକୁ ଉତ୍ସାହିତ କରିଛି। ଭାରତ ପାଇଁ ସର୍ବାଧିକ ଟି୨୦ ୱିକେଟ୍ ନେଇଥିବା ଅର୍ଶଦୀପ ବଲ୍‌କୁ ସ୍ୱିଙ୍ଗ୍ କରିଥିଲେ। ଭାରତ ଅପରିବର୍ତ୍ତିତ ଏକାଦଶ ନେଇ ଓହ୍ଲାଇପାରେ। ଫଳରେ କୁଲଦୀପ ଯାଦବଙ୍କୁ ପୁଣି ବସିବାକୁ ପଡ଼ିବ। ଦକ୍ଷିଣ ଆଫ୍ରିକା ନିଶ୍ଚୟ କିଛି ପରିବର୍ତ୍ତନ କରିପାରେ। ବ୍ୟାଟିଂକୁ ମଜଭୁତ କରିବା ପାଇଁ ପେସ୍ ବୋଲର ଲୁଥୋ ସିପାମ୍‌ଲାଙ୍କ ସ୍ଥାନରେ ଅଲ୍‌ରାଉଣ୍ଡର କର୍ବିନ୍ ବୋଶ୍ ଖେଳିପାରନ୍ତି। ଅଲ୍‌ରାଉଣ୍ଡର ଡୋନୋଭାନ ଫରେରାଙ୍କ ସ୍ଥାନରେ ବ୍ୟାଟ୍‌ସମ୍ୟାନ ରିଜା ହେଣ୍ଡ୍ରିକ୍‌ସଙ୍କୁ ଖେଳାଇବା କଥା ଦକ୍ଷିଣ ଆଫ୍ରିକା ଚିନ୍ତା କରିପାରେ। ଉଚ୍ଚ ଗ୍ୟାଲେରୀ ନ ଥିବାରୁ ନ୍ୟୁ ଚଣ୍ଡିଗଡ଼ ଗ୍ରାଉଣ୍ଡରେ ସେତେ କାକରର ପ୍ରଭାବ ରହିବ ନାହିଁ। ଆଉ ମାତ୍ର ଗୋଟିଏ ୱିକେଟ୍ ନେଲେ ହାର୍ଦିକ ପାଣ୍ଡ୍ୟା ତୃତୀୟ ଭାରତୀୟ ଭାବେ ଆନ୍ତର୍ଜାତିକ ଟି-୨୦ରେ ୧୦୦ ୱିକେଟ୍ ପୂରଣ କରିବେ। ନ୍ୟୁ ଚଣ୍ଡିଗଡ଼ର ପିଚ୍ ବ୍ୟାଟିଂ ସହାୟକ ହେବ। ପିଚ୍ ଶୁଖିଲା ଥିବାରୁ ଏବଂ କାକରର କମ୍ ପ୍ରଭାବ ହେବାର ଥିବାରୁ ଏଠାରେ ଅଧିକ ରନ୍ ହୋଇପାରେ। ଉଭୟ ଦଳ ଟସ୍ ଜିତି ପ୍ରଥମ ବ୍ୟାଟିଂକରି ବଡ଼ ସ୍କୋର୍ କରିବାକୁ ଚାହିଁବେ।

ଚାରି ବର୍ଷ ତଳେ ନ୍ୟୁ ଚଣ୍ଡିଗଡ଼ ବା ମୁଲାନ୍‌ପୁରରେ ଏହି ଷ୍ଟାଡିୟମ୍ ନିର୍ମିତ ହୋଇଥିଲା। ଅଦ୍ୟାବଧି ଏଠାରେ କୌଣସି ପୁରୁଷ ଆନ୍ତର୍ଜାତିକ ମ୍ୟାଚ୍ ଖେଳା ଯାଇନାହିଁ। ତଥାପି ଏହା ପଞ୍ଜାବ କିଙ୍ଗ୍‌ସର ଘରୋଇ ଗ୍ରାଉଣ୍ଡ ହୋଇଥିବାରୁ ଏଠାରେ ଅଧିକାଂଶ ଭାରତୀୟ କ୍ରିକେଟର ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି।

## ବାରବାଟୀରେ ବରୁଣଙ୍କ ଅଭ୍ୟାସ



**କଟକ,୧୦।୧୨(ସମିସ):** ମଙ୍ଗଳବାର ବାରବାଟୀରେ ଦକ୍ଷିଣଆଫ୍ରିକାକୁ ଧୂଳି ଚଟାଇ ପ୍ରଥମ ବିଜୟ ହାସଲ କରିଥିବା ଭାରତୀୟ ଦଳ ଆଜି ଚଣ୍ଡୀଗଡ ଅଭିମୁଖେ ଯାତ୍ରା କରିଛି। ତେବେ ଦଳ ଓଡ଼ିଶା ଛାଡ଼ିବା ପୂର୍ବରୁ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଜି ପୂର୍ବାହ୍ନରେ ଅକସ୍ମାତ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଥିଲେ। ୮.୩୦ରେ ବାରବାଟୀରେ ପହଞ୍ଚିଥିଲେ ବରୁଣ। ପ୍ରାୟ ୪୫ ମିନିଟ ଧରି ସ୍ପିନ୍ ବୋଲିଂ ଅଭ୍ୟାସ କରିବା ପରେ ୯.୨୫ରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ। ବରୁଣ ବାରବାଟୀ ଆସୁଥିବା ଜଣାପଡ଼ିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ ଏବଂ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ନିଜସ୍ୱ ଇଚ୍ଛାରେ ବରୁଣ ବାରବାଟୀକୁ ଆସି ଅଭ୍ୟାସ କରିଛନ୍ତି ବୋଲି ଓସିଏ ସିଇଓ ସୁବ୍ରତ କୁମାର ବେହେରା କହିଛନ୍ତି।

■ **ଆଇସିସି ର୍‍ୟାଙ୍କିଙ୍ଗ୍**

## ରୋହିତ ନଂ-୧, କୋହଲି ନଂ-୨

**ଦୁବାଇ,୧୦।୧୨(ଏଜେନ୍ସି):** ସର୍ବଶେଷ ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ନଂ-୧ରେ ଥିବା ଭାରତର ରୋହିତ ଶର୍ମାଙ୍କ ନିକଟତର ହୋଇଛନ୍ତି ବିରାଟ କୋହଲି। ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ର୍‍ୟାଙ୍କିଙ୍ଗ୍‌ରେ ୭୮୧ ପଏଣ୍ଟ ରଖି ରୋହିତ ପ୍ରଥମ ଓ ୭୭୮ ପଏଣ୍ଟରେ କୋହଲି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରଶିଦ୍ ଖାନ୍ ବୋଲିଂରେ ପ୍ରଥମରେ ରହିଛନ୍ତି। ଟି-୨୦ ବ୍ୟାଟିଂରେ ଅଭିଷେକ ଶର୍ମା ଓ ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ପ୍ରଥମ ସ୍ଥାନରେ ଅଛନ୍ତି। ଟେଷ୍ଟ ବ୍ୟାଟିଂରେ ଜୋ ରୁଟ୍ ଓ ବୋଲିଂରେ ଯଶପ୍ରୀତ୍ ବୁମ୍‌ରା ନଂ-୧ ସ୍ଥାନରେ ରହିଛନ୍ତି। ଟେଷ୍ଟ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ ନଂ-୧, ଦିନିକିଆ ଓ ଟି-୨୦ରେ ଭାରତ ନଂ-୧ ସ୍ଥାନରେ ରହିଛି।

## କିଟ୍‌କୁ ସିଆଇଆଇ ପୁରସ୍କାର

**ଭୁବନେଶ୍ୱର,୧୦।୧୨(ସମିସ):** ସମ୍ମାନଜନକ ସିଆଇଆଇ ସ୍ପୋର୍ଟ୍ସ ବିଜନେସ ପୁରସ୍କାର-୨୦୨୫ ଆଜି ପ୍ରଦାନ କରାଯାଇଛି। ସ୍ପୋର୍ଟ୍ସ ଷ୍ଟାଡିୟମ୍/ଆରେନା କାଟାଗୋରୀରେ କିଟ୍ ଡିମ୍‌ଡ ୟୁନିଭର୍ସିଟିକୁ ଶ୍ରେଷ୍ଠ ପୁରସ୍କାର ମିଳିଛି। ଭାରତରେ କିଟ୍ କ୍ରୀଡ଼ାକ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ପ୍ରୋତ୍ସାହନ ଦେବାରେ ଯେଉଁ କାର୍ଯ୍ୟ କରିଆସୁଛି ତାହା ଏହି ପୁରସ୍କାର ଦ୍ୱାରା ସ୍ୱୀକୃତି ପ୍ରଦାନ କରାଯାଇଛି। ଏହା ପୂର୍ବରୁ କେନ୍ଦ୍ରୀୟ ସଂଗଠନ ଦ୍ୱାରା କିଟ୍ ଏକାଧିକଥର ପୁରସ୍କୃତ ହୋଇଛି।

## ଖେଲୋ ଇଣ୍ଡିଆ ବାସ୍କେଟ୍ ବଲରେ ଭାଗନେବେ ୧୪ ଟିମ୍

**ଭୁବନେଶ୍ୱର, ୧୦।୧୨ (ସମିସ):** କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ, ଭାରତ ଓ ଓଡ଼ିଶା ବାସ୍କେଟବଲ ସଂଘ ଆନୁକୂଲ୍ୟରେ ରାଜ୍ୟର ୧୪ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଟିମ୍‌କୁ ନେଇ ଅସ୍ମିତା ଖେଲୋ ଇଣ୍ଡିଆ ବାସ୍କେଟବଲ ଲିଗ୍ ଆୟୋଜିତ ହେବ। ମଦର୍ସ ପବ୍ଲିକ୍ ସ୍କୁଲ୍ ବାସ୍କେଟବଲ କୋର୍ଟରେ ଆସନ୍ତାକାଲିଠାରୁ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଚାମ୍ପିଅନ ହୋଇଥିବା ଦଳକୁ ଟ୍ରଫି ସହ ୧୦,୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

### ଅନମୋଲ୍‌ଙ୍କ ଦମଦାର୍ ଗୋଲ୍

## ଭାରତକୁ କାଂସ୍ୟ, ଜର୍ମାନୀକୁ ସ୍ୱର୍ଣ୍ଣ

**ଚେନ୍ନଇ,୧୦।୧୨(ଏଜେନ୍ସି):** ଆର୍ଜେଣ୍ଟିନାକୁ ୪-୨ ଗୋଲରେ ପରାସ୍ତ କରି ଆୟୋଜକ ଭାରତ ଏଠାରେ ଆଜି ଶେଷ ହୋଇଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ଐତିହାସିକ କାଂସ୍ୟ ପଦକ ହାସଲ କରିଛି। ସେହିପରି ଜର୍ମାନୀ ୩-୨ ପେନାଲ୍ଟି ସୁଟ୍‌ଆଉଟ ଗୋଲରେ ସ୍ପେନ୍‌କୁ ହରାଇ ଟାଇଟଲ ବଜାୟ ରଖିଛି। ସେମିରେ ଭାରତ ଚାମ୍ପିଅନ ଜର୍ମାନୀଠାରୁ ହାରିଥିଲା। ଭାରତର ଏହି କାଂସ୍ୟ ପଦକ ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ପ୍ରତ୍ୟେକ ଖେଳାଳିଙ୍କୁ ୫ ଲକ୍ଷ ଲେଖାଏଁ ଓ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ଲେଖାଏଁ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରାଯାଇଛି। ଭାରତୀୟ ଦଳରେ ଓଡ଼ିଶାରୁ ରୋଶନ କୁଜୁର, ଅନ୍‌ମୋଲ ଏକ୍କା, ଆଡ୍ରୋହିତ ଏକ୍କା ସାମିଲ ଥିଲେ। କିମ୍ବଦନ୍ତୀ ଖେଳାଳି ବୀରେନ୍ଦ୍ର ଲାକ୍ରା ଦଳର କୋଚ୍ ମଧ୍ୟ ଅଛନ୍ତି।





ଖେଳାଳିଙ୍କୁ ୫, ସପୋର୍ଟ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ପୁରସ୍କାର

କାଂସ୍ୟ ପଦକ ମୁକାବିଲାରେ ନିକୋଲସ ରୋଡ୍ରିଗ୍ୱେଜ୍ ଓ ସାଣ୍ଟିଆଗୋ ଫର୍ଣ୍ଣାଣ୍ଡିଜ୍ ଗୋଲ ଦେଇ ଆର୍ଜେଣ୍ଟିନାକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଭାରତ ଶେଷ କ୍ୱାର୍ଟରରେ ୪ଟି ଯାକ ଗୋଲ ଦେଇଥିଲା। ଅଙ୍କିତ ପାଲ, ମନ୍‌ମିତ ସିଂହ ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ଦେଇ ଖେଳକୁ ସମାନସ୍ତରକୁ ଆଣିଥିଲେ। ଶାରଦାନନ୍ଦ ତିୱାରୀ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଗୋଲ ଦେଇ ଭାରତକୁ ୩-୨ରେ ଅଗ୍ରଣୀ କରାଇଥିଲେ। ୫୮ତମ ମିନିଟ୍‌ରେ ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଦମ୍‌ଦାର ଗୋଲ ଦେଇ ଦଳକୁ ଜିତାଇଥିଲେ।

## ରାଜ୍ୟସ୍ତରୀୟ ପାରାବ୍ୟାଡ୍‌ମିଣ୍ଟନ ୨୬ରୁ

**ଭୁବନେଶ୍ୱର, ୧୦।୧୨ (ସମିସ):** ନୟାପଲ୍ଲୀସ୍ଥିତ ପୁରୁଣା କ୍ରୀଡ଼ା ନିର୍ଦ୍ଦେଶାଳୟ ପରିସରରେ ଥିବା ଇଣ୍ଡୋର ହଲ ପରିସରରେ ଦୁଇ ଦିନିଆ ରାଜ୍ୟ ପାରାବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଚଳିତମାସ ୨୬ ଓ ୨୭ ତାରିଖ ଦୁଇଦିନ ଧରି ଖେଳାଯିବ। ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟର ଉପଲବ୍ଧ ସମସ୍ତ ଅନ୍ତର୍ଜାତୀୟ, ଜାତୀୟ ଓ ନବାଗତ ଖେଳାଳିଙ୍କୁ ନେଇ ଆୟୋଜିତ ହେବ। ଦିବ୍ୟାଙ୍ଗ ଖେଳାଳିଙ୍କ ମଧ୍ୟରେ ହୁଇଲଚେୟାର, ଗୋଡ଼ର ଭିନ୍ନକ୍ଷମତା, ହାତର ଭିନ୍ନକ୍ଷମତା ଓ କମ୍ ଉଚ୍ଚତାବିଶିଷ୍ଟ କାଟାଗୋରୀରେ ଖେଳାଯିବ। ଡିସେମ୍ବର ୨୨ ତାରିଖ ସୁଦ୍ଧା ପାରାବ୍ୟାଡ୍‌ମିଣ୍ଟନ କୋଚ୍ ଶିବପ୍ରସାଦ ଦାସ୍‌ଙ୍କ ସହ ଫୋନ ନଂ- ୯୮୬୧୦-୮୯୯୭୦ ସହ ଯୋଗାଯୋଗ କରି ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଖେଳାଳିମାନେ ପଞ୍ଜୀକରଣ କରିପାରିବେ।

## ଭୁବନେଶ୍ୱରରେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

**ଭୁବନେଶ୍ୱର, ୧୦।୧୨ (ସମିସ):** ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଆସନ୍ତା ୨୧ ତାରିଖରେ ଜିଲ୍ଲାସ୍ତରୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଆୟୋଜନ ହେବ। ସକାଳ ୧୦ରେ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଏଥିରେ ସିନିଅର, ଜୁନିଅର, ସବ୍-ଜୁନିଅର, ୧୦ ଓ ୮ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ପ୍ରତିଯୋଗିତା ଆୟୋଜନ ହେବ। ୮ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ କେବଳ ଫ୍ଲୋର ଏକ୍ସରସାଇଜ ଓ ବାଲାନ୍ସିଂ ବିମ୍, ସବ-ଜୁନିଅରରେ ଜିଏଫ୍‌ଆଇ ରୁଲ ଏବଂ ଜୁନିଅର ଓ ସିନିଅରରେ ଏଫ୍‌ଜିଆଇ ରୁଲ୍ ହିସାବରେ ପ୍ରତିଯୋଗିତା ଆୟୋଜନ ହେବ। ଆସୋସିଏସନର ସମ୍ପାଦକ ନରେନ୍ଦ୍ର କୁମାର ସେଠୀ ଭୁବନେଶ୍ୱରର ସମସ୍ତ ଜିମ୍ନାଷ୍ଟଙ୍କୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୂଚନା ଦେଇଛନ୍ତି। ଅଧିକ ବିବରଣୀ ପାଇଁ ୯୪୩୮୫୦୪୯୧୫, ୯୪୩୭୯୩୪୦୨୪, ୯୪୩୭୨୮୨୧୨୩ ନଂ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

■ **କୁଚ୍‌ବିହାର ଟ୍ରଫି**

## ଓଡ଼ିଶା ବିପକ୍ଷରେ ଶିବାନନ୍ଦଙ୍କ ଦ୍ୱିଶତକ, କ୍ରିଷ୍ଣନଙ୍କ ଶତକ

**ବଲାଙ୍ଗିର, କଟକ, ୧୦।୧୨(ସମିସ):** ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ୍‌ରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର କର୍ଣ୍ଣାଟକ ବିପକ୍ଷ ଚତୁର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଦୟନୀୟ ପ୍ରଦର୍ଶନ କରିଛି। ଗତକାଲି ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଓଡ଼ିଶା ପ୍ରଥମ ଇନିଂସରେ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ଅଭୀରୂପ ଦାସ ୩୯ ଓ ଆଦିତ୍ୟରଞ୍ଜନ ରାୟ ୩୧ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଅକ୍ଷତ ପ୍ରଭାକର ୫ଟି ଓ ଇଶା ପୁଥିଗେ ୩ଟି ୱିକେଟ ନେଇ ଓଡ଼ିଶାର ବ୍ୟାଟିଂକୁ ଧ୍ୱଂସ କରିଦେଇଥିଲେ। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କର୍ଣ୍ଣାଟକ ପ୍ରଥମ ଇନିଂସରେ ମାତ୍ର ୩ ୱିକେଟ ହରାଇ ୪୧୨ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ମଣିକଣ୍ଠ ଶିବାନନ୍ଦ ୨୨୭ ଓ ଧ୍ରୁବ କ୍ରିଷ୍ଣନ ୧୦୫ ରନ୍ କରି ଓଡ଼ିଶାକୁ ଦୟନୀୟ ସ୍ଥିତିକୁ ନେଇଯାଇଥିଲେ।

## ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ରେ ଖେଳିବେ ୧୨ ଦଳ

**ଭୁବନେଶ୍ୱର, ୧୦।୧୨ (ସମିସ):** ଓଡ଼ିଶା ଚେସ୍‌ରେ ଗୋଟିକ ପରେ ଗୋଟିଏ ନୂଆ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଛି। ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ର ସଫଳତା ପରେ ଏବେ ଅଲ୍‌ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ)ର ପକ୍ଷରୁ ଓଡ଼ିଶା ଜିଲ୍ଲା ଚେସ୍ ପ୍ରିମିୟର ଲିଗ୍‌ର ଆୟୋଜନ କରାଯାଇଛି। ଡିସେମ୍ବର ୧୯ ଓ ୨୦ ତାରିଖ ଦୁଇଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଜିଲ୍ଲା ଅଂଶଗ୍ରହଣ କରିବେ। ଏହି ଜିଲ୍ଲାଗୁଡିକ ହେଲେ ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ପୁରୀ, ଗଞ୍ଜାମ, ସୋନପୁର, ବରଗଡ଼, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡା ଓ ଢେଙ୍କାନାଳ ଜିଲ୍ଲା ଅଂଶଗ୍ରହଣ କରିବେ। କିନ୍ତୁ ଚେସ୍ ଖେଳର ପେଣ୍ଠସ୍ଥଳୀ ଖୋର୍ଦ୍ଧା ଓ କଟକ ଜିଲ୍ଲା ଏଥିରେ ଭାଗ ନେଉନାହାନ୍ତି। ନିଲାମି ମାଧ୍ୟମରେ ଜିଲ୍ଲା ଦଳ ଗୁଡିକ ଆଜି ଟିମ୍ କିଣିଛନ୍ତି। ଏଥିରେ ଭାଗନେବାକୁ ରାଜ୍ୟର ୧୧୮ ଜଣ ଖେଳାଳି ପଞ୍ଜୀକରଣ କରିଥିଲେ। ତାହା ମଧ୍ୟରୁ ପ୍ରତ୍ୟେକ ଜିଲ୍ଲା ୫ ଜଣ ଲେଖାଏଁ ଖେଳାଳିଙ୍କୁ କିଣିଥିଲେ ବୋଲି ଏଓସିଏ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।



### ଓଡ଼ିଶା ମାଷ୍ଟର୍ସ ୨୦୨୫

## ମାନଭ, ଉନ୍ନତିଙ୍କ ସହଜ ବିଜୟ

**କଟକ,୧୦।୧୨(ସମିସ):** ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୫ ଜାରି ରହିଛି। ଆଜି ଖେଳାଯାଇଥିବା ପୁରୁଷ ସିଙ୍ଗିଲ୍ସ ରାଉଣ୍ଡ-୬୪ର ପ୍ରଥମ ମୁକାବିଲାରେ ଭାରତର ଦୁଇ ପ୍ରତିଦ୍ୱନ୍ଦୀ ସାମ୍ନାସାମ୍ନି ହୋଇଥିଲେ। ଆଦିତ୍ୟ ଦିୱାକର ପ୍ରଥମ ସେଟ୍‌କୁ ୨୧-୧୯ରେ ଜିତିଥିବା ବେଳେ ଅବଶିଷ୍ଟ ଦୁଇ ସେଟ୍‌କୁ ଯଥାକ୍ରମେ ୨୧-୧୩ ଏବଂ ୨୧-୧୬ ପଏଣ୍ଟରେ ବିଜୟ ହୋଇ ରାଜେଶ ଶ୍ରୀକର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। କୋର୍ଟ-୧ରେ ଭାରତର ମାନଭ ଚୌଧୁରୀ ଏବଂ ଅଷ୍ଟ୍ରେଲିଆର ଏରେମ୍ ଷ୍ଟିଫେନ୍‌ଙ୍କ ମଧ୍ୟରେ ଆଜିର ଦ୍ୱିତୀୟ ମୁକାବିଲା ହୋଇଥିଲେ। ମାନବ ୨୧-୧୮ ଏବଂ ୨୧-୧୬ ପଏଣ୍ଟରେ ଦୁଇଟି ଯାକ ସେଟ୍‌ରେ ବିଜୟୀ ହୋଇ ରାଉଣ୍ଡ-୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି।




ଥାଇଲାଣ୍ଡର ଟାନାଡନ୍ ଏବଂ ଫୁଙ୍ଗଫାଙ୍କ ଯୋଡି ସହ ଭାରତର ରୋହିତ ମାରିସ୍ୱାମୀ ଏବଂ ରିଦ୍ଧି କୌରଙ୍କ ଭିତରେ ମିକ୍ସଡ ଡବଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତୀୟ ଯୋଡ଼ିଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ଥାଇଲାଣ୍ଡ ପ୍ରତିଦ୍ୱନ୍ଦୀ ଟାନାଡନ୍ ଏବଂ ଫୁଙ୍ଗଫା ୨୧-୧୫, ୨୧-୧୧ରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗିଲ୍ସ ରାଉଣ୍ଡ-୩୨ର ମ୍ୟାଚ୍‌ରେ ଭାରତୀୟ ପ୍ରତିଯୋଗୀ ଅନୁପମା ଉପାଧ୍ୟାୟ ୨୧-୧୪, ୨୧-୧୩ରେ ଇଣ୍ଡୋନେସିଆର ଆଘାନିଆ ପୁଟେରୀଙ୍କୁ ପରାସ୍ତ କରିଛନ୍ତି। ଏହି ରାଉଣ୍ଡର ଅନ୍ୟ ଏକ ମ୍ୟାଚ୍‌ରେ ଉନ୍ନତି ହୁଡାଙ୍କୁ ମଧ୍ୟ ସହଜ ବିଜୟ ମିଳିଥିଲା। ଭାରତୀୟ ପ୍ରତିଯୋଗୀ ଉନ୍ନତି ୨୧-୧୨, ୨୧-୧୮ ରେ ୟୁଏଇର ପ୍ରକ୍ରୀତି ଭାରତଙ୍କୁ ହରାଇଥିଲେ। ଅନ୍ୟ ଭାରତୀୟ ପ୍ରତିଯୋଗୀଙ୍କ ଭିତରେ ମହିଳା ସିଙ୍ଗିଲ୍ସରେ ଆଦିତି ଭଟ୍ଟ, ଆକର୍ଷି କାଶ୍ୟପ, ପୁରୁଷ ସିଙ୍ଗିଲ୍ସରେ ଆର୍ଯ୍ୟ ଭିବପାଠକ, କିରଣ ଜର୍ଜ, ବରୁଣ କାପୁର, ପୁରୁଷ ଡବଲ୍ସରେ ଭାର୍ଗବ ରାମ, ବିଶ୍ୱ ତେଜଙ୍କୁ ବିଜୟ ମିଳିଛି।

■ **ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆଜିଠାରୁ**

## ଚାମ୍ପିଅନଙ୍କୁ ୨ଲକ୍ଷ, ମୋଟ ପୁରସ୍କାର ୪.୫୫ ଲକ୍ଷ

**ଭୁବନେଶ୍ୱର, ୧୦।୧୨ (ସମିସ):** ବଛା ବଛା ୮ଟି ଦଳକୁ ନେଇ ରାଜ୍ୟସ୍ତରୀୟ ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆସନ୍ତାକାଲିଠାରୁ ଆରମ୍ଭ ହେବ। ରାଜ୍ୟର ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ଭୁବନେଶ୍ୱରର କ୍ଲବ୍-୭୩ ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୧୪ ତାରିଖଯାଏ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୨ ଲକ୍ଷ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ସହ ମୋଟ ୪,୫୫,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି କ୍ଲବ୍‌ର ସମ୍ପାଦକ ସୁବ୍ରତ ପଟ୍ଟନାୟକଙ୍କଠାରୁ ପ୍ରକାଶ। ଆସନ୍ତାକାଲି ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ କଟକର ଦୁଇ କ୍ଲବ୍ ଯଥା ଗତବର୍ଷର ରନର୍ସଅପ୍ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍ ସହ ଫାଓ ଏକାଦଶ, ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱରର କିଶୋର କ୍ଲବ୍ ସହ ସମ୍ବଲପୁର ଫୁଟ୍‌ବଲ ଏକାଡେମୀ, ୧୨ ତାରିଖରେ ପ୍ରଥମ କଟକର ସନ୍‌ରାଇଜ୍ କ୍ଲବ୍ ସହ ଝାରସୁଗୁଡ଼ା ଏକାଦଶ, ଦ୍ୱିତୀୟ ମ୍ୟାଚ୍ କଟକର ମଙ୍ଗଳା କ୍ଲବ୍ ସହ ଚାମ୍ପିଅନ ଭୁବନେଶ୍ୱରର ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନର ମୁକାବିଲା ହେବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS